

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୦୮ ଅକ୍ଟୋବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 08 October 2025

Vol.No. 36 ■ No.264 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


# ପାଖଉଛି ନିର୍ବାଚନ, ଛିଡୁନି ଆସନ ବଣ୍ଟନ: ଅଧିକ ସିଟ୍ ମାଗୁଛନ୍ତି ଚିରାଗ ପାସୱାନ



ନୂଆଦିଲ୍ଲୀ,୦୭/୧୦ : ବିହାର ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା ପରେ ସବୁ ରାଜନୈତିକ ଦଳ ତତ୍ପର ହୋଇଉଠିଛନ୍ତି । ତେବେ ସବୁ ଦଳଙ୍କ ମଧ୍ୟରେ ଆସନ ବୁଝାମଣା ନେଇ ବିବାଦ ଦେଖାଦେଇଛି । ସହଯୋଗୀ ଦଳଙ୍କୁ ସନ୍ତୁଷ୍ଟ କରି ଆସନ ବଣ୍ଟନ ପାଇଁ ଜୋରଦାର କସରତ ଚଳାଇଛନ୍ତି ବିରୋଧୀ ମହାଗଠବନ୍ଧନ ଏବଂ ଶାସକ ଏନଡିଏ । ବିହାରରେ ବାଜି ସାରିଲାଣି ନିର୍ବାଚନୀ ବିଗୁଲ । ଭୋଟ୍ କବାଟ ବାଡ଼େଇଲାଣି, ନେତା ଘରେ କମ୍ ବାହାରେ ବେଶି ଡେରା ପକାଇଲେଣି । ଚା' ଦୋକାନଠାରୁ ଆରମ୍ଭ କରି କର୍ପୋରେଟ୍ ଅଫିସ୍, ସବୁଠି ରାଜନୀତିର ଗପ । ଏଥର କିଏ ମାରିବ ବାଜି, ନୀତୀଶ ନା ତେଜସ୍ୱୀ । ଏସବୁ ଭିତରେ ଆଶାୟୀ ପ୍ରାର୍ଥୀଙ୍କ ଛାତି ଧଡ଼ଧଡ଼ । କାରଣ ଆସନ ଭାଗବଣ୍ଟା ଗଣିତ ଛିଡୁନି । ତେଜସ୍ୱୀ ଯାଦବଙ୍କ ଘରେ ବସୁଛି ମହାଗଠବନ୍ଧନର ମାରାଥନ ବୈଠକ । କୁହାଯାଉଛି, ଦିନେ ଦୁଇଦିନ ମଧ୍ୟରେ ମହାଗଠବନ୍ଧନ ଆସନ ଘୋଷଣା କରିପାରେ । ସେହିପରି ମହାଗଠବନ୍ଧନର ମୁଖ୍ୟମନ୍ତ୍ରୀ ଚେହେରା ଭାବେ ମଧ ତେଜସ୍ୱୀଙ୍କ ନାଁରେ ବିଧିବଦ୍ଧ ମୋହର ବାଜିନାହିଁ । ଏଥର ନଜର କଂଗ୍ରେସ ଉପରେ ରହିବ । ରାହୁଲଙ୍କ ମାରାଥନ ରାଲି ପରେ କେତେ ଆସନ ପାଉଛି କଂଗ୍ରେସ । ଏନଡିଏ ଶିବିର ମଧ ଚିନ୍ତାରେ ଅଛି । କୁହାଯାଉଛି ଯେ ଏନଡିଏ ଉପରେ ଚିରାଗ ଖପ୍ପା, ଫୋନ ଅଫ୍ । ବିଜେପିର ନିର୍ବାଚନ ପ୍ରଭାରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ପ୍ରଭାରୀ ବିନୋଦ ତାୱଡ଼େ ଚିରାଗଙ୍କ ଘରକୁ ଯାଇ ସାକ୍ଷାତ କରିଛନ୍ତି । ଚିରାଗ ପୂର୍ବରୁ କହିସାରିଛନ୍ତି, ଦଳକୁ ସମ୍ମାନଜନକ ଆସନ ମିଳିବା ଦରକାର । ଚିରାଗ ପ୍ରାୟ ୪୦ଟି ଆସନ ଦାବି କରୁଛନ୍ତି । ପାଞ୍ଚଟି ପ୍ରମୁଖ ଆସନ ପାଇଁ ମଧ ନେଇ ଜିଦ୍ ଧରିଛନ୍ତି । ଗୋବିନ୍ଦଗଞ୍ଜ, ବ୍ରହ୍ମପୁର, ଅତ୍ରି, ମହୁଆ ଏବଂ ସିମରି ବଖତିୟାରପୁର । ଅନ୍ୟପଟେ ଜେଡିୟୁ ମଧ ଏଥିରୁ ତିନିଟି ଆସନ ଛାଡ଼ିବାକୁ ପ୍ରସ୍ତୁତ ନୁହେଁ । ଚିରାଗଙ୍କ ଦଳ ୨୦୨୦ ବିଧାନସଭା ନିର୍ବାଚନରେ ମେଣ୍ଟରୁ ବାହାରେ ରହି ନୀତୀଶ କୁମାରଙ୍କ ଗେମ୍ ପ୍ଲାନ୍‌କୁ ନଷ୍ଟ କରିଦେଇଥିଲେ । ଏହି କାରଣରୁ ଅମିତ ଶାହ ଦିଲ୍ଲୀରେ ଅନୁଷ୍ଠିତ ବିହାର କୋର କମିଟି ବୈଠକରେ ସ୍ପଷ୍ଟ କରିଥିଲେ ଯେ, ୨୦୨୦ର ଭୁଲ ପୁନରାବୃତ୍ତି କରାଯିବା ଉଚିତ୍ ନୁହେଁ । ବିଜେପି ସାମ୍ନାରେ ଥିବା ଚ୍ୟାଲେଞ୍ଜ ହେଉଛି ଚିରାଗଙ୍କ ସହିତ ଜିତନ ରାମ ମାଞ୍ଜି ଏବଂ ଉପେନ୍ଦ୍ର କୁଶୱାହାଙ୍କ ଦଳଗୁଡ଼ିକ ମଧ ଅଧିକ ଆସନ ମାଗିପାରନ୍ତି ।

## ନୂଆପଡ଼ା ଉପନିର୍ବାଚନ ପାଇଁ ଘାସୀରାମ ମାଝୀ କଂଗ୍ରେସ ପ୍ରାର୍ଥୀ



ଭୁବନେଶ୍ୱର, ୦୭/୧୦ (ନି.ପ୍ର): ଅଙ୍କକଷାରେ ପୂର୍ଣ୍ଣଚ୍ଛେଦ ପକାଇଛି କଂଗ୍ରେସ । ଏଆଇସିସି ପକ୍ଷରୁ ନୂଆପଡ଼ା ଉପନିର୍ବାଚନ ପାଇଁ କଂଗ୍ରେସ ପ୍ରାର୍ଥୀ ଘୋଷଣା କରାଯାଇଛି । ଘାସୀରାମ ମାଝୀଙ୍କୁ କଂଗ୍ରେସ ପ୍ରାର୍ଥୀ କରିଛି । ତେବେ ବିଜେଡି ଓ ବିଜେପି ପକ୍ଷରୁ ଏଯାଏ ପ୍ରାର୍ଥୀ ଘୋଷଣା କରାଯାଇନାହିଁ । ନୂଆପଡ଼ା ଉପନିର୍ବାଚନ ପାଇଁ ବିଗୁଲ ବାଜିବା ପରେ କମ୍ପିଲାଣି ପ୍ରଚାର ମୈଦାନ । ନୂଆପଡ଼ା ଦଖଲ ପାଇଁ ୩ ଦଳ ନିଜ ଢଙ୍ଗରେ ପ୍ରସ୍ତୁତ କଲେଣି ରଣନୀତି । ସରକାରରେ ଥିବାରୁ ବିଜେପି କାହାକୁ ପ୍ରାର୍ଥୀ କରିବ ତା ଉପରେ ସମସ୍ତଙ୍କର ନଜର ରହିଛି ।

▶▶ପୃଷ୍ଠା ୭

## ସ୍ୱାଭାବିକ ହେଲା ସିଲ୍‌ଭର ସିଟି : କଟକରେ ହଟିଲା କର୍ଫ୍ୟୁ କଟକଣା, ସ୍ୱାଭାବିକ ହେଲା ଅନ୍‌ଲାଇନ୍ ସେବା

କଟକ, ୦୭/୧୦ (ନି.ପ୍ର): କଟକରେ ହଟିଲା କର୍ଫ୍ୟୁ କଟକଣା। ଏହା ପରେ ଧୀରେ ଧୀରେ ସ୍ୱାଭାବିକ ହେଉଛି ଜୀବନଯାତ୍ରା । ତେବେ ସ୍ପର୍ଶକାତର ଅଞ୍ଚଳରେ ପୁଲିସ ମୁତୟନ ହୋଇଛନ୍ତି । ଗୁଜବ ଉପରେ ଧ୍ୟାନ ଶାନ୍ତି ଓ ଭାଇଚାରା ବଜାୟ ରଖିବାକୁ ସମସ୍ତେ ଅପିଲ କରିଛନ୍ତି । କର୍ଫ୍ୟୁ ହଟିବା ପରେ କଟକର ପ୍ରମୁଖ ଅଂଚଳ ମାଲଗୋଦାମ, ଛତ୍ରବଜାର ସମେତ ବିଭିନ୍ନ ଅଂଚଳରେ ସ୍ୱାଭାବିକ ସ୍ଥିତି ରହିଛି । ଧୀରେ ଧୀରେ ଚଳଚଞ୍ଚଳ ହେଉଛି କଟକ , ୩୬ ଘଣ୍ଟା ପରେ ବାହାରକୁ ବାହାରିଛନ୍ତି ଲୋକେ । ଭାଇଚାରାର ସହରରେ ସ୍ଥିତି ସ୍ୱାଭାବିକ ହେବା ପରେ ଲୋକଙ୍କ ଖୁସି କାହିଁରେ କଣ । ପୁଣି ବେପାର ଜମିବ ବୋଲି ବ୍ୟବସାୟୀ ଆଶା ବାନ୍ଧିଥିବାବେଳେ ଲୋକେ ପଦାକୁ ବାହାରି ନିତ୍ୟ ବ୍ୟବହାର ସାମଗ୍ରୀ କିଣିଛନ୍ତି ।

▶▶ପୃଷ୍ଠା ୭

## ଚଳନ୍ତା ବସ୍‌ରେ ଆତଙ୍କରାଜ : ଫିଲ୍ମ ଷ୍ଟାଇଲରେ କଟୁରିରେ ହାଣିଲା

ଭୁବନେଶ୍ୱର, ୦୭/୧୦ (ନି.ପ୍ର): ଚଳନ୍ତା ବସ୍‌ରେ ଦେହରେ ଘଷି ହୋଇଗଲା ବୋଲି ତାତି ଉଠିଲା ସଇତାନ ତୋଫାନ । କଟୁରି ବାହାର କଲା ଏବଂ ଫିଲ୍ମ ଅନ୍ଦାଜରେ ହାଣିଲା । ଯିଏ ବାଧା ଦେଲା ତା ଉପରେ ବସିଲା ତୋଫାନର କଟୁରି ଚୋଟ । ପୁଲିସ କର୍ମଚାରୀଙ୍କ ସହ ୭ ଜଣଙ୍କୁ ଅତି ନିର୍ମମ ଭାବେ କଟୁରିରେ ହାଣିଲା ତୋଫାନ । ଦୀର୍ଘ ଘଣ୍ଟା ପରେ ତୋଫାନକୁ କାବୁ କରିଛି ପୁଲିସ । ଗଡ଼ଖାରଦରୁ କଣାସ ଅଭିମୁଖେ ଗଡୁଥିଲା ବସ୍, ଗନ୍ତବ୍ୟସ୍ଥଳରେ ପହଞ୍ଚିବାକୁ ଅପେକ୍ଷାରେ ଥିଲେ ଯାତ୍ରୀ । ହେଲେ ହଠାତ୍ କୋଟକଣା ଛକରେ ଚଳନ୍ତା ବସ୍‌ରେ ଆତଙ୍କରାଜ ଆରମ୍ଭ କରିଥିଲା ସତ୍ୟବାଦୀର ସଇତାନ ତୋଫାନ ଭୋଇ । କେହି କିଛି ଭାବିବା ପୂର୍ବରୁ ସାଥୀରେ ଆଣିଥିବା କଟୁରି ବାହାର କରିଥିଲା ଏବଂ ଚଳନ୍ତା ବସ୍‌ରେ ସାମ୍ନାରେ ଯିଏ ପଡିଲା ତାକୁ ଚୋଟ ପରେ ଚୋଟ ମାରି ଚାଲିଥିଲା । ବସ୍ ଭିତରେ ଯିଏ ବାଧା ଦେଲା, ସିଏ ଖାଇଲା ତୋଫାନର କଟୁରି ଚୋଟ ।

▶▶ପୃଷ୍ଠା ୭

## ବିଜେପି ନେତାଙ୍କୁ ଗୁଳିମାଡ ପରେ ସ୍ତବ୍ଧ ବ୍ରହ୍ମପୁର : ଶୋକାକୁଳ ପରିବେଶରେ ଶେଷ ହେଲା ଶେଷକୃତ୍ୟ



ବ୍ରହ୍ମପୁର, ୦୭/୧୦ (ନି.ପ୍ର): ବାଇକରେ ଆସିଲେ, ଆଉ ଗୁଳି କରି ଚାଲିଗଲେ , ବ୍ରହ୍ମପୁରରେ ଘଟିଲା ବୀଭତ୍ସ ହତ୍ୟା । ଗୁଳିମାଡ଼ରେ ବ୍ରହ୍ମପୁରର ଜଣାଶୁଣା ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡାଙ୍କ ମୃତ୍ୟୁ ଘଟିଛି । ରାତି ପ୍ରାୟ ୧୦ଟା ବେଳେ ପୀତବାସ ନିଜ ଘରକୁ ସ୍କୁଟି ଯୋଗେ ଫେରୁଥିଲେ । ଘର ପାଖରେ ଅର୍ଥାତ୍ ବୈକୁଣ୍ଠନଗରରେ ପହଞ୍ଚିଲା ବେଳକୁ ଛକି ରହିଥିଲେ ଦୁର୍ବୃତ୍ତ । ଆଉ ପଏଣ୍ଟ ବ୍ଲାଙ୍କରୁ ଗୁଳି ମାରି ଫେରାର ହୋଇଯାଇଥିଲେ ଦୁର୍ବୃତ୍ତ । ପୀତବାସଙ୍କ ଛାତିରେ ବାଜିଥିଲା ଦୁଇ ରାଉଣ୍ଡ ଗୁଳି। ଗୁରୁତର ଅବସ୍ଥାରେ ତାଙ୍କୁ ଏମ୍‌କେସିଜି ମେଡିକାଲ ନିଆଯାଇଥିଲା । କିନ୍ତୁ ସେତେବେଳକୁ ସବୁ ସରିଯାଇଥିଲା । ମେଡିକାଲରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ରାତିରେ ପୀତବାସଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା । ଆଜି ଅପରାହ୍ଣରେ ତାଙ୍କର ଶେଷକୃତ୍ୟ ହୋଇଛି । ବ୍ରହ୍ମପୁରରେ ଘଟିଥିବା ଏଭଳି ଘଟଣା ଓଡ଼ିଶା ନୁହେଁ, ଦେଶରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । ଜଣେ ପ୍ରତିଷ୍ଠିତ ଆଇନଜୀବୀ ସାଙ୍ଗକୁ ବିଜେପି ନେତା ଥିଲେ ପୀତବାସ । ବ୍ରହ୍ମପୁରରେ ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡାଙ୍କୁ କିଏ ଓ କାହିଁକି କଲା ହତ୍ୟା, ତାହା ଜଣାପଡ଼ିନାହିଁ ।

▶▶ପୃଷ୍ଠା ୭

## ବିକାନେରରେ ମାଲବାହୀ ଟ୍ରେନର ୩୭ଟି ୱାଗନ ଲାଇନଚ୍ୟୁତ

ନୂଆଦିଲ୍ଲୀ,୦୭/୧୦ : ମଙ୍ଗଳବାର ସକାଳ ପ୍ରାୟ ୭ଟା ସମୟରେ ବିକାନେର ଡିଭିଜନର ଗଜନେର-କୋଲାୟତ ଷ୍ଟେସନ ମଧ୍ୟରେ ବିକାନେରରୁ ଜୈସଲମେର ଯାଉଥିବା ଏକ ମାଲବାହୀ ଟ୍ରେନ ଲାଇନଚ୍ୟୁତ ହୋଇଛି। ମାଲବାହୀ ଟ୍ରେନର ୩୭ଟି ୱାଗନ ଲାଇନଚ୍ୟୁତ ହୋଇଛି। କୌଣସି ମୃତାହତଙ୍କ ରିପୋର୍ଟ ନାହିଁ। ଗଜନେର-କୋଲାୟତ ଷ୍ଟେସନ ମଧ୍ୟରେ ଥିବା ଇଣ୍ଡୋ କା ବାଲା ଗ୍ରାମ ନିକଟରେ ଏହି ଦୁର୍ଘଟଣା ଘଟିଛି। ସକାଳ ୭ଟା ସମୟରେ ମାଲବାହୀ ଟ୍ରେନଟି ବିକାନେରରୁ ଜୈସଲମେର ଯାଉଥିବା ବେଳେ ଇଣ୍ଡୋ କା ବାଲା ଗ୍ରାମ ନିକଟରେ ଏହା ଲାଇନଚ୍ୟୁତ ହୋଇଥିଲା।

▶▶ପୃଷ୍ଠା ୭

## ସୁପ୍ରିମ୍‌କୋର୍ଟରେ କଫ୍ ସିରପ୍ ମାମଲା: ଘଟଣାର ସିବିଆଇ ତଦନ୍ତ ଦାବି



ନୂଆଦିଲ୍ଲୀ,୦୭/୧୦ : ମଧ୍ୟପ୍ରଦେଶର ଛିନ୍ଦୱାଡ଼ା ଜିଲ୍ଲାରେ ବିଷାକ୍ତ କଫ୍ ସିରପ୍ ପିଇ ୧୪ ପିଲାଙ୍କର ମୃତ୍ୟୁ ମାମଲା ବର୍ତ୍ତମାନ ସୁପ୍ରିମକୋର୍ଟରେ ପହଞ୍ଚିଛି । ପିଆଇଏଲ୍ ଦାଖଲ୍ ହୋଇଛି, ଯେଉଁଥିରେ ସିବିଆଇ ଦ୍ୱାରା ତଦନ୍ତ କରିବାକୁ ଦାବି କରିଛନ୍ତି ଆବେଦନକାରୀ । ଏହାଛଡ଼ା ମହାରାଷ୍ଟ୍ରର ନାଗପୁରରେ ମଧ ସମାନ ଘଟଣା ଘଟିଛି । ମଧ୍ୟପ୍ରଦେଶ ସରକାରଙ୍କ ଲ୍ୟାବ୍ ପରୀକ୍ଷାରେ ସିରପ୍‌ରେ ବିଷାକ୍ତ ଡାଇଥାଇଲିନ୍ ଗ୍ଲାଇକଲ୍ ମିଳିଛି, ଯାହା ଔଷଧୀୟ ପ୍ରୟୋଗରେ ନିଷିଦ୍ଧ । ତାମିଲନାଡୁର ଶ୍ରୀସନ୍ ଫାର୍ମା ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ନିର୍ମିତ ଏହି ସିରପ୍‌କୁ ବ୍ୟାନ୍ କରାଯାଇଛି । ରାଜ୍ୟ ସରକାର ୩ଜଣଙ୍କୁ ନିଲମ୍ବନ କରିଛନ୍ତି ଏବଂ ଔଷଧ ନିୟନ୍ତ୍ରକଙ୍କୁ ବଦଳି କରାଯାଇଛି । ସ୍ପେଶାଲ୍ ଇନଭେଷ୍ଟିଗେସନ୍ ଟିମ୍ ଗଠନ ହୋଇଛି । ସମସ୍ତ ଏଫ୍‌ଆଇଆର୍ ସିବିଆଇକୁ ହସ୍ତାନ୍ତର କରି ବିଚାରପତିଙ୍କ ନିରୀକ୍ଷଣରେ ତଦନ୍ତ କରାଯାଇବାକୁ କୁହାଯାଇଛି । ମୃତ ପରିବାରକୁ କ୍ଷତିପୂରଣ ଏବଂ ଔଷଧ ସୁରକ୍ଷା ପୋର୍ଟାଲ୍ ଗଠନର ଦାବି ମଧ କରାଯାଇଛି । ଏହି ମାମଲାରେ, ଆବେଦନ କାରୀମାନେ ସିବିଆଇ ତଦନ୍ତ ଦାବି କରିଛନ୍ତି ଏବଂ ବଜାରରେ ଉପଲବ୍ଧ ସମସ୍ତ ସନ୍ଦିଗ୍ଧ କଫ୍ ସିରପକୁ ତୁରନ୍ତ ଜବତ କରିବା ପାଇଁ ମଧ ଆବେଦନ କରିଛନ୍ତି । କଫ୍ ସିରପ ଯୋଗୁଁ ପିଲାମାନଙ୍କର ମୃତ୍ୟୁ ପରେ, ଡାକ୍ତରମାନେ ପିତାମାତାଙ୍କୁ ଡାକ୍ତରଙ୍କ ପରାମର୍ଶ ବିନା କୌଣସି ଔଷଧ ନ ଦେବାକୁ ପରାମର୍ଶ ଦେଇଛନ୍ତି ।

## ୬୦ କୋଟି ଟଙ୍କା ଠକେଇ ମାମଲାରେ ଶିଳ୍ପା ସେଟ୍ଟୀଙ୍କୁ ପଚରାଉଚରା

ନୂଆଦିଲ୍ଲୀ,୦୭/୧୦ : ଅଭିନେତ୍ରୀ ଶିଳ୍ପା ସେଟ୍ଟୀ ଏବଂ ତାଙ୍କ ସ୍ୱାମୀ ରାଜ କୁନ୍ଦ୍ରା ଏକ କଥିତ ୬୦ କୋଟି ଟଙ୍କା ଠକେଇ ମାମଲାକୁ ନେଇ ବହୁତ ଦିନ ଧରି ଖବରରେ ଅଛନ୍ତି। ମୁମ୍ବାଇ ପୋଲିସର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ) ଏହି ମାମଲାରେ ଅଭିନେତ୍ରୀଙ୍କୁ ବ୍ୟାପକ ପଚରାଉଚରା କରିଛି। ସୂତ୍ର ଅନୁସାରେ, ଇଓଡବ୍ଲୁ ଦଳ ଗତକାଲି ରାତିରେ ଶିଳ୍ପାଙ୍କ ମୁମ୍ବାଇ ସ୍ଥିତ ବାସଭବନକୁ ଯାଇ ପ୍ରାୟ ୪ ଘଂଟା ୩୦ ମିନିଟ୍ ଧରି ପଚରାଉଚରା କରିଥିଲା। ତଦନ୍ତକାରୀ ସଂସ୍ଥା ଶିଳ୍ପାଙ୍କୁ ବିଜ୍ଞାପନ କମ୍ପାନୀର ବ୍ୟାଙ୍କ ଆକାଉଂଟ ଏବଂ କାରବାର ସମ୍ପର୍କରେ ସୂଚନା ମାଗିଥିଲା, ଯାହା ମାଧ୍ୟମରେ ଏହି ଆର୍ଥିକ ଠକେଇ କରାଯାଇଥିଲା। ରିପୋର୍ଟ ହୋଇଛି ଯେ, ଅଭିନେତ୍ରୀ ଇଓଡବ୍ଲୁକୁ ଅନେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଏବଂ ବ୍ୟାଙ୍କ ବିବରଣୀ ଦାଖଲ କରିଛନ୍ତି, ଯାହା ବର୍ତ୍ତମାନ ତଦନ୍ତାଧୀନ ଅଛି। ଇଓଡବ୍ଲୁ ସହିତ ଜଡ଼ିତ ଥିବା ସୂତ୍ର ଅନୁସାରେ, ଶିଳ୍ପା ଏବଂ ରାଜ

▶▶ପୃଷ୍ଠା ୭

## ପୁଣି ଟାର୍ଗେଟରେ ପାକ୍ ଯବାନ: ଟ୍ରେନ୍‌ର ୬ କୋଚ୍ ଲାଇନଚ୍ୟୁତ, ବହୁ ଆହତ



ନୂଆଦିଲ୍ଲୀ,୦୭/୧୦ : ପାକିସ୍ତାନରେ ପାକିସ୍ତାନୀ ସୈନ୍ୟ ଯାଉଥିବା ଟ୍ରେନକୁ ପୁଣି ବଲୁଚି ବିଦ୍ରୋହୀଙ୍କ ଟାର୍ଗେଟ୍ । ଟ୍ରେନ୍ ଟ୍ରାକରେ ଶକ୍ତିଶାଳୀ ଆଇଇଡି ବିସ୍ଫୋରଣ ଯୋଗୁ ୬ଟି କୋଚ୍ ଲାଇନଚ୍ୟୁତ ହୋଇଛି । ଏଥିରେ କାହାର ମୃତ୍ୟୁ ନେଇ ସୂଚନା ମିଳି ନଥିଲେ ମଧ ବହୁଲୋକ ଆହତ ହୋଇଛନ୍ତି । ପାକିସ୍ତାନରେ ପୁଣି ଜାଫର ଏକ୍ସପ୍ରେସକୁ ଇମ୍ପ୍ରୋଭାଇଜ୍ଡ ଏକ୍ସପ୍ଲୋସିଭ୍ ଡିଭାଇସ୍- ଆଇଇଡି ବିସ୍ଫୋରଣ ଦ୍ୱାରା ଟାର୍ଗେଟ୍ କରାଯାଇଛି । ପାକିସ୍ତାନୀ ଯବାନଙ୍କୁ ନେଇ ଟ୍ରେନଟି ବଲୁଚିସ୍ତାନ ଅଭିମୁଖେ ଯାଉଥିଲା । ହଠାତ୍ ସୁଲତାନପୁର ନିକଟରେ ଟ୍ରାକରେ ବିସ୍ଫୋରଣ ହୋଇଛି । ଏଥିରେ ଜାଫର ଏକ୍ସପ୍ରେସର ୬ଟି କୋଚ୍ ଲାଇନଚ୍ୟୁତ ହୋଇଛି । କାହାରି ମୃତ୍ୟୁ ହୋଇ ନଥିଲେ ମଧ ବହୁ ଲୋକ ଆହତ ହୋଇଛନ୍ତି । ବିସ୍ଫୋରଣ ପରେ ଉଦ୍ଧାରକାରୀ ଦଳ ଏବଂ ସୁରକ୍ଷାବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ । ସାମାଜିକ ଗଣମାଧ୍ୟମରେ ବିସ୍ଫୋରଣ ପରର ଭୟଙ୍କର ଚିତ୍ର ଦେଖିବାକୁ ମିଳୁଛି । ଏହି ଆଇଇଡି ବିସ୍ଫୋରଣ ପାଇଁ ବଲୁଚିସ୍ତାନ ବିଦ୍ରୋହୀ ଗୋଷ୍ଠୀ- ବଲୁଚିସ୍ତାନ ରିପବ୍ଲିକ ଗାର୍ଡସ୍- ବି.ଆର.ଜି ନଜକୁ ଦାୟୀ କରିଛି ।

▶▶ପୃଷ୍ଠା ୭

## ହରିୟାଣା ଏଡିଜିପି ୱାଇ. ପୁରନ କୁମାରଙ୍କ ମୃତ୍ୟୁ : ଘରେ ସର୍ଭିସ ବନ୍ଧୁକରୁ ଗୁଳି କରି ଆତ୍ମହତ୍ୟା କରିଥିବା ସନ୍ଦେହ



ନୂଆଦିଲ୍ଲୀ,୦୭/୧୦ : ହରିୟାଣା ପୁଲିସ ମହାନିରୀକ୍ଷକ (ଆଇଜିପି) ୱାଇ ପୁରନ କୁମାରଙ୍କୁ ଚଣ୍ଡିଗଡ଼ର ସେକ୍ଟର ୧୧ ସ୍ଥିତ ତାଙ୍କ ଘରେ ଗୁଳି ବାଜିଥିବା ଅବସ୍ଥାରେ ମୃତଦେହ ମିଳିଥିଲା । କେନ୍ଦ୍ରୀୟ ଫୋରେନସିକ୍ ସାଇନ୍ସ ଲାବୋରେଟୋରୀ ଦଳ ଘଟଣାସ୍ଥଳରେ ପହଞ୍ଚିଛି ଏବଂ ତଦନ୍ତ ଚଳାଇଛି । ଘଟଣା ସମୟରେ କୁମାରଙ୍କ ପତ୍ନୀ ତଥା ହରିୟାଣାର ବରିଷ୍ଠ ଆଇଏଏସ୍ ଅଧିକାରୀ ଅମନୀତ ପି କୁମାର ଘରେ ନଥିଲେ । ବର୍ତ୍ତମାନ ସେ ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂହ ସୈନିଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳର ଅଂଶ ଭାବରେ ଜାପାନରେ ଅଛନ୍ତି । ସେ ବୁଧବାର ସକାଳେ ଚଣ୍ଡିଗଡ଼ରେ ପହଞ୍ଚିବେ ବୋଲି ଆଶା କରାଯାଉଛି । ପୁଲିସ କହିଛି ଯେ ପୂରଣ କୁମାର ତାଙ୍କ ସର୍ଭିସ୍ ରିଭଲଭରରେ ନିଜକୁ ଗୁଳି କରିଥିବା ଅଭିଯୋଗ ହୋଇଛି ଏବଂ ମୃତଦେହ ପ୍ରଥମେ ତାଙ୍କ ଝିଅ ବେସମେଣ୍ଟରେ ଦେଖିବାକୁ ପାଇଥିଲେ । କୁମାରଙ୍କୁ ସେପ୍ଟେମ୍ବର ୨୯ ତାରିଖରେ ରୋହତକର ସୁନାରିଆରେ ପୁଲିସ ତାଲିମ କେନ୍ଦ୍ରର ମହାନିରୀକ୍ଷକ ଭାବରେ ନିଯୁକ୍ତି ଦିଆଯାଇଥିଲା । ଏହା ପୂର୍ବରୁ ସେ ପାଞ୍ଚ ମାସ ପାଇଁ ରୋହତକ ରେଞ୍ଜ ଆଇଜି ଥିଲେ । ତାଙ୍କ ମୃତ୍ୟୁ ପୁଲିସ ଏବଂ ପ୍ରାଶାସନିକ ମହଲକୁ ମର୍ମାହତ କରିଛି ।

## ଗ୍ରାନାଇଟ୍ ଖଣିରେ ବିସ୍ଫୋରଣ: ତିନି ଶ୍ରମିକଙ୍କ ମୃତ୍ୟୁ

ଆନ୍ଧ୍ରପ୍ରଦେଶ, ୦୭/୧୦ (ନି.ପ୍ର): ଗଜପତି ସୀମାନ୍ତ ଆନ୍ଧ୍ରପ୍ରଦେଶର ପାଡୁ ନିକଟ ମେଳିଆପୁଟି ମଣ୍ଡଳର ଗଙ୍ଗାରାଜୁପୁରମ ରାଜଯୋଗ ଗ୍ରାନାଇଟି ଖଣିରେ ଆଜି ଏକ ବଡ଼ଧରଣର ବିସ୍ଫୋରଣ ଘଟିଛି । ଏହି ବିସ୍ଫୋରଣରେ ତିନି ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଏଥି ସହିତ ଅନ୍ୟ ୩ଜଣ ଗୁରୁତର ଅଛନ୍ତି ଶ୍ରମିକମାନେ କୁଆଁରିରେ କାମ କରୁଥିବା ବେଳେ ବିସ୍ଫୋରଣ ଘଟିଛି । ମୃତକମାନେ ହେଲେ ରାଜସ୍ଥାନର ହେମରାଜ ମେଘୱାଲ (୨୫), ବିହାରର ଶ୍ରବଣ କୁମାର (୪୫) ଓ ମଧ୍ୟପ୍ରଦେଶର ପିଣ୍ଟୁ । ୩ ଗୁରୁତର ଶ୍ରମିକଙ୍କର ପରିଚୟ ମିଳିନାହିଁ । ଆଜି ଅପରାହ୍ନ ୪ରେ ପଥର କୁଆଁରିରେ ବିସ୍ଫୋରଣ ପାଇଁ ସବୁ ସରଞ୍ଜାମ ଯୋଗାଡ କରି ରଖିଥିବା ବେଳେ ହଠାତ ବର୍ଷା ଆସିଥିଲା। ଫଳରେ ଶ୍ରମିକମାନେ ଜିନିଷପତ୍ର ଏଣେତେଣେ

▶▶ପୃଷ୍ଠା ୭

# ମନୋରଞ୍ଜନ ସାହୁଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ବୈଶିଙ୍ଗା, ୦୭/୧୦ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ଅସ୍ତପୁରା ସ୍ଥିତ କୈଳାସ ହେଚେରୀ କାର୍ଯ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଛି ।ଆସନ୍ତା ନଭେମ୍ବର ମାସର ୧୦,୧୧, ୧୨/୨୦୨୫ ରିଖରେ କୈଳାସ ହେଚେରୀ(ମତ୍ସ୍ୟ ଜାଆଁଳା କେନ୍ଦ୍ର)ର ପ୍ରତିଷ୍ଠାତା ସ୍ୱର୍ଗତ ମନୋରଞ୍ଜନ ସାହୁଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ବିଭିନ୍ନ ପ୍ରକାରର ଭବ୍ୟ ଆୟୋଜନ ସବୁ ହେବାକୁ ଯାଉଛି । ସ୍ୱର୍ଗତ ମନୋରଞ୍ଜନ ସାହୁ ଜଣେ ଅନନ୍ୟ ଅସାଧାରଣ ପାରଦର୍ଶିତା ସମ୍ପନ୍ନ ବ୍ୟକ୍ତିତ୍ୱ ଥିଲେ ଯିଏ କି ତାଙ୍କର ବିରଳ ପ୍ରତିଭା ଓ ନିଷ୍ଠାପର ନିଆରା କାର୍ଯ୍ୟ ନିମନ୍ତେ ଏକାଧିକବାର ଜାତୀୟ ସ୍ତରରେ ପୁରସ୍କୃତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି । ତାଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆୟୋଜିତ ହେବାକୁ ଥିବା ଉକ୍ତ ତ୍ରିଦିବସୀୟ କାର୍ଯ୍ୟକ୍ରମରେ ଅଖଣ୍ଡ ନାମ ସଂକୀର୍ତ୍ତନ,ଶ୍ରାଦ୍ଧୋତ୍ସବ,ଘୃତ ଯଜ୍ଞ,ଅନ୍ନ ଯଜ୍ଞ,ଗୀତା ଯଜ୍ଞ, ରକ୍ତଦାନ ଶିବିର, ପୁସ୍ତକ ଲୋକାର୍ପଣ,ବୃକ୍ଷରୋପଣ ତତ୍ ସହିତ ମନୋରଞ୍ଜନ ସାହୁଙ୍କର ସଂପୂର୍ଣ୍ଣ ଅବୟବର ଏକ ପ୍ରତିମୂର୍ତ୍ତି ପ୍ରତିଷ୍ଠା ହେବ। ସବୁଠାରୁ ବଡ଼ କଥାଟି ହେଲା ଉଦଯାପନୀ ଦିବସ ଅର୍ଥାତ୍ ୧୨/୧୧/୨୫ରିଖ ରେ ୧୦,୦୦୦ ମତ୍ସ୍ୟ ଚାଷୀଙ୍କ ଯୋଗଦାନରେ ଏକ ସର୍ବଭାରତୀୟ ସ୍ତରର ବିଶାଳ ମତ୍ସ୍ୟ ଚାଷୀ ସମାବେଶ ଅନୁଷ୍ଠିତ ହେବ। ଉକ୍ତ ଭବ୍ୟ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାର ମାନ୍ୟବର ସାଂସଦ, ବିଧାୟିକ, ବିଧାୟିକା ଓ ମନ୍ତ୍ରୀ ଉପସ୍ଥିତ ରହି ନିଜ ସ୍ୱକରକମଳରେ ସମସ୍ତ କାର୍ଯ୍ୟ ସମ୍ପାଦନ କରିବେ ବୋଲି ଆଜିର କୋର୍ କମିଟି ସଦସ୍ୟଙ୍କ ଉପସ୍ଥିତିରେ ଆୟୋଜିତ ପ୍ରସ୍ତୁତି ବୈଠକରେ କାର୍ଯ୍ୟକ୍ରମର ଆବାହକ ଶ୍ରୀ ଅକ୍ଷୟ କୁମାର ସାହୁ ପ୍ରକାଶ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ମାନ୍ୟବର ମନ୍ତ୍ରୀଙ୍କ ଦ୍ୱାରା ୧୦୦ ଜଣ ସଫଳ ମତ୍ସ୍ୟ ଚାଷୀଙ୍କୁ, ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କର ଆତ୍ମନିର୍ଭର ଭାରତ ଯୋଜନାର ସଫଳ ରୂପାୟନ କରିଥିବାରୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କୈଳାସ ମାଛ ଯାଆଁଳ କେନ୍ଦ୍ରର ଆଇନ୍ ପରାମର୍ଶ ଦାତା ବରିଷ୍ଠ ଆଇନଜୀବୀ ଶ୍ରୀଯୁକ୍ତ ବିଜୟ କୁମାର ପାଣିଗ୍ରାହୀ,ଓଡିଶା ରକ୍ତଦାତା ସଂଘର ସମ୍ପାଦକ ଶ୍ରୀ ଗୋପାଳ ଚନ୍ଦ୍ର ସାହୁ, ଅକ୍ଷୟ କୃଷି ପରିବାରର ସଦସ୍ୟ ଶ୍ରୀ ସଞ୍ଜୟ ସାହୁ, କୈଳାସ ମାଛଯାଆଁଳ କେନ୍ଦ୍ରର ମିଡ଼ିଆ ସଂଯୋଜକ ପ୍ରତିମା ବାରିକ ଓ ବହୁ ସଦସ୍ୟ ଉପସ୍ଥିତ ରହିଥିଲେ।

# ଇରା ମହାନ୍ତିଙ୍କ କଣ୍ଠ ସ୍ୱରରେ କମ୍ପିବ ଶରଧାବାଲି

ପୁରୀ, ୦୭/୧୦ (ନି.ପ୍ର): କୁମାର ଉତ୍ସବ ସମିତି ପକ୍ଷରୁ ୫୮ତମ କୁମାର ଉତ୍ସବ ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ଅକ୍ଟୋବର ୮ ରୁ ୧୦ ତାରିଖ ତିନିଦିନ ସଂଧ୍ୟାରେ ଅନୁଷ୍ଠିତ ହେବ । ଚଳିତବର୍ଷ ଶ୍ରୀକ୍ଷେତ୍ର କୁମାରୀ ଭାବେ ଡିଏଭି ପବ୍ଲିକ ସ୍କୁଲର ଛାତ୍ରୀ ଅରୋଶିଖା ରଥ ଓ ଶ୍ରୀକ୍ଷେତ୍ର କୁମାର ଭାବେ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଛାତ୍ର ଲଗ୍ନଲୋକିତ ତ୍ରିପାଠୀ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏ ସମ୍ପର୍କରେ ସୋମବାର ମଧ୍ୟାହ୍ନରେ ପୁରୀ-କୋଣାର୍କ ରାସ୍ତାର ପୂଜାପଣ୍ଡା ପେଟ୍ରୋଲ ପମ୍ପ ନିକଟ ପୂଜାପଣ୍ଡା କନଭେନସନ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ କାର୍ଯ୍ୟକାରୀ ସଭାପତି ରାଜେଶ ମିଶ୍ର ଓ ଚକ୍ରଧର ମହାପାତ୍ର, ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡା, ଉପସଭାପତି ଅମରେନ୍ଦ୍ର ପାଇକରାୟ, ସ୍ମରଣିକା ସମ୍ପାଦକ ଶ୍ରୀକାନ୍ତ ମହାନ୍ତି, ପ୍ରତିଯୋଗିତା ସଂଯୋଜକ ସୁକାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇ କୁମାର ଉତ୍ସବର ଐତିହ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସଙ୍ଗୀତର ସୁନେଲି ସଂନ୍ଧ୍ୟା ସମ୍ପର୍କରେ ମତ ଦେଇଥିଲେ । ଚଳିତବର୍ଷ ବରିଷ୍ଠ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଶ୍ୟାମାମଣି ଦେବୀ, ଓଡ଼ିଶା ପ୍ରଶାସନିକ ସେବାର ଅଧିକାରୀ ସୌମ୍ୟରଞ୍ଜନ ପଣ୍ଡା, ସ୍ତମ୍ଭକାର ସତୀଶ ମିଶ୍ର, ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ପଣ୍ଡିତ ରାଜେଶ ମହାପାତ୍ର, ପୁରୀ ବିଚ ଲାଇଭ ଗାର୍ଡ ମହାସଂଘ, ସାମାଜିକ କର୍ମୀ ବିଜୟ କୁମାର ଚିନ୍ନରା (ଭୋଳା)ଙ୍କୁ ସମାଜରେ ଉଲ୍ଲେଖନୀୟ ଅବଦାନ ପାଇଁସମ୍ବର୍ଦ୍ଧିତ କରାଯିବ ।୧୦ ତାରିଖ ଶୁକ୍ରବାର ଉଦଯାପନୀ ସଂନ୍ଧ୍ୟାରେ ରଙ୍ଗୀନ ଆଲୋକ ମାଳାରେ ଓଡ଼ିଶାର କୋକିଳ କଣ୍ଠି ଗାୟିକା ଇରା ମହାନ୍ତିଙ୍କ ସଙ୍ଗୀତରେ ଝୁମିବେ ଦର୍ଶକ ।୮ ତାରିଖ ବୁଧବାର ସଂନ୍ଧ୍ୟାରେ ଉଦଘାଟକ ଭାବେ ଛତିଶାନିଯୋଗ ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର ଯୋଗଦେବେ । ସମ୍ମାନିତ ଅତିଥି ଭାବେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ, ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ ପ୍ରମୁଖ ଯୋଗଦେବେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ମେଢ ନୃତ୍ୟ ପରିବେଷଣ କରିବେ ବରଦ ମହାବୀର ମେଢ ନୃତ୍ୟ ଗ୍ରୁପ୍, ମାହାରୀ ନୃତ୍ୟ, ସମ୍ବଲପୁରୀ ଲୋକ ନୃତ୍ୟ, ଓଡିଶୀନୃତ୍ୟ, ମାଲଖମ୍ବ ପରିବେଷଣ କରାଯିବ । ଦ୍ୱିତୀୟ ସଂନ୍ଧ୍ୟାରେ ମାହାରୀ ନୃତ୍ୟ, ଫ୍ୟୁଜନ, ସମ୍ବଲପୁରୀ ଲୋକନୃତ୍ୟ, ଶ୍ରୀଜଗନ୍ନାଥାଷ୍ଟକମ୍, ପାଇକ ଆଖଡା ପରିବେଷଣ କରାଯିବ ।ତିନିଦିନ କୁମାର ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ ଅନୁଷ୍ଠାନର ସଭାପତି ବିଭୁପ୍ରସାଦ ତ୍ରିପାଠୀ, ମନୋଜ ରଥ, ବିଦ୍ୟୁଲତା ଆଚାର୍ଯ୍ୟ, ସରସ୍ୱତୀ ପାତ୍ର, ଶୁଭଶ୍ରୀ ଜୟସିଂହ, ବିଶ୍ୱନାଥ ଦାଶ, ବନିତା ଦୀକ୍ଷିତ, ଶ୍ୟାମପ୍ରକାଶ ସେନାପତି, ପ୍ରିୟାଂଶୀ ଦାସଙ୍କ ସମେତ ସମିତିର ସମସ୍ତ କର୍ମକର୍ତ୍ତା ମାନେ ସହଯୋଗ କରୁଛନ୍ତି ।

# କଳିଙ୍ଗ ସାହିତ୍ୟ ସମାଜର ଶାରଦୀୟ ସାହିତ୍ୟ ଆସର

ଗଞ୍ଜାମ, ୦୭/୧୦ (ନି.ପ୍ର): ବ୍ରହ୍ମପୁର ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ ଅନ୍ୟତମ ପୁରାତନ ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ କଳିଙ୍ଗ ସାହିତ୍ୟ ସମାଜର ମାସିକ ସାହିତ୍ୟ ଆସର ଓ କବିତା ପାଠୋତ୍ସବ ସାହିତ୍ୟ ସମାଜ ଉପସଭାପତି ଡଃ. ବନମାଳୀ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମାଜର ସାଂସ୍କୃତିକ ସମ୍ପାଦକ ଯୁବ କବି ମନୋରଞ୍ଜନ ବିଷୋୟୀ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରି କବିତା ପାଠ କରିଥିଲେ। ସଂଗଠନ ସମ୍ପାଦକ ଦିନବନ୍ଧୁ ଶ୍ରୀପଲ୍ଲବ ଅତିଥି ଆବାହନ କରି ସୂଚନା ପ୍ରଦାନ କରିଥିଲେ। କବୟିତ୍ରୀ ଶ୍ରୀମତୀ ପଦ୍ମିନୀ ମିଶ୍ରଙ୍କ ସଂଯୋଜନା ରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବରିଷ୍ଠ ସାହିତ୍ୟିକ ତ୍ରିନାଥ ନାୟକ, ଭିକାରୀ ଚରଣ ମହାପାତ୍ର,ଡ ବିଜୟ ଚନ୍ଦ୍ର ମହାରଣା, ବି ସତ୍ୟମ୍ ଆଚାରୀ, ଇଂ. ଗଙ୍ଗାଧର ମହାଙ୍କୁଡ, ସୁଜିତ କୁମାର ପଣ୍ଡା, ମନ ମୋହନ ରଥ, ବଂଶୀଧର ସେଠୀ, ନୀଳକଣ୍ଠ ସାହୁ, ଗଗନ କୁମାର ଦାଶ, ହାଡ଼ିବନ୍ଧୁ ମାଳି, ଚନ୍ଦ୍ର ଶେଖର ମହାପାତ୍ର , ଶ୍ରୀମତୀ ସ୍ୱର୍ଣ୍ଣମୟୀ ପାଢୀ, ସୁଚେତା ପାଣିଗ୍ରାହୀ, ହରି କୃଷ୍ଣ ପଣ୍ଡା ପ୍ରମୁଖଙ୍କ ସମେତ ଅନ୍ୟ କବି କବୟିତ୍ରୀ କବିତା ପାଠ କରିଥିଲେ। ଦିନବନ୍ଧୁ ଶ୍ରୀପଲ୍ଲବ ଧନ୍ୟବାଦ ଅର୍ପଣ କରିଥିଲେ।

## ରଣେଶ୍ୱର ରାମଚଣ୍ଡୀଙ୍କ ବାର୍ଷିକ ପୂଜୋତ୍ସବ

ସୁବର୍ଣ୍ଣପୁର, ୦୭/୧୦ (ନି.ପ୍ର): ବିନିକା ବ୍ଲକ ଅନ୍ତର୍ଗତ କୁଇବାହାଲ ସ୍ଥିତ ଶ୍ରୀ ରଣେଶ୍ୱର ରାମଚଣ୍ଡୀ ପୀଠରେ କୁଲତା ସମାଜ ପକ୍ଷରୁ ମାଁ ଙ୍କର ବାର୍ଷିକ ପୂଜୋତ୍ସବ ଅନୁଷ୍ଠିତ ହୋଇଯାଇଛି ।ଗାଁ ର ଡୋଲାମଣୀ ପଧାନ ଓ ତାଙ୍କ ଧର୍ମପତ୍ନୀ ସଂଯୁକ୍ତା ପଧାନଙ୍କ ଦ୍ୱାରା ୨୧ ତାମ୍ବି ଧାନରେ ପ୍ରସ୍ତୁତ କୁଗାରକୁ ଘଂଟବାଦ୍ୟ ଶୋଭାଯାତ୍ରାରେ ପୀଠକୁ ନେବା ପରେ ପୂଜାର୍ଚ୍ଚନା କରାଯାଇଥିଲା । ଏଥିରେ ବିନିକା ବ୍ଲକର ସମସ୍ତ ଅଂଚଳରୁ କୁଲତା ସମାଜର ଲୋକେ ଯୋଗଦାନ କରି ରଣେଶ୍ୱର ରାମଚଣ୍ଡୀଙ୍କ କପାଳାଭ କରିଥିଲେ ।ପୀଠ ପୂଜକ ଦେବାର୍ଚ୍ଚନ ଭୋଇ, ସଭାପତି ଡ.ଖଗେଶ୍ୱର ପଧାନ,ସଂପାଦକ ଗୋପୀନାଥ ବିଶ୍ୱାଳ,ମୂଖ୍ୟ ଉପଦେଷ୍ଟା ଧନୁ ପଧାନ,କେଶବ ପଧାନ, ପ୍ରସନ୍ନ ବିଶ୍ୱାଳ,ହୃଷିକେଶ ସାହୁ, ସୁନୀଲ ସାହୁ ଜୟନ୍ତ ପଧାନ,ଡୋଲାମଣୀ ପଧାନ, ଗଣନାଥ ପଧାନ ଓ ମାଗୁଣି ମାଗୁଣି ପଧାନଙ୍କ ସହ ସମସ୍ତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ସେଲ୍, ରାଉରକେଲା ଇସ୍ପାତ କାରଖାନାରେ ବନ୍ୟପ୍ରାଣୀ ସପ୍ତାହ ୨୦୨୫ ପାଳନ ଉପଲକ୍ଷେ ବିବିଧ କାର୍ଯ୍ୟକ୍ରମ ଆୟୋଜିତ




ରାଉରକେଲା, ୦୭/୧୦ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା ଅଧିନସ୍ଥ ଇନ୍ଦିରା ଗାନ୍ଧୀ ପାର୍କ ଏବଂ ଚିଡ଼ିଆଖାନାରେ ବନ୍ୟପ୍ରାଣୀ ଏବଂ ପ୍ରକୃତି ପ୍ରତି ପ୍ରେମ ଓ ଦାୟିତ୍ୱବୋଧତା ବୃଦ୍ଧି କରିବା ଦିଗରେ ପାଳନ କରାଯାଉଥିବା ବନ୍ୟପ୍ରାଣୀ ସପ୍ତାହ ୨୦୨୫ ଅବସରରେ ବିବିଧ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ।

ଅକ୍ଟୋବର ୨ ତାରିଖରେ ଏକ ସ୍ୱାକ୍ଷର ଅଭିଯାନ ଆୟୋଜନ କରାଯାଇଥିଲା ଯେଉଁଠାରେ ପର୍ଯ୍ୟଟକମାନେ ବନ୍ୟପ୍ରାଣୀ ସଂରକ୍ଷଣ ଦିଗରେ ସେମାନଙ୍କର ସମର୍ଥ ପ୍ରତିଶ୍ରୁତି ପ୍ରଦାନ ପୂର୍ବକ ଦସ୍ତଖତ କରିଥିଲେ। କ୍ୟାମ୍ପସରେ ସବୁଜିମା ବୃଦ୍ଧି ଏବଂ ଏକ ସବୁଜବଳୟ ସୃଷ୍ଟି କରିବା ଲକ୍ଷ୍ୟରେ ଅକ୍ଟୋବର ୩ ତାରିଖରେ ଇନ୍ଦିରା ଗାନ୍ଧୀ ପାର୍କର କର୍ମଚାରୀମାନେ ଏକ ବୃକ୍ଷରୋପଣ ଅଭିଯାନରେ ଅଂଶଗ୍ରହଣ କରିଥିଲେ। ସହର ଇଞ୍ଜିନିୟରିଂ ଏବଂ ଉଦ୍ୟାନ କୃଷି ବିଭାଗର ସିଜିଏମ ଶ୍ରୀ ବି କେ ଜୋଜୋ ଏବଂ ଉଦ୍ୟାନ କୃଷି ବିଭାଗ ତଥା ଜେଡ୍.ଡ଼ି.ପି ଇନ-ଚାର୍ଜ ଡକ୍ଟର ଅଭିଜିତ ବିଶ୍ୱାସ ଅଭିଯାନର ନେତୃତ୍ୱ ନେଇଥିଲେ। ଯୁବ ବର୍ଗଙ୍କୁ ସାମିଲ କରିବା ଲକ୍ଷ୍ୟରେ, ଅକ୍ଟୋବର ୪ ତାରିଖରେ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଏକ ସିଟ୍ ଆଣ୍ଡ ଡ୍ର ପ୍ରତିଯୋଗିତା ଆୟୋଜନ କରାଯାଇଥିଲା, ଯେଉଁଠାରେ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ନିଜର କଳା ମାଧ୍ୟମରେ ବନ୍ୟପ୍ରାଣୀ ସୁରକ୍ଷାର ଗୁରୁତ୍ୱକୁ ସୃଜନଶୀଳ ଭାବରେ ପ୍ରକାଶ କରିଥିଲେ। ଏଥିରେ ଶ୍ରୀ ବି କେ ଯୋଜୋ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ଅକ୍ଟୋବର ୫ ତାରିଖରେ ଛାତ୍ରଛାତ୍ରୀ ଏବଂ ପ୍ରକୃତି ପ୍ରେମୀମାନଙ୍କୁ ପରିବେଶଗତ ସନ୍ତୁଳନ ବଜାୟ ରଖିବାରେ ବନ୍ୟପ୍ରାଣୀଙ୍କ ଭୂମିକା ଉପରେ ଆଲୋକପାତ କରିଥିବା ବିଶେଷଜ୍ଞମାନଙ୍କ ସହିତ ସଂଯୋଗ କରିବା ପାଇଁ ଏକ ଆଭାସୀ ମତବିନିମୟ ଅଧିବେଶନର ଆୟୋଜନ କରାଯାଇଥିଲା। ଏଥିରେ ଉଦ୍ୟାନ କୃଷି ବିଭାଗର ଏଜିଏମ୍ ଡକ୍ଟର ସତ୍ୟନାରାୟଣ ମିଶ୍ର ବକ୍ତା ଥିଲେ। ଅକ୍ଟୋବର ୬ ତାରିଖରେ ଏକ ଚିଡିଆଖାନା ଆଉଟରିଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୩୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଉଦ୍ୟାନ କୃଷି ଦଳ ଏହି ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

# ବୈଶିଙ୍ଗାରେ ଟିଭିଏସ ବାଇକ୍ ଓ ଇଭି ସୋ ରୁମ୍ ଉଦ୍‌ଘାଟିତ

ବୈଶିଙ୍ଗା , ୦୭/୧୦ (ନି.ପ୍ର): ବୈଶିଙ୍ଗାରେ ପ୍ରାୟ ସମସ୍ତ ବାଇକ ସୋରୁମ ଖୋଲିଯାଇଥିବା ବେଳେ ଆଜି ଟିଭିଏସ୍ କମ୍ପାନୀର ଏକ ଦୁଇ ଚକିଆ ବାଇକ ଏବଂ ଇଭି ସୋ ରୁମ୍ ଉଦଘାଟିତ ହୋଇଯାଇଛି । ବୈଶିଙ୍ଗା ଥାନାଧିକାରୀ ବାରିଣି ଦାସ ମୂଖ୍ୟ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ବାରିପଦା ସ୍ଥିତ ଟି ଭି ଏସ୍ ଶୋରୁମ୍ ର ମ୍ୟାନେଜର ମେକାନିକ ଏବଂ ସେଲସ ମ୍ୟାନ ଉପସ୍ଥିତ ରହି ଏହି ବାଇକ ର ବିଷେଶତ୍ୱ ବିଷୟରେ ଲୋକ ମାନଙ୍କୁ ବୁଝାଇ ଥିଲେ ।



ବିଶିଷ୍ ବ୍ୟକ୍ତି ଭାବେ ସଞ୍ଜୟ କୁମାର ପ୍ରଧାନ, ବ୍ରଜକିଶୋର ବିନ୍ଧାଣୀ,ଓ ସାମ୍ବାଦିକ ମାନଙ୍କ ମଧ୍ୟରେ ସୀତାନାଥ ବେହେରା , ସଞ୍ଜୟ କୁମାର ମିଶ୍ର, ମଧୁସୁଦନ ମହାନ୍ତି,ବିମଳେନ୍ଦୁ ମହାପାତ୍ର ପ୍ରମୂଖ ଯୋଗ ଦେଇଥିଲେ ।

# ସାମାଜିକ କର୍ମୀ ସୋନମ୍ ୱାଙ୍ଗ୍‌ଚୁକ୍‌ଙ୍କ କାରାମୁକ୍ତ ପାଇଁ ରାଷ୍ଟ୍ରପତିଙ୍କୁ ନିବେଦନ




ବାଲେଶ୍ୱର, ୦୭/୧୦ (ନି.ପ୍ର): ଲାଦାଖ୍‌ର ବାସିନ୍ଦା, ବିଶିଷ୍ଟ ପରିବେଶବିତ୍, ଶିକ୍ଷାବିତ୍, ସମାଜ ସଂସ୍କାରକ, ଜାତୀୟ ଓ ଆନ୍ତର୍ଜାତୀୟ କ୍ଷେତ୍ରରେ ବହୁ ପୁରସ୍କାରପ୍ରାପ୍ତ, ଉଦ୍‌ଭାବକ ତଥା ବୈଜ୍ଞାନିକ ସୋନମ୍ ୱାଙ୍ଗ୍‌ଚୁକ୍‌ଙ୍କୁ ଗତମାସ ୨୬ ତାରିଖ ଦିନ ବିଭିନ୍ନ ମିଥ୍ୟା ଅଭିଯୋଗକୁ ଭିତ୍ତି କରି ଜାତୀୟ ନିରାପତ୍ତା ଆଇନ (ଏନ୍‌ଏସ୍‌ଏ) ଆଇନରେ ପ୍ରଶାସନ ଗିରଫ କରି ଯୋଧପୁର ଜେଲ୍‌ରେ ରଖିଛନ୍ତି। ସୋମବାରଦିନ ପୂର୍ବାହ୍ନରେ ବାଲେଶ୍ୱରର ବହୁ ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ଦେଶପ୍ରେମୀମାନେ 'ନାଗରିକ ଅଧିକାର ସୁରକ୍ଷା ଅଭିଯାନ' ସଂଗଠନ ପକ୍ଷରୁ ବାଲେଶ୍ୱର ଜିଲ୍ଲାପାଳଙ୍କ ଜରିଆରେ ମହାମାନ୍ୟ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ଲିଖିତ ଭାବେ ଏକ ଦାବିପତ୍ର ପ୍ରଦାନ କରି ଏହି ଘଟଣାରେ ପ୍ରତ୍ୟକ୍ଷ ହସ୍ତକ୍ଷେପ କରି ଦେଶର ପ୍ରଚଳିତ ସଂବିଧାନ ଓ ଆଇନ ବ୍ୟବସ୍ଥାକୁ ବିଚାରକୁ ନେଇ ଏବଂ ନାଗରିକର ସ୍ୱାଧୀନ ମତବ୍ୟକ୍ତ କରିବାର ଅଧିକାରର ସୁରକ୍ଷା ନିମିତ୍ତ ବିନା ସର୍ତ୍ତରେ ଶ୍ରୀଯୁକ୍ତ ୱାଙ୍ଗ୍‌ଚୁକ୍‌ଙ୍କୁ କାରାମୁକ୍ତ କରିବାକୁ ନିବେଦନ କରାଯାଇଛି। ଜିଲ୍ଲାପାଳଙ୍କ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଦାବିପତ୍ର ଗ୍ରହଣ କରିଥିଲେ। ଏହି ଦାବିପତ୍ର ପ୍ରଦାନ ଓ ସାକ୍ଷାତକାରରେ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ଓ ସୁଦର୍ଶନ ଜେନାଙ୍କ ସମେତ ଭାଗବତ ପ୍ରତିହାରୀ, ଶିଶିର ହୁଇ, ମନୋଜ ନାୟକ, ଅରୁଣ ଜେନା, ଗୌରାଙ୍ଗ ପାଣିଗ୍ରାହୀ, ତୁଷାରକାନ୍ତି ମହାପାତ୍ର, ଶ୍ୟାମସୁନ୍ଦର ଜେନା, ବନ୍ଦନା ବିଶ୍ୱାସ, ପ୍ରେମରଂଜନ ପାତ୍ର, ବିଧାନ ଚନ୍ଦ୍ର ରାୟ, ନିର୍ମଳ ନାୟକ, ଦେବାଶୀଷଶ ସିଂହ, ଅଜଗର ଅଲ୍ଲି, କମଳାକାନ୍ତ ନାୟକ, ଯତୀନ୍ ପାତ୍ର ଓ କର୍ଣ୍ଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# କାର୍ତ୍ତିକ ମାସ ହବିଷ୍ୟାଳୀ ବ୍ରତଧାରୀଙ୍କ ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା

ପୁରୀ, ୦୭/୧୦ (ନି.ପ୍ର): ପବିତ୍ର ଧର୍ମମାସ କାର୍ତ୍ତିକରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ହଜାର ହଜାର ହବିଷାଳୀଙ୍କ ଶ୍ରୀକ୍ଷେତ୍ରରେ ପହଂଚିଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ପାଂଚଟି ସ୍ଥାନରେ ହବିଷ୍ୟାଳୀଙ୍କ ରହଣି ପାଇଁ ବ୍ୟବସ୍ଥା କରାଯାଇଛି । ଏ ସମ୍ପର୍କରେ ସୋମବାର ପୂର୍ବାହ୍ନରେ ଏସପି ପ୍ରତୀକ ସିଂଙ୍କ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଭକ୍ତ ଓ ବ୍ରତଧାରୀ ମା ମାନଙ୍କ ପାଇଁ ଦର୍ଶନ ଓ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଶ୍ରୀମନ୍ଦିର ଭିତରେ ଓ ବାହାରେ ପୋଲିସ ବ୍ୟବସ୍ଥାକୁ ବଢାଇ ଦିଆଯାଇଛି । ଶ୍ରୀମନ୍ଦିର ଚାରିଦ୍ୱାରରେ ଭିଡ ନିୟନ୍ତ୍ରଣ ପାଇଁ ପୋଲିସ ବ୍ୟବସ୍ଥା କରାଯାଇଛି । ଡିସି କୌଶିକ କୁମାର ନାୟକ ପୋଲିସ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବେ । ଅତିରିକ୍ତ ଏସପି ସୁଶୀଲ କୁମାର ମିଶ୍ର ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ପୋଲିସ ଫୋର୍ସକୁ ସମନ୍ୱୟ ରକ୍ଷା କରି ନିୟନ୍ତ୍ରଣ କରିବେ । ଶ୍ରୀମନ୍ଦିର ଚାରିଦ୍ୱାର ଓ ବ୍ୟାରିକେଡ ଅଂଚଳରେ ଅତିରିକ୍ତ ଏସପି ଦୁଇ ଜଣ, ଡିଏସପି ତିନି ଜଣ, ଇନ୍ସପେକ୍ଟର ଚାରି ଜଣ, ଏସଆଇ ଓ ଏଏସଆଇ ୨୮ ଜଣ, କନେଷ୍ଟବଳ ୨୪ ଜଣ, ହୋମଗାର୍ଡ ୧୪ ଜଣ ଓ ୨୩ ସେକ୍ସନ ଫୋର୍ସ ମୁତୟନ ହେବେ । ଶ୍ରୀମନ୍ଦିର ଭିତରେ ଡିଏସପି ଓ ଏସି ୯ ଜଣ, ଇନ୍ସପେକ୍ଟର ୬ ଜଣ, ଏସଆଇ ଓ ଏଏସଆଇ ୩୨ ଜଣ, କନେଷ୍ଟବଳ ୪୮ ଜଣ, ହୋମଗାର୍ଡ ୨୬ ଜଣ ଓ ୨୫ ସେକ୍ସନ ଫୋର୍ସ ନିୟୋଜିତ ହେବେ । ତୀର୍ଥ ପୁଷ୍କରିଣୀରେ ଡିଏସପି ୧ ଜଣ, କନେଷ୍ଟବଳ ୧୨ ଜଣ, ହୋମଗାର୍ଡ ୪ ଜଣ ନିୟୋଜିତ ହେବେ । ଭିଡ ନିୟନ୍ତ୍ରଣ, ଦର୍ଶନ ସୁବିଧା ଓ ସୁରକ୍ଷା ଉପରେ ଏସପି ଗୁରୁତ୍ୱ ଦେଇଥିଲେ । ଟ୍ରାଫିକ ବ୍ୟବସ୍ଥାରେ ସୁଧାର ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯାଇଛି । ପବିତ୍ର କାର୍ତ୍ତିକ ମାସରେ ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରକୁ ଆସୁଥିବା ଭକ୍ତ ମାନଙ୍କ ସୁରକ୍ଷା ଓ ସୁବିଧା ପାଇଁ ପୋଲିସର ପ୍ରାଥମିକତା ରହିଛି । ଶ୍ରୀମନ୍ଦିର ଭିତରେ ସିସିଟିଭି ବ୍ୟବସ୍ଥା କରାଯାଇଛି । ଏହାକୁ କଂଟ୍ରୋଲ ରୁମ୍ ରେ ମନିଟରିଙ୍ଗ କରାଯିବ । ପଂଚକ ସମୟରେ ଭକ୍ତଙ୍କ ସଂଖ୍ୟା ବୃଦ୍ଧିକୁ ଲକ୍ଷ୍ୟ କରି ପୋଲିସ ସୁରକ୍ଷା ବ୍ୟବସ୍ଥା ବଢାଇ ଦିଆଯିବ । ଭକ୍ତ ଓ ହବିଷାଳୀ ମାନେ ପୋଲିସକୁ ସହଯୋଗ କରିବା ପାଇଁ କହିଛନ୍ତି ।

## ଗରାପୁର ଶିରିଡି ସାଇ ମନ୍ଦିରରେ ସାଇବାବାଙ୍କର ସମାଧି ଦିବସ

କେନ୍ଦ୍ରାପଡା, ୦୭/୧୦ (ନି.ପ୍ର): ଶିରିଡି ସାଇ ମନ୍ଦିର, ଗରାପୁର ଠାରେ ବାବାଙ୍କର ସମାଧି ଦିବସ ମହା ସମାରୋହ ରେ ପାଳିତ ହୋଇଯାଇଛି । ପ୍ରାତଃ କାଳ ରେ କଳସାଧିବାସ ଓ ତପ୍ରେ ଶାନ୍ତିହୋମ ଅନୁଷ୍ଠିତ ହୋଇଥିଲା । ମଧ୍ୟାହ୍ନ ରେ ମହାଭିଷେକ ଓ ଆଳତି ରେ ବହୁଭକ୍ତ ଯୋଗ ଦେଇଥିଲେ । ଏହି ଉତ୍ସବ ଶିରିଡି ସାଇ ଜନକଲ୍ୟାଣ ଟ୍ରଷ୍ଟର ମୁଖ୍ୟ ଟ୍ରଷ୍ଟି ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକଙ୍କ ଉପସ୍ଥିତିରେ ସବୁକାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନ ହୋଇଥିଲା । ଉତ୍ସବରେ ମହାକାଳପଡ଼ାର ବିଧାୟକ ଡ଼ଃ ଦୁର୍ଗା ପ୍ରସନ୍ନ ନାୟକ, ଜିଲ୍ଲାପାଳ ରଘୁରାମ ଆୟାର ସପରିବାର ଯୋଗ ଦେଇଥିଲେ । ଉତ୍ସବକୁ ଟ୍ରଷ୍ଟର କାର୍ଯ୍ୟକର୍ତ୍ତା ବିକ୍ରମାଦିତ୍ୟ ସାହୁ, ସମାଜସେବୀ ପ୍ରଶାନ୍ତ ସେଠୀ, ଦୀପକ ବେହେରା, ଚିଦାନନ୍ଦ ଚୌଧୁରୀ, ମାନସ ଧଳ, ମୃଣାଳକାନ୍ତ ନାୟକ, ଚିତ୍ତରଞ୍ଜନ ଧଳ, ଅନିଲ ଧଳ ପ୍ରମୁଖ ସହଯୋଗ କରି ପରିଚାଳନା କରିଥିଲେ ।

# ସେଲ୍, ରାଉରକେଲା ଇସ୍ପାତ କାରଖାନାରେ ତତ୍କାଳ ସ୍ୱୀକୃତି ଯୋଜନା ଅଧୀନରେ ଠିକା ଶ୍ରମିକ ପୁରସ୍କୃତ



ରାଉରକେଲା, ୦୭/୧୦ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସିଣ୍ଟର ପ୍ଲାଣ୍ଟ-୨ରେ ନିୟୋଜିତ ୨୩ ଜଣ ଠିକା ଶ୍ରମିକଙ୍କୁ ଅକ୍ଟୋବର ୩ ତାରିଖରେ ବିଭାଗୀୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ତତ୍କାଳ ସୀକୃତି ଯୋଜନା ଅଧୀନରେ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସିଣ୍ଟର ପ୍ଲାଣ୍ଟ ବିଭାଗର ସିଜିଏମ ଶ୍ରୀ ଶେଖର ନାରାୟଣ ଅଧକ୍ଷତା କରିବା ସହିତ ବିଭିନ୍ନ ଦଳ ଅଧୀନରେ କାର୍ଯ୍ୟ କରୁଥିବା ଠିକା ଶ୍ରମିକମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ମାନବ ସମ୍ବଳ ବିଭାଗର ଜିଏମ ଶ୍ରୀ ଜି. ଆର. ଦାସ, ଏସପି-୨ ବିଭାଗର ଜିଏମ ଶ୍ରୀ ଏସ କେ ପାଢ଼ୀଙ୍କ ସମେତ ବିଭାଗର ବହୁ ଅଧିକାରୀ ଏବଂ ସମ୍ପୃକ୍ତ ଠିକାଦାର ସଂସ୍ଥାର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

ଏହି ଅବସରରେ ଶ୍ରୀ ନାରାୟଣ ଠିକା ଶ୍ରମିକଙ୍କ ପ୍ରୟାସକୁ ପ୍ରଶଂସା କରି ଏପରି ମାନ୍ୟତା ଅନ୍ୟମାନଙ୍କୁ ସେମାନଙ୍କ କାର୍ଯ୍ୟରେ ଉତ୍କର୍ଷତା ହାସଲ କରିବା ପାଇଁ ପ୍ରେରଣା ଦେବ ବୋଲି ମତବ୍ୟକ୍ତ କରିଥିଲେ। ଶ୍ରୀ ଜି. ଆର. ଦାସ, ଆରଏସପିରେ ନୂତନ ଭାବରେ ପ୍ରଚଳିତ ଅନଲାଇନ୍ ଉପସ୍ଥିତି ବ୍ୟବସ୍ଥାରେ ନିଜକୁ ପଞ୍ଜିକୃତ କରିବାକୁ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିବାବେଳେ ଶ୍ରୀ ପାଢ଼ୀ ପୁରସ୍କାର ବିଜେତାମାନଙ୍କୁ ବିଭାଗର ଅଭିବୃଦ୍ଧି ଏବଂ ଉନ୍ନତି ପାଇଁ ଏହିଭଳି ଅବଦାନ ଜାରି ରଖିବାକୁ ଉତ୍ସାହିତ କରିଥିଲେ।

ଉଲ୍ଲେଖନୀୟ ଯେ, କର୍ମଚାରୀମାନଙ୍କୁ ଏସପି-୨ ର ମୂଳ ମରାମତି କାର୍ଯ୍ୟକୁ ବିନା ବିଳମ୍ବରେ ସଫଳତାର ସହିତ ସମାପ୍ତ କରିବା ଏବଂ ସମସ୍ତ ସୁରକ୍ଷା ମାନଦଣ୍ଡ ପାଳନ କରିବା ପାଇଁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଏସପି-୨ ବିଭାଗର ମ୍ୟାନେଜର ଶ୍ରୀ ସନ୍ଦୀପ ଅବସ୍ଥି ସଂଯୋଜନା କରିଥିଲେ।

# ରାଉରକେଲାରେ ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ: ମୋଟ୍ ୩୬ଟି ଅଭିଯୋଗର ଶୁଣାଣି

ରାଉରକେଲା, ୦୭/୧୦ (ନି.ପ୍ର): ଜନସାଧାରଣଙ୍କ ବିଭିନ୍ନ ଆପତି ତଥା ଅଭିଯୋଗର ସମାଧାନ ନିମନ୍ତେ ରାଉରକେଲା ମହାନଗର ନିଗମ ଠାରେ ଥିବା ସମ୍ମିଳନୀ କକ୍ଷରେ ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ସୁଶ୍ରୀ ଦୀନା ଦସ୍ତଗୀର୍ ଏହି ଯୁଗ୍ମ ଜନଶୁଣାଣିରେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ତଥା ଆପତିର ଶୁଣାଣି କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ସୁଶ୍ରୀ ଦୀନା ଦସ୍ତଗୀର୍ ଏହି ଜନଶୁଣାଣିରେ ଲୋକମାନଙ୍କ ମୋଟ ୩୬ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରୁ ୨୭ଟି ବ୍ୟକ୍ତିଗତ ରହିଥିବା ବେଳେ ୯ ଟି ସାମୁହିକ ଅଭିଯୋଗ ଅନ୍ତର୍ଭୁକ୍ତ ଥିଲା। ଏହି ଜନଶୁଣାଣିରେ ରାସ୍ତା ନିର୍ମାଣ ତଥା ମରାମତି ଠାରୁ ଆରମ୍ଭ କରି ଭତା ସମସ୍ୟା, ଷ୍ଟ୍ରିଟ୍ ଲାଇଟ୍ ସମସ୍ୟା, ଡ୍ରେନ୍ ସମସ୍ୟା, ଜମିଜମା ସମସ୍ୟା, ଜବରଦଖଲ ସମସ୍ୟା ଆଦି ଅଭିଯୋଗ ଅନ୍ତର୍ଭୁକ୍ତ ଥିଲା। ଏଥିସହ ଅଧିକ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଅର୍ଥ ମଞ୍ଜୁର ପାଇଁ ୭ଟି ଅଭିଯୋଗ ରହିଥିଲା।

## ସାମ୍ପ୍ରଦାୟିକ ରାଷ୍ଟ୍ରବାଦ ଏବଂ ଧର୍ମଗୁରୁ




ଗୋପାଳ ମହାପାତ୍ର


ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ମୁଖ୍ୟ ମୋହନ ଭାଗବତ କିଛି ମାସ ହେବ ଚର୍ଚ୍ଚାରେ ରହିଛନ୍ତି। ପ୍ରଥମେ କିଛି ମାସ ତଳେ ଭାଷଣ କ୍ରମରେ ଅସ୍ପଷ୍ଟ ସଙ୍କେତ ଦେଲେ ଯେ ରାଜନେତା ମାନେ ୭୫ ବର୍ଷ ବୟସରେ ରାଜନୀତିରୁ ଅବସର ନେବା ଉଚିତ୍। ମୋହନ ଭାଗବତଙ୍କ ଏହି କଥା ବା ସଙ୍କେତକୁ ପ୍ରଧାନମନ୍ତ୍ରୀ ମୋଦୀ ୭୫ବର୍ଷରେ ପହଞ୍ଚିବା ପରେ ପଦବୀ ଛାଡିବେ ବୋଲି ଜୋଡି ଦିଆଗଲା। ଏହାକୁ ନେଇ ବିରୋଧିମାନେ ମଧ୍ୟ ଅନେକ କଥା କହିଲେ। ପୁଣି ଦିଲ୍ଲୀରେ ସଂଘର କାର୍ଯ୍ୟକ୍ରମରେ ପୂର୍ବରୁ କହିଥିବା କଥା ଉପରେ ସ୍ପଷ୍ଟିକରଣ ଦେଇ କହିଲେ ଯେ ସେ ୭୫ବର୍ଷ ପ୍ରସଙ୍ଗରେ ଯାହା କହିଥିଲେ ତାର କିଛି ମୂଲ୍ୟ ନାହିଁ। ୨୦୨୫ ସେପ୍ଟେମ୍ବର ୧୨ ତାରିଖରେ ମୋହନ ଭାଗବତଙ୍କ ୭୫ତମ ଜନ୍ମଦିନ ପାଳନ କରାଯାଇଥିଲା ଓ ତାଙ୍କ ଜନ୍ମଦିନର କାର୍ଯ୍ୟକ୍ରମରେ ଶ୍ରୀ ଶ୍ରୀ ରବିଶଙ୍କର ଯୋଗଦେଇଥିଲେ। ରବିଶଙ୍କରଙ୍କୁ ଜଣେ ପ୍ରମୁଖ ଧର୍ମଗୁରୁ ବୋଲି ଗ୍ରହଣ କରାଯାଇଥାଏ। ଏପରିକି ବାବା ମାନଙ୍କ ଗୋଷ୍ଠି ବା ସମୂହର ସେ ଜଣେ ପ୍ରମୁଖ ବ୍ୟକ୍ତି ଭାବେ ଜଣାଶୁଣା। ରବିଶଙ୍କର ଭାଗବତଙ୍କ ଜନ୍ମଦିନ ଅବସରରେ ଯୋଗଦେଇ କହିଥିଲେ ଯେ ରାଜନୀତିର ଦୁନିଆରେ ସେ ପଶିବାକୁ ଚାହାଁନ୍ତି ନାହିଁ, ତାଙ୍କ ମୁଖ୍ୟ ଚିନ୍ତା ଆଧାତ୍ମିକ ଆର୍ଟ ଅଫ୍ ଲିଭିଙ୍ଗ ନାମରେ ତାଙ୍କର ଏକ ବିଶାଳ ସାମ୍ରାଜ୍ୟ ରହିଛି ଓ ଅନ୍ୟ ବାବା ମାନଙ୍କ ଭଳି ତାଙ୍କର ଅପାର ସମ୍ପତ୍ତି ମଧ୍ୟ ରହିଛି। ଏହା ଏକ ବିରୋଧାଭାସ ନିଶ୍ଚୟ। ବାବାମାନେ ସାଧାରଣତଃ ଉପଦେଶ ଦେଇଥାନ୍ତି ଯେଧନ, ସଂସାର ସବୁ ମିଛ ମାୟା ଏବଂ ଏସବୁ ପଛରେ ଦୌଡିବା ଉଚିତ୍ ନୁହେଁ। କିନ୍ତୁ ବାବାମାନେ ଅପାର ଅଚଳାଚଳ ସମ୍ପତ୍ତି ଅର୍ଜନ କରୁଛନ୍ତି।

ରବିଶଙ୍କର ସୁଦର୍ଶନ କ୍ରିୟାକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି ଏବଂ ଏହି କ୍ରିୟା ଯୋଗର ଶିକ୍ଷା ଦେଇ ଲକ୍ଷ ଲକ୍ଷ ଅନୁଗାମୀ/ଭକ୍ତଙ୍କୁ ଆକର୍ଷିତ କରିଛନ୍ତି। ରବିଶଙ୍କର ଯୋଗ ଶିକ୍ଷା ଦେବା ସହ ଆର୍ଟଅଫ ଲିଭିଙ୍ଗର ସ୍ଥାପନା କରି ଅନେକଙ୍କୁ ଏଥିରେ ସାମିଲ କରିପାରିଛନ୍ତି। ୨୦୧୭ ରେ ସେ ଏକ ସାଂସ୍କୃତିକ ଉତ୍ସବର ଆୟୋଜନ କରିଥିଲେ। ଏହି ଉତ୍ସବ ପାଇଁ ଯମୁନା ନଦୀର ପାରିପାର୍ଶ୍ୱିକ ପରିସ୍ଥିତି ଏବଂ ପ୍ରଦୂଷଣ ଜନିତ କ୍ଷତି ହୋଇଥିଲା ଏଥିପାଇଁ ଉତ୍ସବର ଅନ୍ୟତମ ଆୟୋଜକ ସୁଶାନ୍ତ ସିଂହ ରାଜପୁତଙ୍କ ଉପରେ ଏନ୍‌ଜିଟି କୋଟି କୋଟି ଟଙ୍କାର ଜୋରିମାନା ଲଗାଇଥିଲେ କିନ୍ତୁ ଆୟୋଜକ ମଣ୍ଡଳୀ ଏହି ଜୋରିମାନା ଦେବାକୁ ମନା କରିଥିଲେ। ଆନ୍ନା ହଜାରେଙ୍କ ଭ୍ରଷ୍ଟାଚାର ବିରୋଧି ଆନ୍ଦୋଳନକୁ ରବିଶଙ୍କର ସମର୍ଥନ କରୁଥିଲେ। ସୁଶାନ୍ତ ସିଂହ ରାଜପୁତ ଏବଂ ବାବା ରାମଦେବ ମଧ୍ୟ ଏହି ଆନ୍ଦୋଳନକୁ ସଫଳ କରିବା ପାଇଁ ସକ୍ରିୟ ଥିଲେ। ବିଜେପି ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସହ ବାବା ରାମଦେବଙ୍କର ଘନିଷ୍ଠ ସମ୍ପର୍କ ରହିଛି। ରାମଦେବ ଯୋଗ ଶିକ୍ଷକରୁ ଏବେ ପତଞ୍ଜଳୀ ବ୍ରାଣ୍ଡର ସଫଳ ବ୍ୟବସାୟୀ ହୋଇପାରିଛନ୍ତି। ଶାସକ ଦଳ ବିଜେପି ସହ ତାଙ୍କର ସମ୍ପର୍କ କାରଣରୁ ରାମଦେବଙ୍କ ବ୍ୟବସାୟର ସାମ୍ରାଜ୍ୟ ଏବେ ଆକାଶ ଛୁଆଁ। ତାଙ୍କ ଯୋଗ କାର୍ଯ୍ୟକ୍ରମ ଲକ୍ଷଲକ୍ଷ ଲୋକଙ୍କୁ ଆକର୍ଷିତ କରିଥାଲ। କୋରେନା ମହାମାରୀ ସଙ୍କଟ କାଳର ପୁରା ଫାଇଦା ଉଠାଇ ଚିକିତ୍ସା ମାନଦଣ୍ଡର ଉଲଂଘନ କରି ଏକ ନୂଆ ଔଷଧ ସ୍କୋରୋନିଲସ ଲଞ୍ଚ କଲେ ବା ବଜାରକୁ ଛାଡିଲେ। ତାଙ୍କର ଏହି ଔଷଧକୁ ଲଞ୍ଚ କରିଥିଲେ ଦୁଇ କେନ୍ଦ୍ରମନ୍ତ୍ରୀ ହର୍ଷବର୍ଦ୍ଧନ ଏବଂ ନୀତିନ ଗଡ଼କରୀ। ତାଙ୍କର ଏହି ଔଷଧକୁ ନେଇ ଇଣ୍ଡିଆନ ମେଡିକାଲ ଆସୋସିଏସନ ଅଦାଲତକୁ ଯାଇଥିଲା ଓ ଅଦାଲତରେ ବାବା ରାମଦେବ କ୍ଷମା ମାଗିବା ପାଇଁ ବାଧ ହୋଇଥିଲେ। ରୁହ-ଆଫଜା ଭଳି ପାନୀୟ ଉତ୍ପାଦ ଭଳି ବାବା ରାମଦେବ ଏକ ଉତ୍ପାଦ ଲଞ୍ଚ କରି ମୁସଲିମ ବିରୋଧି ବୟାନ ଦେବା ଯୋଗୁଁ କ୍ଷମା ମାଗିବା ପାଇଁ ମଧ୍ୟ ବାଧ ହୋଇଥିଲେ।

ଶାସକ ଦଳ ସହ ଘନିଷ୍ଠତା କାରଣରୁ ବ୍ୟବସାୟିକ ସାମ୍ରାଜ୍ୟ ବୃଦ୍ଧି କରିବା ଏବଂ ସାମ୍ପ୍ରଦାୟିକ ବୟାନ ଦେବା ତାଙ୍କ ପାଇଁ ସହଜ ହୋଇଯାଇଛି। ରାମଦେବଙ୍କ ଭଳି ଅନେକ ଲୋକ ଏ ଦେଶରେ ଅଛନ୍ତି। ସେମାନଙ୍କ ମଧ୍ୟରେ ବାଗେଶ୍ୱର ବାବା ଧିରେନ୍ଦ୍ର କୃଷ୍ଣ ଶାସ୍ତ୍ରୀ ଏକ ନୂଆ ନାମ। ସେ ଲୋକଙ୍କ ଅତୀତ କଥା କହିପାରୁଛନ୍ତି ବୋଲି କୁହାଯାଏ। କିନ୍ତୁ ତାଙ୍କର ଜଣେ ସହଯୋଗୀ/ଅନୁଗାମୀ ଶ୍ୟାମ ମାନବ ତାଙ୍କୁ ଠକ କହି ଚାଲେଞ୍ଜ କରିଥିଲେ। ଧିରେନ୍ଦ୍ର ଶାସ୍ତ୍ରୀ ଏବେ ବାଗେଶ୍ୱର ଠାରେ ଆଶ୍ରମ କରି ରହୁଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଧିରେନ୍ଦ୍ର ଶାସ୍ତ୍ରୀଙ୍କୁ ତାଙ୍କ ଛୋଟ ଭାଇ ବୋଲି କହିଛନ୍ତି। ଏବେ ଧିରେନ୍ଦ୍ର ଶାସ୍ତ୍ରୀ ଏକ ହିନ୍ଦୁ ଗ୍ରାମ ସ୍ଥାପନ କରିବେ ବୋଲି କହୁଛନ୍ତି ଯେଉଁ ଗ୍ରାମରେ କେବଳ ହିନ୍ଦୁମାନେ ରହିପାରିବେ।

ଏକଥା ସତ୍ୟ ଯେ ବାବାମାନେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସଦସ୍ୟ ନୁହଁନ୍ତି। କିନ୍ତୁ ବାବାମାନେ ସଂଘର ହିନ୍ଦୁରାଷ୍ଟ୍ର ଏଜେଣ୍ଡା ସହ ସହମତ ଯାହା ଜାତି ଏବଂ ଲିଙ୍ଗର ପଦାନୁକ୍ରମକୁ ଗୁରୁତ୍ୱ ଦେଇଥାଏ। ଧର୍ମଗୁରୁ ଏକ ପାରମ୍ପରିକ ପଦବୀ ନୁହେଁ। ଏମାନେ ଲୋକଙ୍କୁ ନିଜର ଅନୁଗାମୀ କରିବା ପାଇଁ ବିଭିନ୍ନ ପ୍ରକ୍ରିୟାକୁ କାର୍ଯ୍ୟକାରୀ କରିଥାନ୍ତି। ପାରମ୍ପରିକ ଜ୍ଞାନ ହେଉ ବା ନିଜର ମନଗଢ଼ା କଳ୍ପନା/କାହାଣୀ କୁ ନେଇ ଏମାନେ ଏଭଳି ବାକ୍ୟାଂଶ ଗଠନ କରିଥାନ୍ତି ଯାହା ସେମାନଙ୍କର ନୂଆ ପରିଚୟ ସୃଷ୍ଟି କରାଇଥାଏ। ଏମାନେ ମଧ୍ୟ ପ୍ରଭାବଶାଳୀ ବକ୍ତା ଅଟନ୍ତି। ଏହି ବାବା ଗୋଷ୍ଠୀର ଏକ ଅନ୍ୟ ପାଶ୍ୱର୍ ମଧ୍ୟ ରହିଛି। ଶଙ୍କରାଚାର୍ଯ୍ୟ ଜୟେନ୍ଦ୍ର ସରସ୍ୱତୀଙ୍କ ଆଶ୍ରମରେ ଶଙ୍କରରମଣ ନାମକ ଜଣେ ବ୍ୟକ୍ତିର ହତ୍ୟା କରାଯାଇଥିଲା ଓ ଆଶ୍ରମର ଜଣେ କର୍ମଚାରୀ ଶଙ୍କରରମଣଙ୍କ ହତ୍ୟା କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ସତ୍ୟସାଇ ବାବାଙ୍କ ପ୍ରଶାନ୍ତି ନିଳୟମରେ ମଧ୍ୟ ଜଣେ ଅନୁଗାମୀଙ୍କର ହତ୍ୟା ହୋଇଥିଲା। ଯେତେବେଳେ ଜୟେନ୍ଦ୍ର ସରସ୍ୱତୀଙ୍କ ବିରୁଦ୍ଧରେ ହତ୍ୟା ଅଭିଯୋଗ ହେଲା ସେତେବେଳେ ଏହି ଅଭିଯୋଗକୁ ବିରୋଧ କରି ଅଟଳ ବିହାରୀ ବାଜପେୟୀ ଓ ଆଶାରାମ ବାପୁ ଧାରଣାରେ ବସିଥିଲେ। ଗୁରୁମିତ ରାମ ରହିମଙ୍କ କଳା କାରବାର ବହୁ ତଥ୍ୟକୁ ଲୋକ ଲୋଚନକୁ ଆଣିଥିବା ସାମ୍ବାଦିକ ରାମଚନ୍ଦ୍ର ଛତ୍ରପତିଙ୍କୁ ହତ୍ୟା କରାଯାଇଥିଲା। ବହୁ କଷ୍ଟରେ ଗୁରୁମିତ ରାମ ରହିମଙ୍କ ଗିରଫ କରାଯାଇଥିଲା।

ଆଶାରାମ ବାପୁଙ୍କ ଆଶ୍ରମରେ ଦୁଇଟି ଛୋଟ ପିଲାଙ୍କର ହତ୍ୟା ହୋଇଥିଲା। ଅଟଳ ବିହାରୀ ବାଜପେୟୀ ଓ ନରେନ୍ଦ୍ର ମୋଦୀ ଆଶାରାମଙ୍କ ଆଶ୍ରମକୁ ପରିଦର୍ଶନ ପାଇଁ ଯାଇଛନ୍ତି। ୨୦୧୪ର ହରିଆଣା ନିର୍ବାଚନ ବେଳେ ଗୁରୁମିତ ରାମରହିମ ତାଙ୍କ ଅନୁଗାମୀ ମାନଙ୍କୁ ବିଜେପିକୁ ଭୋଟ ଦେବା ପାଇଁ ପରାମର୍ଶ ଦେଇଥିଲେ। ନିର୍ବାଚନରେ ବିଜୟ ପରେ ମନୋହରଲାଲ ଖଟରଙ୍କ ମନ୍ତ୍ରୀମଣ୍ଡଳର ଅନେକ ସଦସ୍ୟ ଗୁରୁମିତଙ୍କ ଆଶୀର୍ବାଦ ନେବା ପାଇଁ ଯାଇଥିଲେ। ଗୁରୁମିତ ରାମରହିମ ଏବେ ଜେଲରେ ରହିଛନ୍ତି କିନ୍ତୁ ଅନେକ ସମୟରେ ପେରୋଲରେ ଆସୁଛନ୍ତି। ମଜାଦାର କଥା ହେଉଛି ଯେଉଁ ଜେଲର ତାଙ୍କୁ ପେରୋଲ ଛାଡିଥିଲେ ସେ ଅବସର ଗ୍ରହଣ ପରେ ବିଜେପିରେ ସାମିଲ ହୋଇଥିଲେ। ବାବା ମାନଙ୍କର ଏଇ ବିଶାଳ ଦୁନିଆରେ ଅନେକ କଥା ରହିଛି କିନ୍ତୁ ଅଲଗା ଅଲଗା ନାମରେ। କେବଳ ଯେ ହିନ୍ଦୁ ସଂସ୍କୃତିର ବାବା ମାନେ ଏଭଳି କରୁଛନ୍ତି ତା ନୁହେଁ ସବୁଧର୍ମ ବା ସମ୍ପ୍ରଦାୟର ଅନେକ ଧର୍ମଗୁରୁ ମାନେ କୌଣସି ନା କୌଣସି ଅଭିଯୋଗରେ ଜଡିତ। ଦେଶରେ ଏମିତି ଅନେକ ବାବା ଅଛନ୍ତି ଓ ସେମାନେ ଅକୁତ ସମ୍ପତ୍ତିର ମାଲିକ ଅଟନ୍ତି। ଓଡ଼ିଶାରେ ମଧ୍ୟ ଏମିତି ବାବା ମାନଙ୍କର ତାଲିକା ଲମ୍ବା।

ସଂଘର ଅନେକ ଅନୁଗାମୀ ହିନ୍ଦୁରାଷ୍ଟ୍ରର ଗଠନ ପାଇଁ ପ୍ରୟାସରତ କିନ୍ତୁ ସଂଘ ସହ ଯୋଡି ନହୋଇ ମଧ୍ୟ ଅନେକ ବାବା ହିନ୍ଦୁରାଷ୍ଟ୍ରବାଦର ପ୍ରଚାର ପ୍ରସାର ପାଇଁ ବ୍ୟସ୍ତ। ସମାଜ ଉପରେ ଏହାର ଗଭୀର ପ୍ରଭାବ ପଡୁଛି ଏବଂ ସାମାଜିକ ଅସୁରକ୍ଷା ମଧ୍ୟ ବଢୁଛି। ଅନେକ ବାବାଙ୍କ ଜୀବନୀ ମଧ୍ୟ ପ୍ରକାଶିତ ହୋଇଛି। ବାବା ମାନଙ୍କ ଉପରେ ଅଧିକ ଅଧ୍ୟୟନ ଏବେ ସମୟର ଆବଶ୍ୟକତା। ବାବା ମାନଙ୍କର ପ୍ରଭାବ ଦିନକୁ ଦିନ ବଢୁଥିବା ବେଳେ ଗୌରୀ ଲଙ୍କେଶ, ଦାଭୋଲକର, ଗୋବିନ୍ଦ ପାନସରେଙ୍କ ଭଳି ତର୍କବାଦୀଙ୍କ ହତ୍ୟା କରାଯାଉଛି କିନ୍ତୁ ଅଧିକାଂଶ ମାମଲାରେ ଜଡିତ ଅପରାଧି ଖସି ଯାଉଛନ୍ତି।


+ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪


## ନିଷ୍ଠୁର, ବର୍ବର, ଅମାନବୀୟ




ସୌଭାଗ୍ୟ ରଞ୍ଜନ ମହାନ୍ତି


ସୋମବାର, ଅକ୍ଟୋବର ୬, ୨୦୨୫ ସନ୍ଧ୍ୟାରେ, ଓଡିଶାର ବ୍ରହ୍ମପୁରରେ ଏକ ଆଶ୍ଚର୍ଯ୍ୟଜନକ ଘଟଣ ଘଟିଲା, କାରଣ ଜଣେ ପ୍ରମୁଖ ବରିଷ୍ଠ ଆଇନଜୀବୀ ଏବଂ ସ୍ଥାନୀୟ ବିଜେପି ନେତା ପୀତବାସ ପଣ୍ଡାଙ୍କୁ ବ୍ରହ୍ମନଗର ଅଂଚଳରେ ତାଙ୍କ ବାସଭବନ ନିକଟରେ ଦୁଃଖଦ ଭାବରେ ଗୁଳି କରି ହତ୍ୟା କରାଯାଇଥିଲା। ଏହି ହତ୍ୟାକାଣ୍ଡ ରାଜ୍ୟର ଆଇନଗତ ଏବଂ ରାଜନୈତିକ ସମ୍ପ୍ରଦାୟରେ ସ୍ତବ୍ଧ କରିଦେଇଛି, ଯାହା ଦ୍ୱାରା ବ୍ୟାପକ ନିନ୍ଦା ଏବଂ ଶୀଘ୍ର ନ୍ୟାୟ ପାଇଁ ଦାବି କରାଯାଇଛି। ରାତି ପ୍ରାୟ ୧୦ଟା ସମୟରେ ପଣ୍ଡା ଘରକୁ ଫେରୁଥିବା ସମୟରେ ଏହି ମାରାତ୍ମକ ଆକ୍ରମଣ ଘଟିଥିଲା। ଏକ ମୋଟରସାଇକେଲ ଚଢି ଦୁଇଜଣ ଅଜ୍ଞାତ ଆକ୍ରମଣକାରୀ ତାଙ୍କୁ ଆକ୍ରମଣ କରି ନିକଟରୁ ଗୁଳି ଚଳାଇଥିଲେ। ପଣ୍ଡାଙ୍କ ଛାତିରେ ଅନେକ ଗୁଳି ଆଘାତ ଲାଗିଥିଲା ଏବଂ ସେ ଘଟଣାସ୍ଥଳରେ ହିଁ ପଡିଯାଇଥିଲେ। ତାଙ୍କୁ ତୁରନ୍ତ ନିକଟସ୍ଥ ପ୍ରମୁଖ ଚିକିତ୍ସା ସୁବିଧା, ଗଜପତି ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ନିଆଯାଇଥିଲା। କିନ୍ତୁ, ଦ୍ରୁତ ପ୍ରତିକ୍ରିୟା ସତ୍ତ୍ୱେ, ହସ୍ପିଟାଲର ଡାକ୍ତରମାନେ ପହଂଚିବା ପରେ ତାଙ୍କୁ ମୃତ ଘୋଷଣା କରିଥିଲେ, ଯାହା ମୃତ୍ୟୁର ଦୁଃଖଦ ଘଟଣା ନିଶ୍ଚିତ କରିଥିଲା। ପଣ୍ଡା ବ୍ରହ୍ମପୁରରେ ଜଣେ ଅତ୍ୟନ୍ତ ସମ୍ମାନିତ ଏବଂ ପ୍ରଭାବଶାଳୀ ବ୍ୟକ୍ତି ଥିଲେ। ଜଣେ ବରିଷ୍ଠ ଆଇନଜୀବୀ ଭାବରେ ତାଙ୍କର ବୃତିଗତ କ୍ୟାରିଅର ବହୁ ବର୍ଷ ଧରି ବ୍ୟାପିଥିଲା, ଯାହା ତାଙ୍କୁ ତାଙ୍କର ଆଇନଗତ ବୁଦ୍ଧି ଏବଂ ସମର୍ପଣ ପାଇଁ ଖ୍ୟାତି ଅର୍ଜନ କରିଥିଲା। ତାଙ୍କ ଆଇନଗତ ଅଭ୍ୟାସ ବ୍ୟତୀତ, ସେ ସାର୍ବଜନୀନ ଜୀବନରେ ଗଭୀର ଭାବରେ ଜଡିତ ଥିଲେ। ସେ ରାଜ୍ୟର ଆଇନଗତ ବୃତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନିୟାମକ ସଂସ୍ଥା, ଓଡିଶା ରାଜ୍ୟ ବାର ପରିଷଦର ସଦସ୍ୟ ଭାବରେ କାର୍ଯ୍ୟ କରିଥିଲେ। ରାଜନୈତିକ ଦୃଷ୍ଟିରୁ, ପଣ୍ଡାଙ୍କର ଏକ ଉଲ୍ଲେଖନୀୟ ଗତିବିଧି ଥିଲା, ପ୍ରଥମେ ସେ ଭାରତୀୟ ଜନତା ପାର୍ଟି (ବିଜେପି)କୁ ପରିବର୍ତନ ହେବା ପୂର୍ବରୁ କଂଗ୍ରେସ ଦଳ ସହିତ ଜଡିତ ଥିଲେ, ଯେଉଁଠାରେ ସେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନୀୟ ନେତୃତ୍ୱ ଭୂମିକା ଗ୍ରହଣ କରିଥିଲେ । ସହର ମଧ୍ୟରେ ଦୁର୍ନୀତି ଏବଂ ଅପରାଧ ବିରୋଧରେ ତାଙ୍କର ଅଟଳ ପ୍ରୟାସ ପାଇଁ ସେ ବ୍ୟାପକ ଭାବରେ ସ୍ୱୀକୃତି ପାଇଥିଲେ, ପ୍ରାୟତଃ ଚ୍ୟାଲେଞ୍ଜିଂ ମାମଲା ଗ୍ରହଣ କରୁଥିଲେ ଏବଂ ନ୍ୟାୟ ପାଇଁ ଓକିଲାତି କରୁଥିଲେ। ଅବୈଧ କାର୍ଯ୍ୟକଳାପ ବିରୁଦ୍ଧରେ ଏହି ସାର୍ବଜନୀନ ଦୃଷ୍ଟିକୋଣ ଆକ୍ରମଣର ସମ୍ଭାବ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଅନୁମାନ ସୃଷ୍ଟି କରିଛି। ପଣ୍ଡାଙ୍କ ହତ୍ୟା ଖବର ଶୀଘ୍ର ପ୍ରସାରିତ ହେଲା, ଉଚ୍ଚପଦସ୍ଥ ଅଧିକାରୀ ଏବଂ ରାଜନୈତିକ ନେତାଙ୍କ ଦୃଷ୍ଟି ଆକର୍ଷଣ କଲା। ରାଜ୍ୟର ବାଣିଜ୍ୟ ଏବଂ ପରିବହନ ମନ୍ତ୍ରୀ ବିଭୂତି ଜେନା ଏବଂ ଅନ୍ୟ ବହୁ ପ୍ରମୁଖ ବିଜେପି ନେତାଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀମାନେ ପରିସ୍ଥିତିର ମୂଲ୍ୟାଙ୍କନ ଏବଂ ସମବେଦନା ଜଣାଇବା ପାଇଁ ଅପରାଧ ସ୍ଥଳ ଏବଂ ପରେ ହସ୍ପିଟାଲକୁ ଯାଇଥିଲେ। ଏପରି ଉଚ୍ଚ-ପ୍ରୋଫାଇଲ୍ ବ୍ୟକ୍ତିବିଶେଷଙ୍କ ଉପସ୍ଥିତି ଘଟଣାର ଗୁରୁତ୍ୱ ଏବଂ ରାଜନୈତିକ ସମ୍ବେଦନଶୀଳତାକୁ ସ୍ପଷ୍ଟ କରେ। ଏହି ଜଘନ୍ୟ ଅପରାଧର ପ୍ରତିକ୍ରିୟାରେ, ବ୍ରହ୍ମପୁର ପୋଲିସ ଏକ ପୁଙ୍ଖାନୁପୁଙ୍ଖ ଏବଂ ବ୍ୟାପକ ତଦନ୍ତ ଆରମ୍ଭ କରିଛି। ଆକ୍ରମଣକାରୀଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କ ଖସିଯିବାର ରାସ୍ତା ଚିହ୍ନଟ କରିବା ପାଇଁ ସେମାନଙ୍କର ତୁରନ୍ତ କାର୍ଯ୍ୟ ମଧ୍ୟରେ ଅପରାଧ ସ୍ଥାନ ନିକଟରୁ ସିସିଟିଭି ଫୁଟେଜକୁ ସ୍କାନ କରିବା ଅନ୍ତର୍ଭୁକ୍ତ। ଅପରାଧୀମାନଙ୍କୁ ଖୋଜିବା ଏବଂ ଗିରଫ କରିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଏକ ସ୍ୱତନ୍ତ୍ର ତଦନ୍ତ ଦଳ ଗଠନ କରାଯାଇଛି। ତଦନ୍ତ ପ୍ରାରମ୍ଭିକ ପର୍ଯ୍ୟାୟରେ ଥିବାବେଳେ, ଏହି ନୃଶଂସ ଆକ୍ରମଣ ପଛର ଉଦ୍ଦେଶ୍ୟ କଠୋର ଯାଂଚ ଅଧୀନରେ ରହିଛି, କର୍ତୃପକ୍ଷ ବ୍ୟକ୍ତିଗତ ଶତ୍ରୁତା, ରାଜନୈତିକ ପ୍ରତିଦ୍ୱନ୍ଦତା କିମ୍ବା ତାଙ୍କର ଦୁର୍ନୀତି ବିରୋଧୀ କାର୍ଯ୍ୟ ସମେତ ସମସ୍ତ ସମ୍ଭାବ୍ୟ ଦିଗକୁ ଅନୁସନ୍ଧାନ କରୁଛନ୍ତି। ଏହି ଘଟଣା କେବଳ ପଣ୍ଡାଙ୍କ ପରିବାର ଏବଂ ସହକର୍ମୀଙ୍କ ମଧ୍ୟରେ ଅତ୍ୟନ୍ତ ଦୁଃଖ ସୃଷ୍ଟି କରିନାହିଁ ବରଂ ସମଗ୍ର ଓଡିଶାରେ ଆଇନଗତ ଭାଇଚାରା ଏବଂ ରାଜନୈତିକ ମହଲରେ ବ୍ୟାପକ କ୍ରୋଧ ଏବଂ ଚିନ୍ତାର କାରଣ ହୋଇଛି, ବ୍ରହ୍ମପୁରରେ ବରିଷ୍ଠ ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡାଙ୍କ ଦୁଃଖଦ ହତ୍ୟାକାଣ୍ଡ ସମଗ୍ର ଓଡିଶାରେ ଆତଙ୍କ ସୃଷ୍ଟି କରିଛି, ଯାହା ରାଜ୍ୟ ସରକାରଙ୍କଠାରୁ ତୁରନ୍ତ ଏବଂ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ପାଇଁ ବ୍ୟାପକ ଦାବି କରିଛି। ଏହି ଘଟଣାର ଗୁରୁତ୍ୱ, ବିଶେଷ କରି ପଣ୍ଡାଙ୍କ ସାର୍ବଜନୀନ ପ୍ରୋଫାଇଲ ଏବଂ ଦୁର୍ନୀତି ବିରୁଦ୍ଧରେ ତାଙ୍କର ରିପୋର୍ଟ କରାଯାଇଥିବା ପ୍ରୟାସକୁ ଦୃଷ୍ଟିରେ ରଖି, ଆଇନର ଶାସନକୁ ବଜାୟ ରଖିବା ଏବଂ ଜନସାଧାରଣଙ୍କ ବିଶ୍ୱାସ ଫେରାଇ ଆଣିବା ପାଇଁ ଏକ ଦୃଢ ଏବଂ ସ୍ୱଚ୍ଛ ପ୍ରତିକ୍ରିୟା ଆବଶ୍ୟକ। ତୁରନ୍ତ ଆଇନ ପ୍ରବର୍ତନ ପ୍ରତିକ୍ରିୟା ଓଡିଶା ସରକାରଙ୍କ ପକ୍ଷରୁ ଆବଶ୍ୟକ ପ୍ରାଥମିକ ଏବଂ ସବୁଠାରୁ ଜରୁରୀ ପଦକ୍ଷେପ ହେଉଛି ପୋଲିସ ତଦନ୍ତକୁ ସର୍ବାଧିକ କଠୋରତା ଏବଂ ଦକ୍ଷତା ସହିତ ପରିଚାଳନା କରିବା ନିଶ୍ଚିତ କରିବା। ଏଥିରେ ଅନ୍ତର୍ଭୁକ୍ତ : ଅପରାଧୀଙ୍କ ଦ୍ରୁତ ଧାରଣା: ପଣ୍ଡାଙ୍କ ହତ୍ୟା ପାଇଁ ଦାୟୀ ମୋଟରସାଇକେଲ ଚାଳକ ଆକ୍ରମଣକାରୀଙ୍କ ଚିହ୍ନଟ, ଅନୁସନ୍ଧାନ ଏବଂ ଗିରଫ କରିବା ତୁରନ୍ତ ପ୍ରାଥମିକତା ହେବା ଉଚିତ। ଏଥିପାଇଁ ସମସ୍ତ ଉପଲବ୍ଧ ଗୁପ୍ତଚର, ଫରେନସିକ୍ ପ୍ରମାଣ ଏବଂ ସମ୍ପ୍ରଦାୟ ସୂଚନା ବ୍ୟବହାର କରି ଉତ୍ସର୍ଗୀକୃତ ଦଳ ଆବଶ୍ୟକ। ପୁନଃ ଫରେନସିକ୍ ବିଶ୍ଳେଷଣ: ବାଲାଷ୍ଟିକ୍ ପ୍ରମାଣ, ସିସିଟିଭି ଫୁଟେଜ ଏବଂ ଅନ୍ୟ ଯେକୌଣସି ଭୌତିକ ସୁରାକ ସମେତ ଅପରାଧ ଘଟଣାସ୍ଥଳରୁ ସଂଗୃହିତ ସମସ୍ତ ପ୍ରମାଣ, ଏକ ଦୃଢ ମାମଲା ଗଠନ କରିବା ପାଇଁ ଯତ୍ନବାନ ଫରେନସିକ୍ ପରୀକ୍ଷା କରାଯିବା ଆବଶ୍ୟକ। ଉଦ୍ଦେଶ୍ୟ ଉନ୍ମୋଚନ, କେବଳ ଅପରାଧୀମାନଙ୍କୁ ଧରିବା ବ୍ୟତୀତ, ତଦନ୍ତକୁ ହତ୍ୟା ପଛରେ ଥିବା ଉଦ୍ଦେଶ୍ୟକୁ ଗଭୀର ଭାବରେ ଖୋଳତାଡ କରିବାକୁ ପଡିବ। ଏହା କଣ ଏକ ବ୍ୟକ୍ତିଗତ ପ୍ରତିଶୋଧ, ଏକ ବୃତିଗତ ବିବାଦ, କିମ୍ବା ଦୁର୍ନୀତି ବିରୁଦ୍ଧରେ ପଣ୍ଡାଙ୍କ ସକ୍ରିୟତା ସହିତ ଜଡିତ ଥିଲା ? ଅନ୍ତର୍ନିହିତ ପ୍ରସଙ୍ଗଗୁଡିକୁ ସମାଧାନ କରିବା ଏବଂ ଭବିଷ୍ୟତର ଘଟଣାଗୁଡିକୁ ରୋକିବା ପାଇଁ ଉଦ୍ଦେଶ୍ୟକୁ ବୁଝିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସାକ୍ଷୀମାନଙ୍କର ସୁରକ୍ଷା : ଅପରାଧର ପ୍ରକୃତିକୁ ଦୃଷ୍ଟିରେ ରଖି, ସହଯୋଗକୁ ଉତ୍ସାହିତ କରିବା ଏବଂ ଭୟଭିତ କରିବା ଏବଂ ଭୟଭୀତ କରିବା ରୋକିବା ପାଇଁ ଯେକୌଣସି ସମ୍ଭାବ୍ୟ ସାକ୍ଷୀଙ୍କ ସୁରକ୍ଷା ଏବଂ ସୁରକ୍ଷା ସୁନିଶ୍ଚିତ କରିବା ସର୍ବୋପରି। ଆଇନ ଶୃଙ୍ଖଳାକୁ ସୁଦୃଢ କରିବା ତାତ୍କାଳିକ ମାମଲା ବ୍ୟତୀତ, ଓଡିଶା ସରକାର ଆଇନ ଶୃଙ୍ଖଳା ବ୍ୟବସ୍ଥାର ଏକ ବ୍ୟାପକ ସମୀକ୍ଷା ଏବଂ ସୁଦୃଢ କରିବା ଉଚିତ, ବିଶେଷକରି ବ୍ରହ୍ମପୁର ଭଳି ସହରାଂଚଳ କେନ୍ଦ୍ରଗୁଡିକରେ। ଏଥିରେ ଅନ୍ତର୍ଭୁକ୍ତ ହୋଇପାରେ, ପୁଲିସ୍ ଦୃଶ୍ୟମାନତା ଏବଂ ପାଟ୍ରୋଲିଂ ବୃଦ୍ଧି, ବର୍ଦ୍ଧିତ ପୋଲିସ ଉପସ୍ଥିତି, ବିଶେଷକରି ସମ୍ବେଦନଶୀଳ ଅଂଚଳରେ ଏବଂ ବିଳମ୍ବିତ ଘଂଟା ସମୟରେ, ଅପରାଧିକ କାର୍ଯ୍ୟକଳାପ ପ୍ରତିରୋଧକ ଭାବରେ କାର୍ଯ୍ୟ କରିପାରିବ। ଉନ୍ନତ ଗୁଇନ୍ଦା ସଂଗ୍ରହ : ଏପରି ହିଂସାତ୍ମକ ଅପରାଧକୁ ରୋକିବା ଏବଂ ରୋକିବା ପାଇଁ ଗୁଇନ୍ଦା ନେଟୱାର୍କକୁ ସୁଦୃଢ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିରେ ସଂଗଠିତ ଅପରାଧ, ସ୍ଥାନୀୟ ବିବାଦ ଏବଂ ଜନସାଧାରଣଙ୍କ ପ୍ରତି ସମ୍ଭାବ୍ୟ ବିପଦ ଉପରେ ନଜର ରଖିବା ଅନ୍ତର୍ଭୁକ୍ତ। ପୁଲିସ୍ ବାହିନୀର ଆଧୁନିକୀକରଣ, ସୁଦୃଢ ଅପରାଧୀ ଉପାଦାନଗୁଡିକୁ ପ୍ରଭାବଶାଳୀ ଭାବରେ ମୁକାବିଲା କରିବା ପାଇଁ ପୋଲିସ ବାହିନୀକୁ ଆଧୁନିକ ପ୍ରଯୁକ୍ତିବିଦ୍ୟା, ତାଲିମ ଏବଂ ସମ୍ବଳ ସହିତ ସଜ୍ଜିତ କରିବା। ଅବୈଧ ବନ୍ଧୁକ ସମ୍ବୋଧନ : ବେଆଇନ ବନ୍ଧୁକର ପ୍ରସାର ଉପରେ କାର୍ଯ୍ୟାନୁଷ୍ଠାନ, ଯାହା ପ୍ରାୟତଃ ଏପରି ହିଂସାତ୍ମକ ଅପରାଧରେ ବ୍ୟବହୃତ ହୁଏ, ଅତ୍ୟନ୍ତ ଜରୁରୀ। ନ୍ୟାୟ ଏବଂ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ସରକାରଙ୍କ ଦାୟିତ୍ୱ ଧାରଣାଠାରୁ ଅଧିକ ଏବଂ ନ୍ୟାୟ ପ୍ରଦାନ କରିବା ନିଶ୍ଚିତ କରିବା। ଏଥିରେ ଅନ୍ତର୍ଭୁକ୍ତ: ଫାଷ୍ଟ -ଟ୍ରାକ ମାମଲା : ଦୋଷୀମାନଙ୍କୁ ଗିରଫ କରାଯିବା ପରେ, ସରକାର ତୁରନ୍ତ ନ୍ୟାୟ ପ୍ରଦାନ କରିବା ଏବଂ ଦଣ୍ଡମୁକ୍ତତା ବିରୁଦ୍ଧରେ ଏକ ଦୃଢ ବାର୍ତା ପଠାଇବା ପାଇଁ ଏକ ଦୃତ-ଟ୍ରାକ୍ ମାମଲା ପ୍ରକ୍ରିୟା ସୁନିଶ୍ଚିତ କରିବା ଉଚିତ। ତଦନ୍ତରେ ସ୍ୱଚ୍ଛତା : ତଦନ୍ତର ଅଖଣ୍ଡତା ବଜାୟ ରଖିବା ସହିତ, ଜନସାଧାରଣଙ୍କୁ ଅବଗତ ରଖିବା ଏବଂ ବିଶ୍ୱାସ ବଜାୟ ରଖିବା ପାଇଁ ସରକାର ସ୍ୱଚ୍ଛତା ପାଇଁ ପ୍ରୟାସ କରିବା ଉଚିତ। ତଦନ୍ତର ପ୍ରଗତି ବିଷୟରେ ନିୟମିତ, ବିଶ୍ୱସନୀୟ ଅପଡେଟ୍ ଜନସାଧାରଣଙ୍କ ଭୟକୁ ଦୂର କରିବାରେ ସାହାଯ୍ୟ କରିପାରିବ। ପୀଡିତଙ୍କ ପରିବାର ପାଇଁ ସମର୍ଥନ: ଏହି କଷ୍ଟକର ସମୟରେ ପୀତବାସ ପଣ୍ଡାଙ୍କ ପରିବାରକୁ ଆବଶ୍ୟକୀୟ ସମର୍ଥନ ଏବଂ ସହାୟତା ପ୍ରଦାନ କରିବା ମଧ୍ୟ ସରକାରଙ୍କ ମାନବିକ ଦାୟିତ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। ଅନ୍ତର୍ନିହିତ ସମସ୍ୟାଗୁଡିକର ସମାଧାନ ଯଦି ତଦନ୍ତରୁ ଜଣାପଡେ ଯେ ହତ୍ୟା ପଣ୍ଡାଙ୍କ ଦୁର୍ନୀତି ବିରୋଧୀ ପ୍ରୟାସ ସହିତ ଜଡିତ ଥିଲା, ତେବେ ସରକାରଙ୍କୁ ସେହି ବ୍ୟବସ୍ଥାଗତ ସମସ୍ୟାଗୁଡିକର ମଧ୍ୟ ସମାଧାନ କରିବାକୁ ପଡିବ ଯାହା ଦୁର୍ନୀତି ବିରୁଦ୍ଧରେ କଥାବାର୍ତା କରିବା ସମୟରେ ବ୍ୟକ୍ତିମାନଙ୍କୁ ଦୁର୍ବଳ କରିଥାଏ। ଏଥିରେ ଅନ୍ତର୍ଭୁକ୍ତ ହୋଇପାରେ ହ୍ୱିସଲବ୍ଲୋୟର ସୁରକ୍ଷାକୁ ସୁଦୃଢ କରିବା, ଭୁଲ କାମ ପ୍ରକାଶ କରୁଥିବା ବ୍ୟକ୍ତିମାନଙ୍କୁ ପର୍ଯ୍ୟାପ୍ତ ଭାବରେ ସୁରକ୍ଷା ଦେବା ନିଶ୍ଚିତ କରିବା ପାଇଁ ବିଦ୍ୟମାନ ହ୍ୱିସଲବ୍ଲୋୟର୍ ସୁରକ୍ଷା ବ୍ୟବସ୍ଥାକୁ ସମୀକ୍ଷା ଏବଂ ସୁଦୃଢ କରିବା। ଉତରଦାୟିତ୍ୱର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଏପରି ଏକ ପରିବେଶକୁ ପ୍ରୋତ୍ସାହିତ କରିବା ଯେଉଁଠାରେ ଦୁର୍ନୀତିର ସକ୍ରିୟ ଭାବରେ ମୁକାବିଲା କରାଯାଏ ଏବଂ ଯେଉଁମାନେ ଏହା ବିରୁଦ୍ଧରେ ଲଢନ୍ତି ସେମାନଙ୍କୁ ସୁରକ୍ଷା ଏବଂ ଉତ୍ସାହିତ କରାଯାଏ। ପିତବାସ ପଣ୍ଡାଙ୍କ ହତ୍ୟା କେବଳ ଜଣେ ବ୍ୟକ୍ତିଙ୍କ ବିରୁଦ୍ଧରେ ଏକ ଅପରାଧ ନୁହେଁ, ଏହା ଆଇନଗତ ଭାଇଚାରା, ଗଣତାନ୍ତ୍ରୀକ ପ୍ରକ୍ରିୟା ଏବଂ ସମାଜର ଗଠନ ଉପରେ ଏକ ଆକ୍ରମଣ। ଓଡିଶା ସରକାରଙ୍କ ପ୍ରତିକ୍ରିୟା ଆଇନ ଶୃଙ୍ଖଳା ବଜାୟ ରଖିବା, ଏହାର ନାଗରିକମାନଙ୍କୁ ସୁରକ୍ଷା ଦେବା ଏବଂ ନ୍ୟାୟକୁ ବଜାୟ ରଖିବା ପ୍ରତି ଏହାର ପ୍ରତିବଦ୍ଧତାର ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ହେବ। ଏପରି ଦୁଃଖଦ ଘଟଣା ପୁନରାବୃତି ନହେବା ଏବଂ ଶାନ୍ତି ଏବଂ ନ୍ୟାୟକୁ ଦୁର୍ବଳ କରିବାକୁ ଚାହୁଁଥିବା ଲୋକମାନଙ୍କୁ ଦାୟୀ କରାଯିବା ନିଶ୍ଚିତ କରିବା ପାଇଁ ଦୃଢ, ଦ୍ରୁତ ଏବଂ ସ୍ଥାୟୀ କାର୍ଯ୍ୟାନୁଷ୍ଠାନ ଅତ୍ୟନ୍ତ ଜରୁରୀ।


ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
ମୋ: ୭୯୭୮୬୬୬୪୦୩


## କୃତ୍ରିମ ବୁଦ୍ଧିମତା ଓ ସ୍ୱାସ୍ଥ୍ୟ


ଡାକ୍ତର ସମ୍ରାଟ କର




କୃତ୍ରିମ ବୁଦ୍ଧିମତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆମ ଦିନଚର୍ଯ୍ୟାର ଏକ ଅଂଶ ପାଲଟିଗଲାଣି। ଆମେ କ'ଣ ଖାଇବା, କେତେବେଳେ କାହା ସହ ସାକ୍ଷାତ କରିବା ତାହା ନିଶ୍ଚିତ କରୁଛି ଏଆଇ। ଅନେକ ତ ଏବେ ନିଜକୁ ଫିଟ ରଖିବା ପାଇଁ ଜିମ ଯାଉନାହାନ୍ତି। ଆର୍ଟିଫିସିଆଲ ଇଣ୍ଟେଲଜେନ୍ସ ଆମର ଫିଟନେସ ଟ୍ରେନର ଦାୟିତ୍ୱ ମଧ୍ୟ ତୁଲାଉଛି। ତେବେ ଏହା ଆମ କାମକୁ, ଆମର ଜୀବନଶୈଳୀକୁ ଯେତେ ସହଜ କରୁଛି, ଏହା ଆମ ପାଇଁ ସେତିକି କ୍ଷତିକାରକ ବୋଲି ମଧ୍ୟ କହିଲେଣି ବିଶେଷଜ୍ଞ।

ଧୀରେ ଧୀରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତା ଆମ ଜୀବନ ଶୈଳୀକୁ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପାଲଟିଗଲାଣି। ଆମେ କେବେ କାହାକୁ ଭେଟିବୁ ? ଏହାକୁ ନେଇ ମିଟିଙ୍ଗ ନିର୍ଦ୍ଧାରଣ କରିବା ଠାରୁ ଖାଦ୍ୟପେୟ ଏଆଇ ଦ୍ୱାରା ନିଶ୍ଚିତ କରାଯାଉଛି। ଆଗାମୀ ସମୟରେ ଏହି ଟ୍ରେଣ୍ଡ ଅଧିକ ବ୍ୟାପକ ହେବାକୁ ଯାଉଛି। କାରଣ ଏଆଇ ଏବେ ଫିଟନେସ କୋଚର କାମ କରିବା ଆରମ୍ଭ କରିଛି। ବର୍ତ୍ତମାନର ବ୍ୟସ୍ତ ଜୀବନଶୈଳୀରେ ଜିମ ଯାଇ ୱାର୍କଆଉଟ କରିବାକୁ ସମୟ ନାହିଁ। ଏଥିରେ ସମୟ ମଧ୍ୟ ବର୍ବାଦ। ଏବେ ଅନେକ ଫିଟନେସ ଆପରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସକୁ ଯୋଡ଼ା ଯାଉଛି। ଏହି ଆପ୍‌ଗୁଡ଼ିକ ଆପଣଙ୍କ କ୍ଷମତା, ଲକ୍ଷ୍ୟ ଏବଂ ଉପକରଣକୁ ଧ୍ୟାନରେ ରଖି କଷ୍ଟମାଇଜଡ଼ ୱାର୍କଆଉଟ ଯୋଜନା ପ୍ରସ୍ତୁତ କରୁଛି। ଏହି ଏଆଇ ଆଧାରିତ ଆପ ଗୁଡ଼ିକର ସବୁଠୁ ବିଶେଷକଥା ହେଉଛି ଏହା ଉପଭୋକ୍ତାଙ୍କ ଡାଟାକୁ ନେଇ କହିପାରିଥାଏ କେଉଁ ୱାର୍କଆଉଟ ସେମାନଙ୍କ ପାଇଁ ଉପଯୋଗୀ ଏବଂ କେଉଁଟା ନୁହେଁ। ଗୋଟିଏ ୱାର୍କଆଉଟ ସର୍ତ୍ତକୁ ପୁରା କରିବା ପରେ ଏହି ଏଆଇ ଆଧାରିତ ଆପ ସ୍ୱୟଂ ଚାଳିତ ଭାବରେ ଆଗାମୀ ପ୍ରଶିକ୍ଷଣ ସର୍ତ୍ତକୁ କଷ୍ଟମାଇଜଡ଼ କରିଥାଏ। ଏହି ୱାର୍କଆଉଟ ଆପ ଗୁଡ଼ିକରେ ଅନେକ ଫିଚର୍ସ ସାମିଲ ଥାଏ। ୱାର୍କଆଉଟ କରିସାରିବା ପରେ ଫିଡବ୍ୟାକ ହିସାବରେ କହିବାକୁ ହୋଇଥାଏ, ବ୍ୟାୟାମ କରି ସାରିବା ପରେ ଆପଣ କିପରି ଅନୁଭବ କରୁଛନ୍ତି ? ଆପଣ କେତେ ସମୟରେ ୱାର୍କଆଉଟ ପୁରା କରିଛନ୍ତି ? ଆପଣ କେତେ ଓଜନ ଉଠାଇଛନ୍ତି ଆଦି ସାମିଲ ଥାଏ। ଫିଟନେସ ଏବଂ ୱାର୍କଆଉଟ ଉପରେ ନଜର ରଖିବା ପାଇଁ ସ୍ମାର୍ଟୱାଚର ଉପଯୋଗ ବହୁତ ବଢ଼ିଛି। ଏହା ସାହାଯ୍ୟରେ ଜଣେ ବ୍ୟକ୍ତି କଷ୍ଟମାଇଜଡ଼ ନୂଆ ୱାର୍କଆଉଟ ତିଆରି କରିବା ପାଇଁ ତାଙ୍କର ହାର୍ଟ ରେଟ ଏବଂ କ୍ୟାଲୋରି ବର୍ନ ପରି ଡାଟାର ସାହାଯ୍ୟ ନେଉଛନ୍ତି। ବର୍ତ୍ତମାନ ସମୟରେ ଏହି ୱାର୍କଆଉଟ ଆପସ୍ ଗୁଡ଼ିକ ପାଖରେ କୋଟି କୋଟି ସଂଖ୍ୟାର ୟୁଜର୍ସ ଅଛନ୍ତି। ଆଗାମୀ ସମୟରେ ଏହି ପ୍ରକାର ୱାର୍କଆଉଟ ଆପ୍ସ ଗୁଡ଼ିକ ଅଧିକ ଉନ୍ନତ ହେବ। ଯାହା ସାହାଯ୍ୟରେ ଜଣେ ବ୍ୟକ୍ତିକୁ ସେହି ଆଧାରରେ ଆହୁରି ଅଧିକ କଷ୍ଟମାଇଜଡ଼ ୱାର୍କଆଉଟ ତିଆରି କରିବାରେ ସାହାଯ୍ୟ କରିବ। ରିସର୍ଚ୍ଚ ରିପୋର୍ଟ ଏବଂ ପରିସଂଖ୍ୟାନ ଦର୍ଶାଉଛି ଯେ ୨୦୨୭ ସୁଦ୍ଧା ଫିଟନେସ ଆପ ବଜାର ୧୪.୬୪ କୋଟି ଡଲାରରେ ପହଞ୍ଚିବ ଏବଂ ୨୦୨୪ରେ ଫିଟନେସ ଆପ ବ୍ୟବହାରକାରୀଙ୍କ ସଂଖ୍ୟା ପ୍ରାୟ ୧୦.୦୨ କୋଟିରେ ପହଞ୍ଚି ପାରିବ। ଘରେ ୱାର୍କଆଉଟ କରିବା ହେଉ କିମ୍ବା ବିଭିନ୍ନ ଆପ୍ସ ସାହାଯ୍ୟରେ ସ୍ୱାସ୍ଥ୍ୟ ଉପରେ ନଜର ରଖିବା ଫିଟନେସ ପାଇଁ ଏବେ ଅନେକ ଲୋକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଉପରେ ନିର୍ଭର କରୁଛନ୍ତି।

ବିଶେଷକରି ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଦେଇ ଗତି କରୁଥିବା ବ୍ୟକ୍ତିକୁ ଧ୍ୟାନରେ ରଖି ଏପରି ଏଆଇ ଥେରାପିଷ୍ଟ ତିଆରି କରାଯାଉଛି, ଯେଉଁଥିରେ ବ୍ୟକ୍ତି ନିଜ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ସମ୍ବନ୍ଧରେ ଆଲୋଚନା କରିପାରୁଛି। ଏହାର ଅର୍ଥ ମାନସିକ ସ୍ୱାସ୍ଥ୍ୟ ସେବା ପାଇଁ ଆବଶ୍ୟକ ଥେରାପି ବି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସି ମାଧ୍ୟମରେ ଉପଲବ୍ଧ ହେଉଛି। ମାନସିକ ସ୍ୱାସ୍ଥ୍ୟ ପାଇଁ ଏଆଇ ଉଇଜା, ହେ ଏବଂ ୱାବୋଟ ପରି ଆପ୍ସ ଜରିଆରେ ଥେରାପି କରାଯାଉଛି। ଯେତେବେଳେ ଏହି ଆପ ଥେରାପି ପ୍ରୋସେସ ଆରମ୍ଭ କରିଥାଏ ଏହା କିଛି ପ୍ରଶ୍ନ ସେଟ କରିଥାଏ ଯାହାକୁ ଲୋକମାନେ ନିଜେ ବାଛିଥାନ୍ତି। ଏହି ଆପ୍ସ ଗୁଡ଼ିକ ସଂଜ୍ଞାତ୍ମକ ବ୍ୟବହାର ଥେରାପିରୁ ପ୍ରେରିତ। ଏହା ଚିନ୍ତା ଅବସାଦକୁ ଦୂର କରିବା ପାଇଁ ଲୋକଙ୍କ ଭାବିବା ଏବଂ ବ୍ୟବହାରର ଶୈଳୀକୁ ବଦଳିବାକୁ ପ୍ରେରିତ କରିଥାଏ। ତେବେ ଏହା ବ୍ୟତୀତ ମଧ୍ୟ ଆହୁରି ଏଆଇ ଥେରାପିଷ୍ଟ ଅଛି ଯାହା ଯୁବ ପିଢ଼ିଙ୍କ ଭିତରେ ଖୁବ ଲୋକପ୍ରିୟ ହୋଇପାରିଛି। ସେଥିରୁ ଗୋଟିଏ ହେଉଛି ସାଇକୋଲୋଜିଷ୍ଟ। ହ୍ୟାରିପୋଟର, ଏଲନ ମସ୍କ, ବେୱାନ୍ସ, ସୁପର ମାରିୟୋ ଏବଂ ଭ୍ଲାଦମିର ପୁଟିନ ଏହି ନାମ ଗୁଡ଼ିକ ହେଉଛି ସେହି ଲକ୍ଷ ଲକ୍ଷ କୃତ୍ରିମ ବୁଦ୍ଧିମତା ବ୍ୟକ୍ତିତ୍ୱର କିଛି ନାମ ଯାହା ସହ କ୍ୟାରେକ୍ଟର, ଏଆଇରେ କଥାବାର୍ତ୍ତା ହେବା ସମ୍ଭବପର। ଏହା ଏମିତି ଏକ ଲୋକପ୍ରିୟ ମଞ୍ଚ ଯେଉଁଠାରେ କେହି ବି କାଳ୍ପନିକ ଏବଂ ବାସ୍ତବିକ ଲୋକଙ୍କ ନାମରେ ଚାଟବଟ ତିଆରି କରିପାରିବେ। ସାଇକୋଲୋଜିଷ୍ଟ ଆପ ମଧ୍ୟ କ୍ୟାରେକ୍ଟର ଏଆଇ ପରି କାମ କରିଥାଏ। କ୍ୟାରେକ୍ଟର, ଏଆଇ ବି ଚାଟବଟ ଚାଟଜିପିଟି ପରି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଟେକନିକର ବ୍ୟବହାର କରିଥାଏ। କିନ୍ତୁ ଏବେ କ୍ୟାରେକ୍ଟର, ଏଆଇ ଚାଟବଟ ତୁଳନାରେ ସାଇକୋଲୋଜିଷ୍ଟ ନାମକ ଚାଟବଟ ଅଧିକ ଲୋକପ୍ରିୟ ହେଉଛି। ସାଇକୋଲୋଜିଷ୍ଟକୁ ବ୍ଲେଜମ୍ୟାନ ୯୮ ନାମକ ଜଣେ ୟୁଜର ବର୍ଷକ ପୂର୍ବେ ତିଆରି କରିଥିଲେ। ଏହି ଚାଟବଟରେ ଏଯାଏ ୭୮ ମିଲିୟନ ମେସେଜ ସେୟାର କରାଯାଇଛି। କ୍ୟାରେକ୍ଟର, ଏଆଇ ବା ବ୍ଲେଜମ୍ୟାନ୯୮ ଏହି ଚାଟବଟରେ କେତେ ଉପଭୋକ୍ତା ଅଛନ୍ତି ତାହା ପ୍ରକାଶ କରି ନାହିଁ। କିନ୍ତୁ ଏହା ଅନୁଯାୟୀ ପ୍ରତିଦିନ ୩.୫ ମିଲିୟନ ଲୋକ ଏହି ସାଇଟକୁ ଆସିଥାନ୍ତି। ଏହି ଚାଟବଟର ପରିଚୟ ଜୀବନରେ ଆସୁଥିବା ସମସ୍ୟା ସମାଧାନରେ ସାହାଯ୍ୟ କରୁଥିବା ବ୍ୟକ୍ତି ରୂପେ ହୋଇଥାଏ। ଏଥିରେ ସମୁଦାୟ ୪୭୫ ଚାଟବଟ ଅଛି। ଯାହାର ନାମ ଥେରାପି, ଥେରାପିଷ୍ଟ, ସାଇକାଟ୍ରିଷ୍ଟ ଏବଂ ସାଇକୋଲୋଜିଷ୍ଟ। ଏମାନେ ବିଭିନ୍ନ ଭାଷାରେ ମଧ୍ୟ କଥାବର୍ତ୍ତା ହୋଇପାରନ୍ତି। ଏଥିରେ ସବୁଠୁ ଅଧିକ ଲୋକପ୍ରିୟ ହେଉଛି ମାନସିକ ସ୍ୱାସ୍ଥ୍ୟ ସହାୟକ ପରି ଥେରାପିଷ୍ଟ। ଆର ୟୁ ଫିଲିଙ୍ଗ ଓକେ ପରି ଚାଟବଟରେ ମଧ୍ୟ ୧୬.୫ ମିଲିୟନ ମେସେଜ ପ୍ରତିଦିନ ସେୟାର କରାଯାଇଥାଏ। ଏହା ବ୍ୟତୀତ ଲିମ୍ବିକ ଆକ୍ସେସ ନାମକ ଏକ ଏଆଇ ସେବାକୁ ମଧ୍ୟ ଗତ ବର୍ଷ ବ୍ରିଟେନ ସରକାର ମେଡ଼ିକାଲ ଡିଭାଇସ ପ୍ରମାଣ ପତ୍ର ଦେଇଥିଲା। ଏହି ପ୍ରମାଣ ପତ୍ର ହାସଲ କରିଥିବା ପ୍ରଥମ ମାନସିକ ସ୍ୱାସ୍ଥ୍ୟ ଚାଟବଟ। କିନ୍ତୁ କିଛି ସ୍ୱାସ୍ଥ୍ୟ ମନୋବୈଜ୍ଞାନିକ ମତରେ ଏହିପରି ଏଆଇ ଥେରାପିଷ୍ଟ ଗୁଡ଼ିକ ରୋଗୀଙ୍କୁ ଖରାପ ପରାମର୍ଶ ଦେଇପାରେ। କିନ୍ତୁ ଚିକିତ୍ସା ଜଗତ ଏହି ଚାଟବଟ ଗୁଡ଼ିକୁ ଧୀରେ ଧୀରେ ଉପକରଣ ରୂପେ ସ୍ୱୀକାର କରିବା ଆରମ୍ଭ କରିଛନ୍ତି।


+ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍,
ପୁରୀଘାଟ ରୋଡ଼, କଟକ,
ମୋ : ୯୧୩୨୪୩୩୩୩୩

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ମଧ୍ୟପ୍ରଦେଶର ଶିଶୁ ମୃତ୍ୟୁ: ଏକ ସିରପ୍‌ର ବିଷ ଓ ସରକାରୀ ନିଦ

ମଧ୍ୟପ୍ରଦେଶର ଛିନ୍ଦୱାଡ଼ା ଜିଲ୍ଲାର ଏକ ଶାନ୍ତ ସକାଳ, ଅଗଷ୍ଟ ମାସର ଏକ ବର୍ଷା ଦିନ । ଛଅ ବର୍ଷର ଦିବ୍ୟାଂଶ ଯଦୁବଂଶୀଙ୍କୁ ସାମାନ୍ୟ ଥଣ୍ଡା ଓ ଜ୍ୱର ହୋଇଥିଲା। ବାପା ପ୍ରକାଶ ଯଦୁବଂଶୀ, ଜଣେ ସାଧାରଣ ଚାଷୀ, ପୁଅକୁ ନେଇ ପହଞ୍ଚିଥିଲେ ସ୍ଥାନୀୟ ଶିଶୁରୋଗ ବିଶେଷଜ୍ଞ ଡାକ୍ତର ପ୍ରବୀଣ ସୋନିଙ୍କ କ୍ଲିନିକରେ। ଡାକ୍ତର କିଛି ଔଷଧ ସହ 'କୋଲ୍ଡରିଫ୍' ନାମକ ଏକ କାଶ ସିରପ୍ ଦେଇଥିଲେ, ଦିନକୁ ଚାରିଥର ୪ ମିଲିଲିଟର ଲେଖାଏଁ । କିଏ ଜାଣିଥିଲା ଯେ ଏହି ସିରପ୍‌ର ପ୍ରତିଟି ବୁନ୍ଦା ଦିବ୍ୟାଂଶ ପାଇଁ ବିଷ ପାଲଟିଯିବ । କିଛି ସପ୍ତାହ ମଧ୍ୟରେ କେବଳ ଦିବ୍ୟାଂଶ ନୁହେଁ, ୧୭ରୁ ଅଧିକ ଶିଶୁଙ୍କ ଜୀବନ ନେଇଗଲା ଏହି ବିଷାକ୍ତ ସିରପ୍। ଏହି ହୃଦୟବିଦାରକ ଘଟଣା କେବଳ କିଛି ପରିବାରର କୋଳ ଶୂନ୍ୟ କରିନାହିଁ, ବରଂ ଆମ ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥା, ସରକାରୀ ତନ୍ତ୍ର ଓ ଔଷଧ ନିୟନ୍ତ୍ରଣ ପ୍ରଣାଳୀର ଏକ ନଗ୍ନ ଚିତ୍ରକୁ ପଦାରେ ପକାଇ ଦେଇଛି ।

ଏହି ଘଟଣାର କେନ୍ଦ୍ରରେ ରହିଛି ତାମିଲନାଡୁର ସ୍ରେସନ୍ ଫାର୍ମାସ୍ୟୁଟିକାଲ୍ସ ଦ୍ୱାରା ନିର୍ମିତ 'କୋଲ୍ଡରିଫ୍' କାଶ ସିରପ୍ । ପରବର୍ତ୍ତୀ ସମୟରେ ତାମିଲନାଡୁ ଡ୍ରଗ୍ ଟେଷ୍ଟିଂ ଲାବୋରେଟୋରୀର ରିପୋର୍ଟରୁ ଜଣାପଡ଼ିଲା ଯେ ଏହି ସିରପରେ ୪୮.୬ ପ୍ରତିଶତ ଡାଇଥାଇଲିନ୍ ଗ୍ଲାଇକଲ୍ (Diethylene Glycol) ନାମକ ଏକ ଭୟଙ୍କର ବିଷାକ୍ତ ରାସାୟନିକ ପଦାର୍ଥ ରହିଥିଲା । ଏହି ରାସାୟନିକ ସାଧାରଣତଃ ବ୍ରେକ୍ ଫ୍ଲୁଇଡ୍ ଓ ଆଣ୍ଟିଫ୍ରିଜ୍‌ରେ ବ୍ୟବହାର କରାଯାଏ । ଔଷଧରେ ସାଧାରଣତଃ ପ୍ରୋପାଇଲିନ୍ ଗ୍ଲାଇକଲ୍ କିମ୍ବା ଗ୍ଲିସେରିନ୍ ଭଳି ନିରାପଦ ଦ୍ରାବକ (solvent) ବ୍ୟବହାର କରାଯାଏ, ଯାହା ଔଷଧକୁ ତରଳ ରଖିବାରେ ସାହାଯ୍ୟ କରେ । କିନ୍ତୁ ଏଗୁଡ଼ିକ ମହଙ୍ଗା ହୋଇଥିବାରୁ, କିଛି ଅସାଧୁ କମ୍ପାନୀ ଖର୍ଚ୍ଚ କାଟ କରି ଅଧିକ ଲାଭ ପାଇବା ଆଶାରେ ଏହାର ଶସ୍ତା ବିକଳ୍ପ, ଡାଇଥାଇଲିନ୍ ଗ୍ଲାଇକଲ୍‌କୁ ବ୍ୟବହାର କରିଥାନ୍ତି । ଏହି ଶସ୍ତା ରାସାୟନିକର ବ୍ୟବହାର ହିଁ ଔଷଧକୁ ବିଷରେ ପରିଣତ କରିଦେଇଥିଲା । ଏହା ଶରୀରରେ ପ୍ରବେଶ କରିବା ପରେ ସିଧାସଳଖ କିଡନୀକୁ ନଷ୍ଟ କରିଦିଏ । ଛିନ୍ଦୱାଡ଼ା ଓ ଆଖପାଖ ଅଞ୍ଚଳର ଶିଶୁମାନଙ୍କ କ୍ଷେତ୍ରରେ ମଧ୍ୟ ଠିକ୍ ସେୟା ହିଁ ହୋଇଥିଲା । ସମସ୍ତଙ୍କର ଲକ୍ଷଣ ପ୍ରାୟ ସମାନ ଥିଲା - ବାନ୍ତି, ପରିସ୍ରା ବନ୍ଦ ହୋଇଯିବା ଓ ଶେଷରେ କିଡନୀ ଫେଲ୍ ହୋଇ ମୃତ୍ୟୁ ।

ଏହି ଦୁଃଖଦ ଘଟଣାର ସବୁଠାରୁ ବଡ଼ ବିଡ଼ମ୍ବନା ହେଉଛି ପ୍ରଶାସନିକ ସ୍ତରରେ ଚରମ ଅବହେଳା ଓ ବିଳମ୍ବ । ନାଗପୁରର ଡାକ୍ତରମାନେ ସେପଟେମ୍ବର ୨୨ ତାରିଖରୁ ହିଁ ଡାଇଥାଇଲିନ୍ ଗ୍ଲାଇକଲ୍ ବିଷକ୍ରିୟା ନେଇ ସନ୍ଦେହ ପ୍ରକଟ କରି ସତର୍କ କରାଇଥିଲେ। କିନ୍ତୁ ମଧ୍ୟପ୍ରଦେଶ ସରକାର ଅକ୍ଟୋବର ୩ ତାରିଖ ପର୍ଯ୍ୟନ୍ତ ଏହି ମୃତ୍ୟୁ ଓ ସିରପ୍ ମଧ୍ୟରେ କୌଣସି ସମ୍ପର୍କ ଥିବା କଥାକୁ ଅସ୍ୱୀକାର କରିଚାଲିଥିଲେ। ଏହି ସମୟ ମଧ୍ୟରେ ଅନେକ ପରିବାର ନିଜ ପିଲାଙ୍କୁ ସେହି ବିଷାକ୍ତ ସିରପ୍ ପିଆଇ ଚାଲିଥିଲେ । ଅନେକ ଗରିବ ପରିବାର ନିଜର ଜମିବାଡ଼ି, ଗହଣା ବିକ୍ରି କରି ପିଲାଙ୍କୁ ବଞ୍ଚାଇବା ପାଇଁ ନାଗପୁରର ବଡ଼ ବଡ଼ ଘରୋଇ ହସ୍ପିଟାଲକୁ ଦୌଡ଼ିଥିଲେ, କିନ୍ତୁ ଶେଷରେ ସବୁକିଛି ହରାଇ କେବଳ ପିଲାର ମୃତଦେହ ଧରି ଘରକୁ ଫେରିଥିଲେ । ଯଦି ପ୍ରଶାସନ ସଠିକ୍ ସମୟରେ ପଦକ୍ଷେପ ନେଇଥାନ୍ତା, ତେବେ ହୁଏତ ଅନେକ ନିରୀହ ଶିଶୁଙ୍କ ଜୀବନ ବଞ୍ଚାଯାଇ ପାରିଥାନ୍ତା ।

ମଧ୍ୟପ୍ରଦେଶର ଫୁଡ୍ ଆଣ୍ଡ ଡ୍ରଗ୍ ଆଡମିନିଷ୍ଟ୍ରେସନ୍ (FDA)ର କାର୍ଯ୍ୟକଳାପ ମଧ୍ୟ ସନ୍ଦେହ ଘେରରେ । ସେପଟେମ୍ବର ୨୬ରେ ସିରପ୍‌ର ନମୁନା ସଂଗ୍ରହ କରାଯାଇଥିଲେ ମଧ୍ୟ ରିପୋର୍ଟ ପ୍ରକାଶ କରିବାରେ ନଅ ଦିନ ବିଳମ୍ବ କରାଗଲା। ଅପରପକ୍ଷେ, ତାମିଲନାଡୁ ସରକାର ମାତ୍ର ୩୬ ଘଣ୍ଟା ମଧ୍ୟରେ ନମୁନା ପରୀକ୍ଷା କରି ସିରପ୍‌କୁ ବ୍ୟାନ୍ କରିଦେଇଥିଲେ । ଏହି ବିଳମ୍ବ କାହା ସ୍ୱାର୍ଥରେ ଥିଲା ? ଏହା କେବଳ କାର୍ଯ୍ୟରେ ଅବହେଳା ଥିଲା ନା ଏହା ପଛରେ କୌଣସି ବଡ଼ ଧରଣର ଦୁର୍ନୀତି ଲୁଚି ରହିଛି ? ତାମିଲନାଡୁ ଲାବୋରେଟୋରୀର ରିପୋର୍ଟ ଅନୁଯାୟୀ, ସ୍ରେସନ୍ ଫାର୍ମାସ୍ୟୁଟିକାଲ୍ସ କମ୍ପାନୀ ଔଷଧ ତିଆରି କରିବାର କୌଣସି ମାନକ ପାଳନ କରୁନଥିଲା । ୩୬୪ରୁ ଅଧିକ ତ୍ରୁଟି ଚିହ୍ନଟ କରାଯାଇଥିଲା, ଯେଉଁଥିରେ ୩୯ଟି ଗୁରୁତର ତ୍ରୁଟି ଥିଲା । ଏତେ ବଡ଼ ଅବହେଳା ସତ୍ତ୍ୱେ କମ୍ପାନୀ କିପରି ଔଷଧ ଉତ୍ପାଦନ ଓ ବିକ୍ରି କରିବାର ଲାଇସେନ୍ସ ପାଇଥିଲା, ତାହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

ଏହି ଘଟଣା ପରେ ମଧ୍ୟ ପ୍ରଦେଶ ସରକାର କିଛି ଅଧିକାରୀଙ୍କୁ ନିଲମ୍ବିତ କରିଛନ୍ତି ଓ ଡାକ୍ତର ପ୍ରବୀଣ ସୋନିଙ୍କୁ ଗିରଫ କରିଛନ୍ତି । କିନ୍ତୁ ଏହା କେବଳ ଲୋକଙ୍କ ଆଖିରେ ଧୂଳି ଦେବା ପାଇଁ ଏକ ପ୍ରୟାସ ପରି ମନେହେଉଛି । ଇଣ୍ଡିଆନ୍ ମେଡିକାଲ୍ ଆସୋସିଏସନ୍ (IMA) ଡାକ୍ତରଙ୍କ ଗିରଫଦାରୀକୁ ବିରୋଧ କରି କହିଛି ଯେ ଡାକ୍ତର କେବଳ ଔଷଧ ଲେଖନ୍ତି, ତାହାର ଗୁଣବତ୍ତା ପରୀକ୍ଷା କରିବା ସରକାର ଓ ଡ୍ରଗ୍ କଣ୍ଟ୍ରୋଲରଙ୍କ ଦାୟିତ୍ୱ । ପ୍ରକୃତ ଦୋଷୀ, ଯିଏ ଏହି ବିଷାକ୍ତ ଔଷଧ ତିଆରି କଲା ଓ ଯେଉଁମାନେ ଏହାକୁ ବଜାରରେ ବିକ୍ରି ହେବାକୁ ଦେଲେ, ସେମାନଙ୍କୁ କଠୋର ଦଣ୍ଡ ଦେବା ପରିବର୍ତ୍ତେ ଜଣେ ଡାକ୍ତରଙ୍କୁ ବଳିର ବୋଦା ବନାଯାଉଛି କି ? ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ (SIT) ଗଠନ କରିଛନ୍ତି, କିନ୍ତୁ ଏହାର ତଦନ୍ତ କେତେ ନିରପେକ୍ଷ ହେବ, ତାହା ସମୟ କହିବ ।

ଏହା କୌଣସି ପ୍ରଥମ ଘଟଣା ନୁହେଁ । ୨୦୨୨ରେ ଆଫ୍ରିକୀୟ ଦେଶ ଗାମ୍ବିଆରେ ଭାରତରେ ନିର୍ମିତ କାଶ ସିରପ୍ ପିଇ ୬୬ ଜଣ ଶିଶୁଙ୍କର ମୃତ୍ୟୁ ହୋଇଥିଲା । ସେହି ଘଟଣାରୁ ଆମେ କୌଣସି ଶିକ୍ଷା ଲାଭ କଲୁନାହିଁ । ଆମ ଦେଶର ଡ୍ରଗ୍ ରେଗୁଲେଟୋରୀ ବ୍ୟବସ୍ଥା ଏତେ ଦୁର୍ବଳ ଓ ଦୁର୍ନୀତିଗ୍ରସ୍ତ ଯେ ଟଙ୍କା ଲୋଭରେ କିଛି କମ୍ପାନୀ ଲୋକଙ୍କ ଜୀବନ ସହ ଖେଳିବାକୁ ପଛାଉ ନାହାନ୍ତି। 'ଫାର୍ମାସୀ ଅଫ୍ ଦ ୱାର୍ଲ୍ଡ'ର ଟ୍ୟାଗ୍ ଲଗାଇଥିବା ଭାରତ ପାଇଁ ଏହା ଏକ ଲଜ୍ଜାଜନକ ସ୍ଥିତି ।

ବର୍ତ୍ତମାନ ସମୟ ଆସିଛି ଆତ୍ମସମୀକ୍ଷା କରିବାର । କେବଳ କିଛି ଅଧିକାରୀଙ୍କୁ ନିଲମ୍ବିତ କରିଦେଲେ କିମ୍ବା କ୍ଷତିପୂରଣ ଘୋଷଣା କଲେ ଦାୟିତ୍ୱ ସରିଯିବ ନାହିଁ। ଏହି ଘଟଣାର ଉଚ୍ଚସ୍ତରୀୟ, ନିରପେକ୍ଷ ତଦନ୍ତ ହେବା ଆବଶ୍ୟକ । ଔଷଧ ନିର୍ମାତା କମ୍ପାନୀର ମାଲିକ ଓ ଦାୟିତ୍ୱରେ ଥିବା ସମସ୍ତ ସରକାରୀ ଅଧିକାରୀଙ୍କ ବିରୋଧରେ କଠୋର ମାମଲା ରୁଜୁ କରାଯାଉ । ଦେଶର ସମସ୍ତ ଔଷଧ କମ୍ପାନୀଗୁଡ଼ିକର କଡ଼ାକଡ଼ି ଯାଞ୍ଚ କରାଯାଉ ଏବଂ ଔଷଧ ନିୟନ୍ତ୍ରଣ ଆଇନକୁ ଆହୁରି ଶକ୍ତ କରାଯାଉ। ଯଦି ଏବେ ମଧ୍ୟ ଆମେ ନ ଚେତିବା, ତେବେ ଭବିଷ୍ୟତରେ ଏହିଭଳି ଅନେକ ଦିବ୍ୟାଂଶ, ଅଦନାନ୍ ଓ ବିଧି ଆମ ବ୍ୟବସ୍ଥାର ଅବହେଳାର ଶିକାର ହେଉଥିବେ ଏବଂ ଆମେ କେବଳ ମୂକସାକ୍ଷୀ ସାଜିଥିବା ।

## ପାର୍ବଣ ପୂଜାରେ ବିଘଟନ ଦୃଶ୍ୟ



### ଡକ୍ଟର ଲକ୍ଷ୍ମଣ ସାହୁ

ଏବେ ଦେବୀପକ୍ଷ ଚାଲିଛି । କାଶର ବଣ ଦୋହଲି ଯାଉଛି । ଆକାଶ କଳା ବାଦଲ ମେଘରେ ଆଚ୍ଛାଦିତ ହୋଇଛି । ତୁହାଇ ତୁହାଇ ଘଣ୍ଟ, ଘଣ୍ଟି ବାଜିଉଠୁଛି । ସବୁଠି ଆନନ୍ଦର ଲହରୀ । ଝଲମଲ ନାନା ଆଲୋକରେ ସଜ୍ଜିତ । ଛାତରେ କାଠି ପଡ଼ିଛି । ଦେବୀପକ୍ଷରେ ଦୁର୍ଗାପୂଜା, ଲକ୍ଷ୍ମୀ ପୂଜା, କାଳୀ ପୂଜା ମହାଆନନ୍ଦରେ ପାଳନ କରାଯାଏ । ତା'ପରେ ଷଷ୍ଠୀ ପୂଜା, ଜଗଦ୍ଧାତ୍ରୀ ପୂଜା ଓ ରାସପୂର୍ଣ୍ଣିମା। ରାସପୂର୍ଣ୍ଣିମାରେ ରାଧା ଓ କୃଷ୍ଣଙ୍କ ସହିତ ମହାଶକ୍ତି ମଧ୍ୟ ପୂଜା କରାଯାଏ। ଦେବୀପକ୍ଷରେ ମହାମାୟାର ଆଦି ଶକ୍ତି ପରମ ପ୍ରକୃତିର ପୂଜା ଶାସ୍ତ୍ରର ସୀମା ଅତିକ୍ରମ କରି ଜନସାଧାରଣଙ୍କ ହାତକୁ ନେଇଛି ।

ଦେଖିବାକୁ ଗଲେ ଅବାଧ ଆନନ୍ଦ ଯୋଗୁଁ ପୂଜାର ଅବଧି ଧୀରେ ଧୀରେ ବୃଦ୍ଧି ପାଉଛି । ଭକ୍ତି ସହିତ ପୂଜା କରିବା ଡିଜେ-ପ୍ରେମରେ ପରିବର୍ତ୍ତିତ ହୋଇଛି । ଯେଉଁ ପୂଜାରେ ସ୍ନାନ, ଷୋଳ ନୈବେଦ୍ୟ, ଯଜ୍ଞ ଓ ବଳି ଅନ୍ତର୍ଭୁକ୍ତ ନୁହେଁ ତାହା ମହାପୂଜା ନୁହେଁ । ତେଣୁ ଶରଦ ପୂଜା ସମୟରେ କେବଳ ମହାଷ୍ଟମୀ ଓ ମହାନବମୀ ଶାସ୍ତ୍ର ଅନୁଯାୟୀ ସ୍ୱୀକୃତ ମହାପୂଜା ହୋଇଛି। କିନ୍ତୁ, ଆଜି, ଉତ୍ସାହର ବନ୍ୟାରେ, ଚତୁର୍ଥୀରୁ ସପ୍ତମୀ ପର୍ଯ୍ୟନ୍ତ ସମସ୍ତ ତିଥି ମହାତିଥିରେ ପରିଣତ ହୋଇଛି । ମହାଷ୍ଟମୀରେ ମହାଭୋଗ ଖିଚୁଡ଼ି ଖାଇବା ପୂର୍ବରୁ, ମୁଣ୍ଡକୁ ଛୁଇଁବା ପରିବର୍ତ୍ତେ ମୋବାଇଲ୍ ଫୋନ୍‌ରେ ସେଲ୍ଫି ବଟନ୍ ଦବାଇବା ଏବେ ଅତ୍ୟାବଶ୍ୟକ ହୋଇଯାଇଛି । ପ୍ରକୃତରେ, ଦୁର୍ଗା ପୂଜା ଏବେ ଏକ ଘଟଣା ନୁହେଁ ବରଂ ମହାପର୍ବ ଭାବରେ ବିବେଚନା କରାଯାଏ । ଏବେ କଟକରେ ଶହ ଶହ ଚାନ୍ଦି ସୁନାରେ ଛାଆଣି ମେଢ ଦେଖି ବହୁତ ବିରକ୍ତ ଓ ଦୁଃଖ ଲାଗିଲା । ଆମେ କଣ ଆମ ସଂସ୍କୃତିକୁ ଦେଖଉଛେ ନା ଅପସଂସ୍କୃତି ତିଆରି କରୁଛେ ? ଆମର ଏ ସୁନା ଚାନ୍ଦିର ଅହଂ ଲଂକାର ରାବଣଠାରୁ ତ କମ୍ ନୁହେଁ ? ସ୍ୱର୍ଣ୍ଣ ଲଙ୍କା ରାବଣର ପ୍ରକୃତିକୁ ଆପଣେଇ ନେଉଛେ। ଏତେ ଚାନ୍ଦିର ମେଢ, ସୁନା ରୂପାର ଗହଣା, ବିରାଟ ବିରାଟ ତୋରଣ, ଆଖିଝଲସା ଆଲୋକସଜ୍ଜା , କଣ ପାଇଁ? ସତରେ କଣ ମା କୁଂ ପୂଜା ନାମରେ ଗହଣାଗଣ୍ଠିରେ ସଜେଇ ମଜେଇ ରୂପ ଦେଖି ବିଭୋର ହେବାକୁ ପୂଜା କରାଯାଏ ? ପୁରାଣ ଅନୁସାରେ ମା'ତ ରଣ କ୍ଷେତ୍ର ରେ ବିବସନା ହୋଇ ଚଣ୍ଡୀ ରୂପରେ ମହିଷାସୁରକୁ ମାରିଥିଲେ। ଏଭଳି ରୂପ ଖାଲି ବେକାର ଅହଂକାର, ଐଶ୍ୱର୍ଯ୍ୟର ! ଦେଖେଇ ହବା କଥା ! ମେଢସଜ୍ଜାର ପ୍ରାବଲ୍ୟରେ ମା ଦୁର୍ଗା ଲୁଚି ଯାଆନ୍ତି । ସତରେ ଯେମିତି ସେ ଓଜନିଆ ସୁନା ମୁକୁଟ ତଳେ ତାଙ୍କ ମୁଖ ଦିଶୁଛି ବିବଶ, ଏତେ ଓଜନ ଅଳଙ୍କାର ଭାର ବହନ କରିବେ କିପରି, ପୁଣି ରଣକ୍ଷେତ୍ରରେ ମହିଷାସୁରକୁ ସିଂହ ଉପରେ ଥାଇ ବଧ କରିବା ବେଳେ। ସ୍ୱର୍ଣ୍ଣ ଅଳଙ୍କାରରେ ସଜେଇଲେ କଣ ମା' ବେଶୀ ଆଶୀର୍ବାଦ ଦେବେ? ଭକ୍ତିରେ ପୂଜା କଲେ ଦେବେ। ସେ ଯେ ସର୍ବ ସଂପଦମୟୀ, ସର୍ବ ସୌନ୍ଦର୍ଯ୍ୟମୟୀ, ତାଙ୍କୁ ପନ୍ଦର, ପଚିଶ, ପଚାଶ କି ପାଂଚଶହ ମହଣ ସୁନା ଦେଇ କିଣି ପାରିବ କିଏ ? ହୃଦୟରୁ ଭକ୍ତି ସଂଗୀତ ପଦେ ଗାଅ, ମା ଶୁଣିବେ । ତାଙ୍କ ନିରାପଦ ପାଇଁ ପ୍ରଶାସନିକ ବ୍ୟବସ୍ଥାରେ ଅଯଥା ମୁଣ୍ଡ ବ୍ୟଥା । ହଜାର ବର୍ଷର କଟକ ଏବେ କର୍ଫ୍ୟୁ ଘେରରେ ।

ମହାମାୟା ପୂଜା ପ୍ରକୃତରେ ପ୍ରକୃତିର ପୂଜା । ଶ୍ରୀ ଶ୍ରୀ ଚଣ୍ଡୀରେ ଲେଖା ଅଛି, 'ପ୍ରକୃତିସ୍ତ୍ୱଞ୍ଚ ସର୍ବସ୍ୟ ଗୁଣତ୍ରୟବିଭାବିନୀ। କାଳରାତ୍ରି ମହାରାତ୍ରି ମହାରାତ୍ରିଶ ଦାରୁଣ..' ତୁମେ ପ୍ରକୃତି, ତୁମେ ତ୍ରିଗୁଣ। ତୁମେ କାଳରାତ୍ରି, ମହାରାତ୍ରି । ସବୁଠାରୁ ଆଶ୍ଚର୍ଯ୍ୟଜନକ ମହାରାତ୍ରି । ମହାଦେବୀଙ୍କ ମହାପୂଜା ସମୟରେ ଦେବୀ ପ୍ରକୃତିଙ୍କୁ ଫୁଲ ଓ ଜଳ ମଧ୍ୟ ଅର୍ପଣ କରାଯାଏ । କିନ୍ତୁ ଏହି କଥାଗୁଡ଼ିକ ଆଜି କାହାରି ମନକୁ ଆସେ ନାହିଁ । ପୂଜା ସମୟରେ ପ୍ରକୃତି ଉପରେ ମନଇଚ୍ଛା ଅତ୍ୟାଚାର ଜାରି ରହିଛି। ମଣ୍ଡପରେ ମାଇକ୍ରୋଫୋନରେ 'ଏ କଳା ଭଞ୍ଜ ହମ୍ବ, ହମ୍ବ, ହମ୍ବ / ବୁଦାରେ ଗୋଜା ଫୁଟିଛି.....' ଗୀତ ବାଜିଥାଏ । କିନ୍ତୁ ପୂଜା ସମୟରେ କିଛି ଦିନ ପାଇଁ ଭଞ୍ଜ ଗୁଣ କରନ୍ତି ନାହିଁ । ବାସ୍ତବରେ, ପୂଜା ସମୟରେ କିଛି ଦିନ ପାଇଁ ପକ୍ଷୀ, କୀଟପତଙ୍ଗ ଜୀବନ ଦୁଃଖଦାୟକ ହୋଇଯାଏ । ପୂଜା ସମୟରେ ସାରା ରାତି ରଙ୍ଗ ବେରଙ୍ଗର ଉଜ୍ଜ୍ୱଳ ଆଲୋକ ଜଳିଥାଏ । ଫଳସ୍ୱରୂପ କୀଟପତଙ୍ଗ ଓ ପକ୍ଷୀମାନେ କଷ୍ଟ ପାଆନ୍ତି। ସେମାନେ ଅସୁବିଧା ଭୋଗ କରନ୍ତି, ସେମାନେ ବିଶ୍ରାମ ନେଇପାରନ୍ତି ନାହିଁ । ହାଲୋଜେନ୍, ଧାତୁ ଦୀପ, ଉଚ୍ଚ ମାଷ୍ଟ ଲାଇଟ୍ ଗୋଟିଏ ପଟେ ପଶୁ, ପକ୍ଷୀ ଓ କୀଟପତଙ୍ଗମାନଙ୍କୁ ହଇରାଣ କରିବା ସହିତ ପ୍ରକୃତିରେ ପ୍ରଦୂଷଣର ସ୍ତର ମଧ୍ୟ ବୃଦ୍ଧି କରେ । ଆମେ ଭୁଲି ଯାଉଛେ ଯେ ଥରେ ଦେବୀ ରାକ୍ଷସମାନଙ୍କୁ ମାରିବା ପାଇଁ ଭମ୍ବମାଛିର ରୂପ ନେଇଥିଲେ। ସେତେବେଳେ ଦେବୀଙ୍କ ନାମ ଭ୍ରାମରୀ ଥିଲା। କିନ୍ତୁ ଆଜି ଆମେ ସେହି ମହାଦେବୀଙ୍କ ମହାପୂଜାରେ କୀଟପତଙ୍ଗ ମାନଙ୍କୁ ଭଲ ଭାବରେ ରହିବାକୁ ଦେଉନାହୁଁ ।

ମା' ଦେବୀ ଦୁର୍ଗା, ପ୍ରକୃତରେ ଫସଲର ଦେବୀ । ନବପତ୍ରିକା ତାଙ୍କର ଉଜ୍ଜ୍ୱଳ ପ୍ରମାଣ । ନବ ପତ୍ରିକା ନଅଟି ଗଛର ପତ୍ର ନୁହେଁ, ବରଂ ନଅଟି ଗଛ: କଦଳୀ, କଚୁ, ହଳଦୀ, ଜୟନ୍ତି, ବେଲ, ଡାଳିମ୍ବ, ଅଶୋକ, ପୁରୁଷ ଓ ଧାନ । ପତ୍ର ଥିବା ଏକ କଦଳୀ ଗଛ, ବାକି ଆଠଟି ମୂଳ ଓ ପତ୍ର ଥିବା ଗଛ କିମ୍ବା ପତ୍ର ଥିବା ଡାଳ ଥିବା ଗଛଗୁଡ଼ିକୁ ଏକ ଯୋଡ଼ା ଘଣ୍ଟି ଓ ଧଳା ଅପରାଜିତା ଲତା ସହିତ ବାନ୍ଧି, ଲାଲ ସୀମାନ୍ତ ସାଲ ଶାଢ଼ୀରେ ଗୁଡ଼ାଯାଇ, ଏକ ଓଢ଼ଣା ଦ୍ୱାରା ଆଚ୍ଛାଦିତ, ସିନ୍ଦୁର ଲେପ ଦିଆଯାଇ ଦେବୀଙ୍କ ଡାହାଣ ପାର୍ଶ୍ୱରେ ଗଣେଶଙ୍କ ପାଖରେ ଠିଆ କରାଯାଇ 'ନବପତ୍ରିକାବାସିନୟୋଇ ନବଦୁର୍ଗାୟୋଇ ନମଃ' ମନ୍ତ୍ର ସହିତ ପୂଜା କରାଯାଏ । ବେଲ ଗଛରେ ଦେବୀଙ୍କ ପୂଜା କରାଯାଏ। ତଥାପି ଦୁର୍ଗାପୂଜା ସମୟରେ ଦେବୀଙ୍କ ସହିତ ଗଛଗୁଡ଼ିକୁ ପୂଜା କରାଗଲେ ମଧ୍ୟ, ଏହି ସମୟରେ ଗଛଗୁଡ଼ିକୁ ଯନ୍ତ୍ରଣାରୁ ମୁକ୍ତ କରାଯାଏ ନାହିଁ। ଆଲୋକ ଏତେ ଉଜ୍ଜ୍ୱଳ ଯେ ଗଛଗୁଡ଼ିକ ବିଶ୍ରାମ ନେଇପାରନ୍ତି ନାହିଁ । ଅନେକ କ୍ଷେତ୍ରରେ, ଗଛ ଉପରେ ରଙ୍ଗୀନ ଆଲୋକ ଝୁଲାଇ ଦିଆଯାଏ, ଯାହା ସେମାନଙ୍କର ଦୁଃଖକୁ ଆହୁରି ବୃଦ୍ଧି କରେ। ଅଧିକନ୍ତୁ ପୂଜା ହୋର୍ଡି, ବିଜ୍ଞାପନ ଓ ଫ୍ଲେକ୍ସ ଗଛରେ ଖିଲ ହୋଇ ରହିଥାଏ, ଯାହା ପୂଜା ଶେଷ ହେବା ପରେ ମଧ୍ୟ ବହୁତ ସମୟ ପର୍ଯ୍ୟନ୍ତ ରହିଥାଏ ।

ପୂଜାର ଅର୍ଥ ଏବେ ଗୋଟିଏ ପଟେ ଡିଜେ ଓ ଅନ୍ୟପଟେ ଆତସବାଜି । ଏହା ପ୍ରବଳ ଶବ୍ଦ ପ୍ରଦୂଷଣର ସମୟ । କାଳୀ ପୂଜାର ତପସ୍ୟା ସମୟରେ ଆତସବାଜି ବଜାର ଜୋର ଧରିଥାଏ। ଆତସବାଜି ଯୋଗୁଁ ସହରରେ ବାୟୁ ପ୍ରଦୂଷଣ ସ୍ତର ଅସ୍ୱାଭାବିକ ଭାବରେ ବୃଦ୍ଧି ପାଏ। ସାଧାରଣ ଲୋକ ବିଶେଷକରି ଗରିବ ଓ ରୋଗୀ, ଆତସବାଜିର ହିଂସାରେ ବିରକ୍ତ। ଡାକ୍ତରଖାନା ସଂଲଗ୍ନ ଅଞ୍ଚଳଗୁଡ଼ିକ ମଧ୍ୟ ଶବ୍ଦରୁ ବାଦ ପଡ଼ିନାହାଁନ୍ତି । ପ୍ରଶାସନ ବାରମ୍ବାର ଆତସବାଜି ସମ୍ପର୍କରେ କୋର୍ଟଙ୍କ ନିର୍ଦ୍ଦେଶ ପାଳନ କରିବାରେ ବିଫଳ ହୋଇଛି। ଓଡ଼ିଶା ବାହାରେ ଏବେ ପୁଣି ଥରେ, ପଶ୍ଚିମବଙ୍ଗ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦେଶର ଅନ୍ୟ ଅଞ୍ଚଳ ସହିତ ସମନ୍ୱୟ ରଖିବା ବାହାନାରେ ଆତସବାଜିର ଶବ୍ଦ ସ୍ତରକୁ ହଠାତ୍ ୯୦ ଡେସିବେଲରୁ ୧୨୫ ଡେସିବେଲକୁ ବୃଦ୍ଧି କରିଛି। ପର୍ବ ନାମରେ ଜନସ୍ୱାସ୍ଥ୍ୟକୁ ବିପଦରେ ପକାଇ ଦିଆଯାଇଛି । ପରିବେଶକୁ ଅଧିକ ପରିମାଣରେ ପ୍ରଦୂଷଣ କରିବା ଦିଗରେ କିଛି ପଦକ୍ଷେପ ନିଆଯାଇଛି । ରାବଣ ପୋଡି ନାଁ ଶବ୍ଦ ପ୍ରଦୂଷଣ ଓଡ଼ିଶାର କଟକ, ଭୁବନେଶ୍ୱର ଆଦି ବଡ଼ ବଡ଼ ସହରରେ କେବଳ ନୁହେଁ ଗାଁ ଗହଳିରେ ଏବେ ଦେଖା ଗଲାଣି।

ମା ଦେବୀ ଦୁର୍ଗା ସମଗ୍ର ବିଶ୍ୱକୁ ଫସଲରେ ପୋଷଣ କରନ୍ତି । ସେ ତାଙ୍କ ଶରୀରର ଫଳ ସହିତ ପୃଥିବୀକୁ ପରିପୂର୍ଣ୍ଣ କରିବା ପାଇଁ ଶାକମ୍ବରୀ ରୂପ ନେଇଥିଲେ। ଯାହା ସମସ୍ତ ଜୀବଜନ୍ତୁଙ୍କୁ ପୋଷଣ କରିଥାଏ । ବଙ୍ଗୀୟ ସୁପରିଚିତ ଲେଖକ ଡକ୍ଟର ଶଶିଭୂଷଣ ଦାସଗୁପ୍ତ ତାଙ୍କ ପୁସ୍ତକ 'ଭାରତୀୟ ଶକ୍ତିସାଧନ ଓ ଶକ୍ତି ସାହିତ୍ୟ' ରେ ଲେଖିଛନ୍ତି, 'ଖୁଷାକ' ଶବ୍ଦଟି ଏଠାରେ ସମସ୍ତ ପ୍ରକାରର ଫସଲକୁ ବୁଝାଉଥିବା ପରି ମନେହୁଏ । ଶଶିଭୂଷଣଙ୍କ ଅନୁସାରେ, ଏହି ଶକ୍ତିରୂପେଣ ଦେବୀ ପ୍ରକୃତରେ ଦେବୀ ବସୁନ୍ଧରା । ଶ୍ରୀ ଶ୍ରୀ ଚଣ୍ଡୀରେ ଲେଖା ଅଛି, 'ଅଧାରଭୂତ୍ୟ ଜଗତାବତା ମେକା ମହିସ୍ୱରୂପେଣ ଜାତା ସ୍ଥିତିସି.. ଅପାଙ୍ଗ ସ୍ୱରୂପସ୍ଥିତାୟ ତ୍ୱୟିତାଦପ୍ୟତେ କୃଷ୍ଣ-ମାଲଙ୍ଘ୍ୟଭିର୍ଯ୍ୟେ..' । ହେ ଅତୁଳନୀୟ ଶକ୍ତି, ତୁମେ ଜଗତର ଆଶ୍ରୟ କାରଣ ତୁମେ ପୃଥିବୀ ରୂପରେ ବିଦ୍ୟମାନ। ତୁମେ ଜଳରେ ବାସ କରୁଛ ଏବଂ ଏହି ଜଗତକୁ ପୋଷଣ କରୁଛ। କିନ୍ତୁ, ଦୁର୍ଭାଗ୍ୟବଶତଃ, ମହାଦେବୀଙ୍କ ପୂଜାରେ, ଭୂମି ଓ ଜଳ ବହୁତ..।

ଏହା ଏକ ବିପର୍ଯ୍ୟୟ । ଏହି ସମୟରେ, ଉଲ୍ଲାସପୂର୍ଣ୍ଣ ଉତ୍ସବ ମଧ୍ୟରେ ସହରକୁ ସମ୍ପୂର୍ଣ୍ଣ ନଷ୍ଟ କରିଦିଆଯାଉଥିବା ପ୍ଲାଷ୍ଟିକର ଏକ ବନ୍ୟା ଆସିଯାଏ। ପ୍ଲାଷ୍ଟିକ ଓ ଥର୍ମୋପ୍ଲାଷ୍ଟିକ ସବୁଠି ଗଦା ହୋଇଯାଏ। ପରେ ଏହା ନଦୀ କିମ୍ବା ଜଳାଶୟରେ ଜମା ହୁଏ କିମ୍ବା ମାଟିରେ ପ୍ରବେଶ କରେ। ପେଣ୍ଡାଲ ନିର୍ମାଣ ସମୟରେ, ମାଟିରେ ଗାତ କରି ବଡ଼ ବଡ଼ ବାଉଁଶ ଖମ୍ବ ରୋପଣ କରାଯାଏ । ପୂଜା ଶେଷ ହେବା ପରେ ମଧ୍ୟ, ସେହି ଗାତଗୁଡ଼ିକ ଅଧିକାଂଶ ସ୍ଥାନରେ ଖୋଲା ରହିଥାଏ ଏବଂ ପୂରଣ ହୁଏ ନାହିଁ। ଫଳସ୍ୱରୂପ, ଦୁର୍ଘଟଣାର ସମ୍ଭାବନା ଅଧିକ ଥାଏ । ପ୍ରକୃତ ଅର୍ଥରେ ଜଗଦୀଶ୍ୱରୀ ପର୍ବ ପ୍ରାୟ ଏକ ଉତ୍ସବ ।

ମହାମାୟା ମଧ୍ୟ ଜଳ ରୂପରେ ବିଦ୍ୟମାନ । ତଥାପି ପୂଜା କିମ୍ବା ପର୍ବପର୍ବାଣୀ ସମୟରେ, ଜଳ ପ୍ରଦୂଷଣ ବାୟୁ ପ୍ରଦୂଷଣ କିମ୍ବା ଶବ୍ଦ ପ୍ରଦୂଷଣ ଅପେକ୍ଷା ବହୁତ ଅଧିକ ହୁଏ । ଦେବଦେବୀଙ୍କ ମୂର୍ତ୍ତି ନଦୀ କିମ୍ବା ଜଳାଶୟର ପାଣିରେ ବିସର୍ଜନ କରାଯାଏ । ବିସର୍ଜନ ପରେ ମୂର୍ତ୍ତିଗୁଡ଼ିକର ଗଠନ ପାଣିରେ ଭାସିଯାଏ। ମୂର୍ତ୍ତି ନିର୍ମାଣରେ ବ୍ୟବହୃତ ବିଭିନ୍ନ ରାସାୟନିକ ପଦାର୍ଥ ଓ ମୂର୍ତ୍ତି ସାଜସଜ୍ଜାରେ ବ୍ୟବହୃତ ଥର୍ମୋକପଲ ପାଣିରେ ମିଶି ଜଳକୁ ପ୍ରଦୂଷିତ କରେ। ସମୟ ବିତିବା ସହିତ, ନୂତନ କ୍ଲବ୍ ଓ ବାର୍ ସୃଷ୍ଟି ହେଉଛି । ପୂଜା ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି । ବର୍ତ୍ତମାନ ଥିମ୍ ପୂଜାର ଧାରା ପୁଣି ଦେଖାଦେଇଛି । ଥିମ୍ ପୂଜା ଅର୍ଥ ହେଉଛି ସେଠାରେ ଦୁଇଟି ମୂର୍ତ୍ତି ଅଛି, ଗୋଟିଏ କଳାତ୍ମକ ଓ ଅନ୍ୟଟି ପୁରୁଣା ।

ଫଳସ୍ୱରୂପ ଗୋଟିଏ ପୂଜାରେ ନଦୀ କିମ୍ବା ଜଳାଶୟରେ ଦୁଇଟି ମୂର୍ତ୍ତି ବିସର୍ଜନ କରାଯାଏ । ଜଳ ପ୍ରଦୂଷଣ ଦ୍ୱିଗୁଣିତ ହେଉଛି । ଏହା ସହିତ ଫୁଲ, ବେଲପତ୍ର ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ ପାଣିରେ ଫିଙ୍ଗାଯାଏ । ସେଗୁଡ଼ିକ ପଚିଯାଏ ଓ ପ୍ରଦୂଷଣର ସହଯୋଗୀ ହୋଇଯାଏ । ଫଳସ୍ୱରୂପ ମାଛ ସମେତ ବିଭିନ୍ନ ଜଳଜୀବଙ୍କ ଜୀବନ ବିପଦପୂର୍ଣ୍ଣ । ଏହାର ପ୍ରଭାବ ପରିବେଶ ଉପରେ ପଡ଼ିଥାଏ । ତଥାପି ଆଜିକାଲି ତାସା ପାର୍ଟି, ବିଶାଳ ଆଲୋକ ଓ ରଙ୍ଗୀନ ଶୋଭାଯାତ୍ରାର ଉତ୍ସାହ ସହିତ, ମଦ୍ୟପାନର ଆନନ୍ଦରେ ଥରୁଥିବା ପାଦ ସହିତ ମାଟିର ମୂର୍ତ୍ତିକୁ ପାଣିରେ ଫିଙ୍ଗି ଦେବା ଏକ ମହାଦଣ୍ଡ ଭଳି। କାରଣ ଅଧିକାଂଶ ଅଞ୍ଚଳରେ, ପରିବେଶ ଅନୁକୂଳ ମୂର୍ତ୍ତି ବିସର୍ଜନ ଏବେ ବି ପ୍ରଚଳିତ।

ଏସବୁ ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ । ନଦୀ କୂଳରେ ପୂଜା ସାମଗ୍ରୀ ପକାଇବା ପାଇଁ କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ମଧ୍ୟ ନାହିଁ। ଅନେକ ସମୟରେ ସ୍ଥାନୀୟ ପ୍ରଶାସନ ମୂର୍ତ୍ତି ବିସର୍ଜନ ପରେ ନଦୀ କିମ୍ବା ଜଳାଶୟରୁ ଗଠନକୁ ହଟାଇବାକୁ ସଂକୋଚ କରେ । ନଦୀ ଓ ଗଛ ହତ୍ୟାର ରକ୍ତରେ ରଞ୍ଜିତ ହାତ ସହିତ ପୃଥିବୀର ସର୍ବଶ୍ରେଷ୍ଠ ପ୍ରାଣୀ ମଣିଷ ଦେବୀଙ୍କୁ ହାତ ଯୋଡି ପ୍ରାର୍ଥନା କରୁଛି, 'ରକ୍ଷା ମାଂ ସର୍ବତୋ ଦେବୀ ବିଶ୍ୱେଶ୍ୱରୀ ନମୋହସ୍ତା ତେ' । କିନ୍ତୁ ଯଦି ଆମେ ପ୍ରକୃତିକୁ ବିନାଶ କରିବାର ଏପରି ଯଜ୍ଞରେ ଲିପ୍ତ ରହିବା, ତେବେ ପରମ ପ୍ରକୃତି ଆମକୁ ସବୁ ଦିଗରୁ କିପରି ରକ୍ଷା କରିବେ? ଆଜି ଆମ ମନରେ ଅନେକ ପ୍ରଶ୍ନ ଉଙ୍କି ମାରୁଛି । ବିଶ୍ୱ କ'ଣ କେବଳ ମଣିଷର ? ଉଦ୍ଭିଦ-ପଶୁ-ପକ୍ଷୀ-କୀଟପତଙ୍ଗର ନୁହେଁ।

ଶାରଦୀୟ ପର୍ବ କ'ଣ ବିଶ୍ୱର ସମସ୍ତ ଜୀବଜନ୍ତୁଙ୍କର ନୁହେଁ ? ବ୍ରହ୍ମାଣ୍ଡର ଦେବୀ ସମସ୍ତଙ୍କର, ପ୍ରତ୍ୟେକ ଜୀବର । ତେବେ କାହିଁକି ପଶୁ-ପକ୍ଷୀ-କୀଟପତଙ୍ଗ ଓ ଉଦ୍ଭିଦ ପର୍ବ ସମୟରେ କିଛି ଶାନ୍ତି ପାଆନ୍ତି ନାହିଁ। ଗଛ, ଭଉଁରୀ ଓ ଜଳର ରୂପ ଧାରଣ କରୁଥିବା ବ୍ରହ୍ମାଣ୍ଡର ମାତା କ'ଣ ଥରେ ବିବେକୀ ଲୋକଙ୍କ ମନରେ ପ୍ରବେଶ କରନ୍ତି ନାହିଁ ? ନା ପୂଜା କିମ୍ବା ପର୍ବ ଏବେ ଏକ ନିର୍ଦ୍ଦିଷ୍ଟ ଶ୍ରେଣୀର ଲୋକଙ୍କ ପାଇଁ । ସେମାନଙ୍କର ଜଙ୍ଗଲୀ ଆନନ୍ଦ ଦେଖାଇବାର ବାହାନା ପାଲଟିଛି ? ଆଜିର ଲୋକମାନେ କ'ଣ ଭକ୍ତିର ସହିତ ପୂଜା ଚାହାଁନ୍ତି, ନା ବିଶୃଙ୍ଖଳା ଚାହାଁନ୍ତି? କେବଳ ଶାରଦୀୟ ପୂଜା ପାର୍ବଣ ନୁହେଁ, ବାରମାସରେ ଅନେକ ପୂଜାରେ ବିଘଟନ ଘଟେ ।

ଯଦି ଆମେ ଗାଡ଼ି ତେଲ ଜାଳିବା, ଧୂଆଁ ଫୁଙ୍କିବା ଓ ବାରଟି ପରିବେଶ ଘଣ୍ଟା ବଜାଇବା ବନ୍ଦ କରିଦେବା ଓ ପୂଜା ଦିନକୁ ଦୂରଦୂରାନ୍ତକୁ ଡେଇଁ ଫଟୋ ଉଠାଇ ଅପଲୋଡ୍ କରିବା ପରିବର୍ତ୍ତେ କିଛି ପେଣ୍ଡାଲରେ ଭକ୍ତିରସହ ଭକ୍ତିରେ ବିତାଇବା, ତେବେ ମହାଭାରତ କ'ଣ କେବେ ଅପବିତ୍ର ହୋଇଯିବ? ପ୍ରକୃତି ପୂଜା ସମୟରେ ମଣିଷ ପ୍ରକୃତିକୁ ଟିକିଏ ଦଣ୍ଡ ଦେଇପାରିବ ନାହିଁ? ଏବେ ପରିବେଶ ସଙ୍କଟ ମଧ୍ୟରେ ରହିଛି, ଯଦି ଆମେ ରାତିରେ ମହାଦେବୀଙ୍କ ପାଦରେ ପୁଷ୍ପମାଲ୍ୟ ଅର୍ପଣ କରି ମୁଠାଏ ଶୁଦ୍ଧ ଅମ୍ଳଜାନ ଦେଇପାରିବା, ତେବେ ହିଁ ଶାରଦୀୟ ଉତ୍ସବ ପୁଣ୍ୟଫଳ, ପୁଣ୍ୟପର୍ବ ହେବ ଓ ଜଗଜ୍ଜନନୀଙ୍କ ପୂଜା ଫଳପ୍ରଦ ହେବ...!!!


ତାରା ନିଳୟ,
ପ୍ଲଟ-୮୫୪/ଏ, ମୁକୁନ୍ଦ ପ୍ରସାଦ,
ଖୋର୍ଦ୍ଧା: ୫୫,
ମୋ: ୯୦୪୦ ୧୫୧୪୭୫


## ସୁନା ହାଁସଦା, ସୁନା ପରି ଝଲସିତ ପ୍ରତିଭା

### ଶ୍ରୀକାନ୍ତ ପ୍ରସାଦ

ମୟୂରଭଞ୍ଜ ସ୍ଥିତ କପ୍ତିପଦା ଠାରୁ ଅନତି ଦୂରରେ ଆଦିବାସୀ କୂଳରେ ଜନ୍ମିତ ସୁନା ହାଁସଦା ବିରଳ ବ୍ୟକ୍ତିତ୍ୱର ଏକ ଅନବଦ୍ୟ ଉଦାହରଣ । ଘଞ୍ଚ ଜଙ୍ଗଲ ବେଷ୍ଟିତ କେନ୍ଦୁଘାଟୀ (ବିମ୍ନେ ଛକ)ରେ ତାଙ୍କର ନିବାସ । ପିତା ରାମଚନ୍ଦ୍ର ହାଁସଦା ଏବଂ ମାତା ପୋମା ହାଁସଦାଙ୍କର ଜ୍ୟେଷ୍ଠ ସନ୍ତାନ। ନିଜର ତିନୋଟି ପୁତ୍ର ଏବଂ ଦୁଇଟି କନ୍ୟା । ଦୁଇଟି ସ୍ତ୍ରୀ ଯେମାନଙ୍କ ନାମ ସୀତା ହାଁସଦା ଏବଂ ବାଲି ହାଁସଦା।

ସୁନା ହାଁସଦାଙ୍କର ବାଲ୍ୟଜୀବନ ଥିଲା କୁହୁଡ଼ି ଘେରା ନିରନ୍ଧ୍ର ଅନ୍ଧକାରମୟ ସକାଳ । ସେ ପ୍ରତିଦିନ ହାଣ୍ଡିଆ ଏବଂ ମଦ ପିଉଥିଲେ । କାରଣ ଦରିଦ୍ର ଆଦିବାସୀ ମାନେ ଅନ୍ନ ଅଭାବରୁ ହାଣ୍ଡିଆ ପାନ କରି ଭୋକ ମେଣ୍ଟାଉଥିଲେ ଓ ତାଙ୍କ ମା' ପ୍ରତିଦିନ ପରିବାର ପାଇଁ ହାଣ୍ଡିଆ ପ୍ରସ୍ତୁତ କରୁଥିଲେ । କିନ୍ତୁ ସେ ଏକା ସବୁ ପିଇ ଦେଉଥିଲେ। ମା' ବାପାଙ୍କର ଥିଲା ଅଲିଅଳ ସନ୍ତାନ । ତେଣୁ, ସେମାନେ କିଛି କହି ପାରୁନଥିଲେ ।

ଦିନେ ତାଙ୍କ ଘରକୁ କିଛି ବନ୍ଧୁ ଆସି ପହଞ୍ଚିଲେ । ସେମାନଙ୍କ ପାଇଁ ହାଣ୍ଡିଆ ପ୍ରସ୍ତୁତ କରାଗଲା । ସମସ୍ତେ ହାଣ୍ଡିଆ ପିଇବା ପାଇଁ ବ୍ୟଗ୍ର ଥିଲେ । ହାଣ୍ଡିଆ ସହିତ ଚାଟ୍ ମଧ୍ୟ ଖୁବ ସୁନ୍ଦର ଭାବରେ ବନା ହୋଇଥିଲା । ସମସ୍ତଙ୍କ ପାଟିରୁ ଲାଳ ବହୁଥିଲା । ମଉଜ ମଜଲିସ୍ ସହ ପିଇବା ପାଇଁ । ଇତ୍ୟାବସରରେ ଦିନ ଏବଂ ରାତି ପରି, ଫଗୁଣ ଏବଂ ଶ୍ରାବଣ ପରି ସବୁ ଓଲଟା ହୋଇଗଲା । ସୁନା ହାଁସଦା ସବୁ ହାଣ୍ଡିଆ ଏବଂ ଚାଟ ଏକୁଟିଆ ଚଳୁ କରିଦେଲା । ବାପା, ମା', ବିଚଳିତ ହୋଇପଡ଼ିଲେ ପୁଅର ଏପରି କାର୍ଯ୍ୟ ଦେଖି। ସୁନା ହଠାତ୍ ପିତଳ ହୋଇଯିବ ସେମାନେ ଭାବି ପାରିଲେ ନାହିଁ । ହେଲେ ନାଚାର । ରାଗରେ ସମସ୍ତେ ତାକୁ ଗାଳି ଦେଲେ ଯାହା ତାହା କହି । ସମସ୍ତେ ମନେ କଲେ ହଠାତ୍ ହାତକୁ ଆସୁଥିବା ଜହ୍ନ ଲୁଚିଗଲା । ଫୁଲ ପାଲଟିଗଲା କଣ୍ଟା । ସମସ୍ତଙ୍କ ଠାରୁ କଟୁ ବଚନ ଶୁଣି ବିଚରା ସୁନା ହାଁସଦା ପର୍ଯ୍ୟାଁ କାଠି ପରି ଭାଙ୍ଗି ପଡ଼ିଲା। ମନ ଦୁଃଖରେ କ୍ଷମା ପ୍ରାର୍ଥନା କଲା। ଆଉ ଏମିତି ଜୀବନରେ କେବେ କରିବ ନାହିଁ ବୋଲି ବଚନ ଦେଲା । କାନ୍ଦୁଥାଏ ଏବଂ ଥରୁଥାଏ । ସହସା ସେ ଦସ୍ୟୁ ରତ୍ନାକରରୁ ବାଲ୍ମୀକି ପାଲଟିଗଲା । ବିଲ୍ୱମଙ୍ଗଳ ଏବଂ କାଳିଦାସ ପରି ବିରାଟ ପରିବର୍ତ୍ତିତ ଜୀବନ ନେଇ ଆବିର୍ଭୁତ ହେଲା । ହାଣ୍ଡିଆ ତାର ଉନ୍ନତ ଏବଂ ସଫଳ ଜୀବନର ବାଧକ ଥିଲା । କେଉଁଟା ଠିକ ଏବଂ ଭୁଲ ଜାଣି ପାରୁ ନଥିଲା । ତାକୁ ଛାଡ଼ି ଦେଲା ପରେ ତାର ଚିନ୍ତାଧାରା ଉନ୍ନତ ଶିଖରରେ ପାଦ ଥାପିଲା । ଆଖିକୁ ଜଳ ଜଳ ହୋଇ ଦେଖାଗଲା ସୁନେଲି ଭବିଷ୍ୟତ ।

ପ୍ରଥମେ ସେ ସାଇକେଲ ମରାମତି କଲେ, ପରେ ବାଇକ୍ ମଧ୍ୟ । ଦିନକୁ ଦିନ ଗରାଖଙ୍କର ଭିଡ଼ ଜମିଲା । ବାଇକ୍ ଏବଂ ସାଇକେଲ ଘର ଆଗରେ ଠୁଳ ହେଲା । ତାଙ୍କ ମରାମତି ଥିଲା ନିର୍ଭୁଲ ଏବଂ ଉନ୍ନତ ମାନର । ସେ ପ୍ରଚୁର ଅର୍ଥ ଉପାର୍ଜନ କରିପାରିଲେ । ଏହା ସହିତ ପ୍ରାୟ ୨୦୦ରୁ ଅଧିକ ଛେଳି ପାଳି ଏବଂ ବିକ୍ରୟ କରି ଅଧିକ ଧନ ଉପାର୍ଜନ କରିପାରିଲେ। ଲୁଗା ଦୋକାନଟିଏ ମଧ୍ୟ କଲେ । ଏହି ସବୁ କାର୍ଯ୍ୟରେ ସ୍ତ୍ରୀ ଏବଂ ପୁଅମାନେ ସାହାଯ୍ୟର ହାତ ବଢ଼ାଇଥିଲେ । ପୂରା ପରିବାର ତାଙ୍କ ଆଦର୍ଶରେ ହାଣ୍ଡିଆ ଏବଂ ମଦ ପାନରୁ ବିରତ ହେଲେ । ଭାତ, ରୁଟି, ଚୁଡ଼ା, ମୁଢ଼ି ହେଲା ତାଙ୍କର ଖାଦ୍ୟ ଓ ବିବାହ ଏବଂ ଅନ୍ୟ ପର୍ବପର୍ବାଣିରେ ହାଣ୍ଡିଆ ମଦର ବ୍ୟବସ୍ଥା ନଥିଲା । କ୍ରମଶଃ, ସେ ପ୍ରଚୁର ଅର୍ଥର ଅଧିକାରୀ ହୋଇ ବିରାଟ ପକ୍‌କା ଘର କରିବା ସହିତ ଦାମିକା କାରଟିଏ କିଣି ପାରିଥିଲେ। ତାଙ୍କ ଆଦର୍ଶରେ ପ୍ରଣୋଦିତ ହୋଇ କିଛି ଆଦିବାସୀ ଲୋକ ମଦ ହଣ୍ଡିଆ ଛାଡ଼ି ପାରିଲେ । ସେ ସବୁବେଳେ ଜାତି ଭାଇ ମାନଙ୍କୁ ବୁଝାଉଥିଲେ ମଦ୍ୟପାନ ଦ୍ୱାରା ଲିଭର ସିରୋସିସ୍ ରୋଗ ହୁଏ, ଯାହା ଭୟଙ୍କର ଅଟେ । ହାଣ୍ଡିଆ ପାନ ଦ୍ୱାରା ଯକ୍ଷ୍ମା ରୋଗରେ ପୀଡ଼ିତ ହୋଇ ଅଳ୍ପ ଦିନରେ ମରୁଥିବା ଏବଂ ସ୍ତ୍ରୀମାନେ ବିଧବା ହେଉଥିବା ନଜରକୁ ଜଣାଉଥିଲେ । ମଦ ହାଣ୍ଡିଆର କୁପରିଣାମକୁ ନେଇ ବେନାର ଦେଖଉଥିଲେ, ଯାହା ଥିଲା ଶ୍ରୀକାନ୍ତ ବେହେରାଙ୍କ ମଦ ହାଣ୍ଡିଆ ବିରୋଧରେ ଆନ୍ଦୋଳନ। ସତରେ, ତା'ପରି ଯଦି ସବୁ ସନ୍ତାଳ ଏବଂ ଅନ୍ୟ ଜନଜାତି ହୋଇଯାଆନ୍ତେ କେହି ବିଦେଶକୁ ଦାଦନ ଖଟିବାକୁ ଯାଅନ୍ତେ ନାହିଁ । ଦାଦନ ଖଟିବାର କୁପରିମାଣରୁ ରକ୍ଷା ପାଆନ୍ତେ । ସ୍ତ୍ରୀମାନେ ବିଧବା ହୋଇ ବିରହ ଏବଂ ଅଭାବର ଦୁଃଢ଼ ପାଆନ୍ତେ ନାହିଁ । ତାଙ୍କର ପ୍ରଭାବରେ ସମସ୍ତେ ପ୍ରଭାବିତ ହେଲେ ଜନଜାତି ସରକାର ସାହାଯ୍ୟ ଲୋଡ଼ନ୍ତେ ନାହିଁ । ସେମାନେ ଅଧିକ ଧନୀ ହୋଇ, ଗରିବଙ୍କୁ ସାହାଯ୍ୟ କରନ୍ତେ।

ଧନ୍ୟ ସେ ସୁନା ହାଁସଦା । ସେ ସମ୍ମାନିତ ହେବାର ଯୋଗ୍ୟ । ସରକାରର ଶୁଭଦୃଷ୍ଟି ତାଙ୍କ ଠାରେ ପଡ଼ିବା ଉଚିତ ।

ଏତିକିରେ ମୁଁ ଏବେ ଲେଖନୀକୁ ବିରାମ ଦେଉଛି ।


ଉଦଳା, ୱାର୍ଡ ନଂ-୭,
ମୟୂରଭଞ୍ଜ
ମୋ:୯୦୭୮୨୮୭୪୯୪


## କବିତା କୋଣାର୍କ

### ଆଖି ଖୋଲ

**ହରେରାମ ପଣ୍ଡା**



ଆଖି ଖୋଲ, ଚାହିଁ ଦେଖ ଥରେ,
ବାସ୍ତବ ଦୁନିଆଁକୁ ଫେରି ଆସ,
ତୁମର ସେ କଳ୍ପନାର ଚିତ୍ରପଟ
କେମିତି ହେଲାଣି ବିକୃତ।
ମେହେନତି ମଣିଷର ପିଠିରେ
କୋରଡ଼ାର ମାଡ଼।
ରକ୍ତମୁଖା ପିଶାଚର
ଲୋଲୁପ ଦୃଷ୍ଟିରେ
ଆକ୍ତାମାକ୍ତା ମଣିଷ।
ବିଶ୍ୱାସ, ଭରସା, ଆଶ୍ୱେଇଛନ୍ତି
ଖାଲି ଅଭିଧାନର ଶବ୍ଦ ହୋଇ।
ଅପହଞ୍ଚ ଟିକେ ଶ୍ରଦ୍ଧା, ଟିକେ ସହାୟତା।
ନାରୀର ସୁରକ୍ଷା, ବାଟବଣା ଏଠି।
ଲୋକ ଦେଖାଣିଆ
ଯେତେ ସାନ୍ତ୍ୱନା ଆଉ ଆଶ୍ୱାସନା।
ତୁମଠୁଁ ରକ୍ତ ନିଗାଡି
କିଏ ହୁଏ ମାଲାମାଲ,
ତୁମଠୁଁ ଭୋକ ଛଡେଇ ନେଇ
କିଏ ଜିତେ ଗଡ଼ -
ଢୋକିଦିଏ କେତେ କ'ଣ ।
ନିର୍ମଳ ଭାବମୂର୍ତ୍ତି
ଉହାଡ଼ରେ ଚଞ୍ଚକତା,
ଅବା ଅଜଣା କାହାକୁ ?
ଖୋଲିଦିଅ ଆଖିରୁ ଅନ୍ଧ ପୁଟୁଳି,
ଚାହିଁ ଦେଖ ତୁମର ଚଉପାଶକୁ,
ଛାତିକୁ ଶକ୍ତ କର,
ପ୍ରତିବାଦ କରିବାକୁ ଶିଖ,
ନତୁବା -
ଅଘୋଷିତ ସୁନାମି ମାଡ଼ରେ
ବିବାକ ହଜିଯିବ କି ଠିକଣା ତୁମର,
କାହାକୁ ବା ଜଣା ?


ଅବସରପ୍ରାପ୍ତ ପ୍ରଧାନଶିକ୍ଷକ।
କୁଆଁସ, ମେରଦା କାଟିଆଛକ,
ଯାଜପୁର ।
ମୋ:୯୪୩୮୦୬୫୧୯୫


### କଣିଚାଏ ସ୍ୱପ୍ନ

**ବିନୀତା ପ୍ରଧାନ**

ଚାଲ ମାଗିନେବା କଣିଚାଏ ସ୍ୱପ୍ନ
ପାଂଶୁଳ ଆକାଶଠୁ ।

ସମୁଦ୍ରକୂଳର ଚୋରାବାଲିଠୁ
ମାଗିନେବା ଆଞ୍ଜୁଳାଏ
ବିଭୋରପଣ .....
ଜହ୍ନଠୁ ମାଗିନେବା
ଧାରେ ପ୍ରତ୍ୟାଶାର ଜ୍ୟୋତ୍ସ୍ନା
ନଈଠୁ ମାଗିନେବା
ନିନାଦିତ ସୁନେଲି ମୁହୂର୍ତ୍ତ ।।

ପୃଥିବୀ ଠୁ ମାଗିନେବା
ସମ୍ମୋହନର ମନ୍ତ୍ର,
ମାଟିଠୁ ଆଣି ଆସିବା
ବିମୁଗ୍ଧତାର ସ୍ତୋତ୍ର ।
ଚାଲ ଥରେ ବିଚ୍ଛୁରିତ ହୋଇଯିବା
ସୁଖଦୁଃଖ ଭାବ ଅଭାବର
ଗର୍ଭଗୃହରୁ ।

ଗ୍ରହାନ୍ତରରେ ଥାଇ
ଆବାହନୀ କରିବା
ଆଉ ଗୋଟିଏ ମହାକାଳକୁ
ଯିଏ ଭୂମିଠୁ ଭୁମା ଯାଏ
ଟାଣିଦେଇ ପାରୁଥିବ
ବିଶ୍ୱାସର ସହସ୍ର ସ୍ତବକ ।।


ଆଚାର୍ଯ୍ୟା, ସରସ୍ୱତୀ ଶିଶୁ ବିଦ୍ୟା
ମନ୍ଦିର, ବଇଣ୍ଡା
ଜି-ଅନୁଗୋଳ




**ଅଧିକାଂଶ ମହିଳା ଆଲକହଲ୍ ପିଉଥିବା ଦେଖିବାକୁ ମିଳୁଛି । ହେଲେ ଆପଣ ଜାଣନ୍ତି କି ଏହା ନା କେବଳ କ୍ୟାନ୍ସର, ହୃଦ୍‌ରୋଗ ଏବଂ ଅନ୍ୟାନ୍ୟ ଘାତକ ରୋଗର ଆଶଙ୍କା ବୃଦ୍ଧି କରିଥାଏ ବରଂ ତ୍ୱଚା ପାଇଁ ମଧ୍ୟ ଏହା କ୍ଷତିକାରକ...**

ୱାଲ'ଡ ହେଲ୍‌ଥ ଅର୍ଗାନାଇଜେଶନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ମୁତାବକ ଆଲ୍‌କହଲ୍ ଶରୀର ପାଇଁ କ୍ଷତିକାରକ । ଏହା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ । ଫଳରେ ତ୍ୱଚା କୁଣ୍ଡେଇହେବା, ଆଲର୍ଜି ଭଳି ସମସ୍ୟା ଦେଖାଦେଇଥାଏ । ଏହା ଡ୍ରାଏ ସ୍କିନ୍ ସମସ୍ୟା ସହ ଆଖି ଲାଲ୍ ପଡ଼ିବା ଏବଂ ଓଠ ଫାଟିବା ସମସ୍ୟାର ମୂଳ କାରଣ ସାଜିଥାଏ ।

ଡବ୍ଲ୍ୟୁଏଚ୍‌ଓ ରିପୋର୍ଟ ମୁତାବକ ଦିନରେ ୧ ପେଗ୍‌ରୁ ଅଧିକ ଆଲ୍‌କହଲ୍ ପିଉଥିବା ମହିଳାଙ୍କ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମିଯାଏ । ଫଳରେ ତ୍ୱଚାରେ ସହଜରେ ବିଭିନ୍ନ ରୋଗ ସଂକ୍ରମଣ ହୋଇଥାଏ । କେବଳ ଏତିକି ନୁହେଁ, ଏମାନଙ୍କ ତ୍ୱଚା ଅଧିକ ସମ୍ବେଦନଶୀଳ (ସେନ୍‌ସିଟିଭ୍) ଥିବାରୁ କ୍ୟାନ୍ସର ଆଶଙ୍କା ବଢ଼ିଯାଏ ।

ଆଲ୍‌କହଲ୍ ପିଇବା ଯୋଗୁ ଅନେକଙ୍କଠାରେ ନିଦ୍ରାହୀନତା ଦେଖାଯାଏ । ତ୍ୱଚାରେ ଲାଲ୍ ହୋଇ ଫୁଲିଯିବା, ଆଖିତଳ କଳା ପଡ଼ିବା, ମୁହଁ ଫୁଲିଯିବା ଭଳି ଲକ୍ଷଣ ଦେଖାଦିଏ ।

ଏମାନଙ୍କଠାରେ ଅଧିକାଂଶ ସମୟରେ ହାଇବ୍ଲଡ୍‌ପ୍ରେସର ଏବଂ ନିଦ୍ରାହୀନତା ସମସ୍ୟା ଦେଖାଦେଇଥାଏ । କମ୍ ଶୋଇବା କାରଣରୁ ଆଖିତଳେ ଡାର୍କ ସର୍କଲ, ଏଜ୍ ଲାଇନ, ରିଙ୍କଲ୍ ମାର୍କ, ସ୍କିନ୍ ଟୋନ୍ ଡାର୍କ ହେବା ଭଳି ସମସ୍ୟା ଦେଖାଦିଏ ।

ଆଲ୍‌କହଲ୍ ଶରୀରରେ ଅଧିକ ହିଷ୍ଟାମାଇନ୍ ନିର୍ଗତ କରିଥାଏ । ତେଣୁ ତ୍ୱଚାର ତଳଭାଗରେ ଥିବା ବ୍ଲଡ୍ ଭେଜେଲ୍ ଫୁଲିଯାଇଥାଏ । ଫଳରେ ମୁହଁ ଓ ପୂରା ଶରୀର ମୋଟା ଦେଖାଯାଏ ।




ଯେତେ ରୋଜଗାର କଲେ ପାଖରେ ରହୁନି କି ଟଙ୍କା ? ଏହାକୁ ନେଇ ସର୍ବଶ୍ରେଷ୍ଠ ଅର୍ଥନୀତିଜ୍ଞ ଏବଂ ରଣନୀତିଜ୍ଞ ଚାଣକ୍ୟ ତାଙ୍କ ନୀତିରେ କହିଛନ୍ତି କିଛି କୁଅଭ୍ୟାସ ପାଇଁ ପାଖରେ ଟଙ୍କା ରହେ ନାହିଁ । ଟଙ୍କା ଉପାର୍ଜନ କରିବା ଯଥେଷ୍ଟ ନୁହେଁ; ଏହାକୁ ପରିଚାଳନା କରିବା ଏବଂ ସଠିକ୍ ଦିଗରେ ବିନିଯୋଗ କରିବା ମଧ୍ୟ ଜରୁରୀ । ଯଦି ଆପଣ ଚାହାନ୍ତି ଯେ, ଆପଣଙ୍କ ଟଙ୍କା ସ୍ଥାୟୀ ହେଉ ଏବଂ ବୃଦ୍ଧି ପାଉ, ତେବେ ଆପଣଙ୍କୁ ପ୍ରଥମେ ସେହି ଅଭ୍ୟାସଗୁଡ଼ିକୁ ଚିହ୍ନଟ କରିବାକୁ ପଡ଼ିବ ଯାହା ଆପଣଙ୍କ ଆର୍ଥିକ ଭବିଷ୍ୟତ ପାଇଁ ବିପଦ ସୃଷ୍ଟି କରୁଛି । ଚାଣକ୍ୟ ନୀତିରେ ସ୍ପଷ୍ଟ ଭାବରେ କୁହାଯାଇଛି ଯେ, ଯେଉଁମାନେ ଅଳସୁଆ ଏବଂ ଅନୁଶାସନହୀନ ଜୀବନଯାପନ କରନ୍ତି ସେମାନଙ୍କ ପାଖରେ ଟଙ୍କା ଅଧିକ ଦିନ ସ୍ଥାୟୀ ହୁଏ ନାହିଁ । ଏପରି ଲୋକମାନେ ରୋଜଗାରର ସୁଯୋଗ ହରାଇଥାନ୍ତି ଏବଂ ସେମାନଙ୍କ ଟଙ୍କାକୁ ସଠିକ୍ ଭାବରେ ପରିଚାଳନା କରିବାରେ ବିଫଳ ହୁଅନ୍ତି ।

ଯେଉଁ ବ୍ୟକ୍ତି କେବଳ ନିଜ ପାଇଁ କାମ କରନ୍ତି ଏବଂ ଅନ୍ୟମାନଙ୍କ ମଙ୍ଗଳ ପାଇଁ ଚିନ୍ତା କରନ୍ତି ନାହିଁ ସେ ଶୀଘ୍ର ନିଜର ସମ୍ପତ୍ତି ହରାଇ ଥାଆନ୍ତି । ଚାଣକ୍ୟଙ୍କ ଅନୁସାରେ ଟଙ୍କା କେବଳ ସେମାନଙ୍କ ପାଇଁ ରହିଥାଏ ଯେଉଁମାନେ ଉଦାର, ଜ୍ଞାନୀ ଏବଂ ସାମାଜିକ ସଚେତନ । ଅତ୍ୟଧିକ ଲୋଭୀ ଲୋକମାନେ ଅଯଥା ନିବେଶ କରନ୍ତି ଏବଂ ଶୀଘ୍ର ଟଙ୍କା ହରାଇ ଦିଅନ୍ତି । ଅନ୍ୟପକ୍ଷରେ ଯେଉଁମାନେ ଧୈର୍ଯ୍ୟର ସହିତ ସେମାନଙ୍କର ସମ୍ବଳ ବୃଦ୍ଧି କରନ୍ତି ଏବଂ ବୁଦ୍ଧିମାନ ଭାବରେ ଖର୍ଚ୍ଚ କରନ୍ତି ସେମାନେ ଦୀର୍ଘକାଳୀନ ଭାବରେ ସେମାନଙ୍କର ସମ୍ପତ୍ତି ବୃଦ୍ଧି ପାଆନ୍ତି ।

ଚାଣକ୍ୟ କହିଛନ୍ତି, ଯେଉଁ ଲୋକମାନଙ୍କର ଅତ୍ୟଧିକ ଭୟ, ଈର୍ଷା ଏବଂ ଚିନ୍ତା ଥାଏ ସେମାନଙ୍କର ଟଙ୍କା ମଧ୍ୟ ସ୍ଥାୟୀ ହୁଏ ନାହିଁ । ମାନସିକ ଅଶାନ୍ତି ସେମାନଙ୍କୁ ବୁଦ୍ଧିମାନ ନିଷ୍ପତ୍ତି ନେବାରୁ ବାଧା ଦିଏ ଏବଂ ପ୍ରାୟତଃ ସୁଯୋଗ ହରାଇବାକୁ ପଡ଼େ ।

ଧନ କେବଳ ସକ୍ଷମ, ଶୃଙ୍ଖଳିତ ଏବଂ ଜ୍ଞାନୀ ଲୋକଙ୍କ ପାଇଁ ରହିଥାଏ । ତେଣୁ ଆଳସ୍ୟ, ଲୋଭ ଏବଂ ସ୍ୱାର୍ଥପରତା ପରିହାର କରନ୍ତୁ, ବୁଦ୍ଧିମାନ ଭାବରେ ବିନିଯୋଗ କରନ୍ତୁ ଏବଂ ଧୈର୍ଯ୍ୟ ରଖନ୍ତୁ ।






ଆଜିକାଲିର ବ୍ୟସ୍ତବହୁଳ ଜୀବନଶୈଳୀରେ, ବିଳମ୍ବିତ ରାତିରେ ରାତ୍ରୀଭୋଜନ କରିବା ଏକ ସାଧାରଣ ଅଭ୍ୟାସରେ ପରିଣତ ହୋଇଛି । କାମର ଚାପ, ଲମ୍ବା ଶିଫ୍ଟ କିମ୍ବା ଅନିୟମିତ ରୁଟିନ୍ ଯୋଗୁଁ ଲୋକମାନେ ପ୍ରାୟତଃ ରାତିରେ ରାତ୍ରୀଭୋଜନ କରନ୍ତି । ଏହି ଅଭ୍ୟାସ ଆମ ସ୍ୱାସ୍ଥ୍ୟ ଉପରେ ଗମ୍ଭୀର ନକାରାତ୍ମକ ପ୍ରଭାବ ପକାଏ । ଆୟୁର୍ବେଦ ଏବଂ ଆଧୁନିକ ବିଜ୍ଞାନ ଉଭୟ ଗୁରୁତ୍ୱାରୋପ କରନ୍ତି ଯେ ଆମର ପାଚନ ତନ୍ତ୍ର ରାତିରେ ସବୁଠାରୁ ଧୀର କାମ କରେ ଏବଂ ବିଳମ୍ବିତ ରାତିରେ ଖାଇବା ଶରୀର ଉପରେ ଅନାବଶ୍ୟକ ଚାପ ପକାଇଥାଏ । ଏହା କେବଳ ଓଜନ ବୃଦ୍ଧିର କାରଣ ନୁହେଁ, ବରଂ ଏହା ଅନେକ ଗମ୍ଭୀର ରୋଗର ଆଶଙ୍କା ମଧ୍ୟ ବୃଦ୍ଧି କରେ । ରାତ୍ରୀଭୋଜନ ଏବଂ ଶୋଇବା ସମୟ ମଧ୍ୟରେ ଏକ ସୁସ୍ଥ ବ୍ୟବଧାନ ବଜାୟ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜାଣନ୍ତୁ ଏହି ଅଭ୍ୟାସ ଦ୍ୱାରା ଶରୀରରେ କେଉଁ ରୋଗ ହୋଇପାରେ ଏବଂ ଏହି ଅଭ୍ୟାସକୁ କିପରି ଏଡାଇ ଦିଆଯାଇପାରିବ ।

-ବିଳମ୍ବିତ ରାତିରେ ଭୋଜନ କରିବା ଦ୍ୱାରା ଓଜନ ବୃଦ୍ଧି ହେବାର ସମ୍ଭାବନା ଅଧିକ
-ରାତିରେ ସମୟରେ ଶରୀରର ମେଟାବୋଲିଜିମ୍ ସ୍ତର ଧୀମା ହୋଇଯାଏ
-ବିଳମ୍ବରେ ଖାଇବା ଦ୍ୱାରା ଅତ୍ୟଧିକ କ୍ୟାଲୋରି ଉତ୍ପନ୍ନ ହୋଇଥାଏ
-ଶରୀର ଏହାକୁ ସମ୍ପୂର୍ଣ୍ଣ ଶକ୍ତିରେ ପରିବର୍ତ୍ତନ କରିପାରି ନଥାଏ
-ଅତିରିକ୍ତ କ୍ୟାଲୋରି ଶରୀରରେ ଚର୍ବି ଭାବରେ ସଞ୍ଚିତ ହୁଏ, ଯାହା ଓଜନ ବୃଦ୍ଧି କରେ
-ବିଳମ୍ବିତ ରାତିରେ ଖାଇବା ଦ୍ୱାରା ରକ୍ତରେ ଶର୍କରା ସ୍ତର ବୃଦ୍ଧି ପାଏ
-ଇନସୁଲିନ୍ ମାତ୍ରା ହ୍ରାସ ପାଏ, ଯାହା ରକ୍ତ ଶର୍କରାକୁ ନିୟନ୍ତ୍ରଣ କରିବାକୁ ଅକ୍ଷମ ହୁଏ
-ଟାଇପ୍-୨ ମଧୁମେହ ହେବାର ଆଶଙ୍କା ବହୁତ ବଢ଼ିଯାଏ
-ରକ୍ତଚାପ ଏବଂ କୋଲେଷ୍ଟ୍ରଲ୍ ସ୍ତର ବଢ଼ିପାରେ
-ଯାହା ହୃଦରୋଗ ଏବଂ ଷ୍ଟ୍ରୋକ୍ ପାଇଁ ପ୍ରମୁଖ ବିପଦର କାରଣ
-ରାତିରେ ଭାରି ଖାଦ୍ୟ ଖାଇବା ଦ୍ୱାରା ପାଚନ ପ୍ରଣାଳୀ ଉପରେ ଚାପ ପଡ଼ିଥାଏ
-ଏହା ହୃଦୟ ସ୍ୱାସ୍ଥ୍ୟକୁ ମଧ୍ୟ ପ୍ରଭାବିତ କରିଥାଏ
-ବିଳମ୍ବିତ ରାତିରେ ଖାଇବାର ଅଭ୍ୟାସ ପରିହାର କରନ୍ତୁ
-ରାତିରେ ଭୋକ ଲାଗୁଥିଲେ ହାଲୁକା ଖାଦ୍ୟ ଗ୍ରହଣ କରିପାରିବେ

# ଏସବୁ ପତ୍ରକୁ ଖାଲି ପେଟରେ ଖାଇଲେ ଯିବାକୁ ପଡ଼ିବନି ମେଡିକାଲ: ସୁସ୍ଥ ରହିବ ହାର୍ଟ



ଖାଲିପେଟରେ ଖାଇଲେ ପାଚନକ୍ରିୟା ସକ୍ରିୟ ହୋଇଥାଏ । ଭୃସଙ୍ଗ ପତ୍ରକୁ ଖାଲିପେଟରେ ଚୋବେଇ ଖାଇଲେ ହାର୍ଟ ଭଲ ରହିଥାଏ ବୋଲି ବିଶ୍ୱାସ କରାଯାଏ । ଜୁଆଣି ପତ୍ରକୁ ବି ଖାଲିପେଟରେ ଚୋବେଇ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ଉପକାରୀ ହୋଇଥାଏ । ମୁଖ୍ୟତଃ ପେଟ ଜନିତ ସମସ୍ୟାରୁ ଏହା ମୁକ୍ତି ଦିଏ । ଜାମୁକୋଳି ପତ୍ରକୁ ଖାଲିପେଟରେ ଚୋବେଇ ଖାଇଲେ ସୁଗାର ନିୟନ୍ତ୍ରଣରେ ରହିଥାଏ ବୋଲି ବିଶ୍ୱାସ କରାଯାଏ । ଖାଲିପେଟରେ ପାନ ଖାଇଲେ ମୁଖ ଦୁର୍ଗନ୍ଧ ଦୂର ହେବା ସହ ପାଚନ କ୍ରିୟା ଠିକ୍ ହୋଇଥାଏ । ସେହିପରି ଖାଲିପେଟରେ ଧନିଆ ପତ୍ରରୁ କିଛି ଚୋବେଇ ଖାଇଲେ କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି ମିଳିବା ସହ ଭୋକ ହୋଇଥାଏ । ତା'ଛଡ଼ା ବିଭିନ୍ନ ପ୍ରକାରର ସ୍କିନ୍ ଇନ୍‌ଫେକ୍ସନରୁ ବି ଏହା ରକ୍ଷା କରିଥାଏ ।

ଏମିତି ବି କିଛି ଗୁଣକାରୀ ପତ୍ର ରହିଛି; ଯାହାକୁ ଖାଲିପେଟରେ ଚୋବେଇ ଖାଇଲେ ଶରୀରକୁ ଅନେକ ଫାଇଦା ମିଳିଥାଏ । ଯେମିତିକ, ଖାଲିପେଟରେ କିଛି ନିମପତ୍ରକୁ ଚୋବେଇ ଖାଇଲେ ଏହା କୃମି ସମସ୍ୟା ଦୂର କରିବା ସହ ଚର୍ମଜନିତ ରୋଗକୁ କିଛିକାଂଶରେ ମୁକ୍ତି ଦେଇଥାଏ । ଖାଲିପେଟରେ ତୁଳସୀ ପତ୍ର ଖାଇଲେ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ । ପୁଦିନା ପତ୍ରରୁ କିଛି



# ଦନ୍ତ କ୍ଷୟରୁ ରକ୍ଷା କରେ କ୍ଷୀର



କ୍ଷୀର ଆମ ଶରୀର ପାଇଁ କେତେ ଉପକାରୀ ତାହା ବର୍ଣ୍ଣନା କରିବା ଅନାବଶ୍ୟକ । କାରଣ ଆମେ ସମସ୍ତେ ପ୍ରାୟ ଜାଣିଛେ ଯେ ଏଥିରେ ଅନେକ ପ୍ରକାର ଉପକାରୀ ତତ୍ତ୍ୱ ରହିଛି । ତେବେ ଏହି ତାଲିକାରେ ଆଉ ଏକ କଥାକୁ ସାମିଲ କରାଯାଇଛି । ନିୟମିତ କ୍ଷୀର ପିଇଲେ ତାହା ଦନ୍ତକ୍ଷୟଜନିତ ସମସ୍ୟା ଆଶଙ୍କାକୁ କେତେକାଂଶରେ ଦୂରେଇ ରଖିଥାଏ ।

ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏଭଳି ମତବ୍ୟକ୍ତ କରିଛନ୍ତି । ଦାନ୍ତଜନିତ ସମସ୍ୟା ସହ ଜଡ଼ିତ କେତେକ ବ୍ୟକ୍ତିଙ୍କର ଚିକିତ୍ସା କରିବା ସମୟରେ ସେମାନେ ଏହି ଉପାୟକୁ ଅନୁସରଣ କରିଥିଲେ । ସେମାନଙ୍କୁ ନିୟମିତ କ୍ଷୀର ପିଇବାକୁ ସେମାନେ ପରାମର୍ଶ ଦେଇଥିଲେ । ଅନ୍ୟପକ୍ଷରେ ନିୟମିତ ସମୟ ବ୍ୟବଧାନରେ ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କର ଦାନ୍ତ ପରୀକ୍ଷା କରି ସେମାନେ ଏକଥା ଜାଣିପାରିଥିଲେ । ନିୟମିତ କ୍ଷୀର ପିଇବା ଫଳରେ ଦାନ୍ତ ସନ୍ଧିରେ ଲୁଚି ରହିଥିବା ଜୀବାଣୁମାନଙ୍କୁ ଏହା ମାରିଦେଇଥାଏ ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

# ଜାଣନ୍ତି କି ଗୋଟିଏ ଘଣ୍ଟାରେ ହାର୍ଟରେ କେତେଥର ହୁଏ ସ୍ପନ୍ଦନ...

ମନୁଷ୍ୟ ଶରୀରରେ ମସ୍ତିଷ୍କ ପରେ ହୃତ୍‌ପିଣ୍ଡ ବା ହାର୍ଟ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଏହାର ଓଜନ ହେଉଛି ମାତ୍ର ୩୦୦-୪୦୦ ଗ୍ରାମ୍ । ତିନିଗୋଟି ସ୍ତରର ଗୋଟିଏ ଛୋଟିଆ ରକ୍ତ ସଞ୍ଚାଳନ ପମ୍ପ ରୂପେ କମ୍ପନ କରୁଥିବା ହୃତ୍‌ପିଣ୍ଡଟି ଗର୍ଭ ସଞ୍ଚାରଣର ମାତ୍ର ୪-୫ ସପ୍ତାହରୁ ନିରବଚ୍ଛିନ ଭାବେ ମଣିଷ ବଞ୍ଚିବା ଯାଏ କାର୍ଯ୍ୟ କରୁଥାଏ । ହୃତ୍ ?ପିଣ୍ଡ ବନ୍ଦ ହେଲେ ଲୋକଟି ମୃତ୍ୟୁମୁଖରେ ପଡ଼ିଥାଏ ଏବଂ ମୃତ୍ୟୁ ହେଲେ ହୃତ୍‌ପିଣ୍ଡଟି ବନ୍ଦ ହୋଇଯାଏ । ମାତ୍ର ୧୨ ସେମି ଲମ୍ବ, ୮.୫ ସେମି ଓସାର ଓ ୬ ସେମି ମୋଟା ବିଶିଷ୍ଟ ହୃଦ୍‌ଯନ୍ତ୍ର ପ୍ରତି ମିନିଟ୍‌ରେ ହାରାହାରି ୭୨ ଥର (୬୦-୮୦), ପ୍ରତି ଘଣ୍ଟାରେ ୪୩୨୦ ଥର, ଗୋଟିଏ ଦିନରେ ଲକ୍ଷେ ଚାରିହଜାର ଥର ସ୍ପନ୍ଦିତ (ସଙ୍କୁଚିତ ଓ ପ୍ରସାରିତ) ହୋଇଥାଏ । ଏହାଦ୍ୱାରା ଶରୀରର ସମସ୍ତ ଅଙ୍ଗକୁ ରକ୍ତ ସଞ୍ଚାଳନ ହୋଇଥାଏ । ଗୋଟିଏ ହୃତ୍‌ପିଣ୍ଡ ପ୍ରତ୍ୟେକ ସ୍ପନ୍ଦନ ପାଇଁ ଏହା ୦.୮ ସେକେଣ୍ଡ ନେଇଥାଏ ଓ ସଙ୍କୋଚନ ପାଇଁ ଯେତିକି ସମୟ ନିଏ, ପ୍ରସାରଣ ପାଇଁ ତା'ଠାରୁ ଅଢ଼େଇ ଗୁଣ ସମୟ ନେଇଥାଏ । ଅର୍ଥାତ୍, ହୃତ୍‌ପିଣ୍ଡ ଯେତିକି ସମୟ ସଙ୍କୁଚିତ ହୁଏ ତା' ତୁଳନାରେ ଅଢ଼େଇରୁ ୩ ଗୁଣ (ପ୍ରସାରିତ) ବିଶ୍ରାମ ନେଇଥାଏ । ତେଣୁ ଏହା ଉପରେ କାର୍ଯ୍ୟଭାର କିଛି ମାତ୍ରାରେ କମ୍ ହୋଇଥାଏ । ହୃତ୍‌ପିଣ୍ଡର ସଙ୍କୋଚନ ସମୟରେ ହେଉଥିବା ବଳ ଦ୍ୱାରା ରକ୍ତ ସଞ୍ଚାରଣ ହୋଇଥାଏ ଏବଂ ଏହା ଧମନୀରେ ରକ୍ତଚାପ ସୃଷ୍ଟି କରିଥାଏ, ଯାହା ସାଧାରଣତଃ ୧୨୦ ମିମି ପାରଦର ଚାପ ସହ ସମାନ । ସେହିପରି ଡାଇଷ୍ଟୋଲ୍ ସମୟରେ ରକ୍ତଚାପ ସାଧାରଣତଃ ୮୦ ମିମି ପାରଦ ହୋଇଥାଏ । ଏହି ସମୟରେ ପଲ୍‌ସ ପ୍ରେସର (ନାଡ଼ି ଚାପ) ଏହି ଦୁଇ ଚାପର ତଫାତ ଅର୍ଥାତ୍ ୪୦ ମିମି ପାରଦ ହୋଇଥାଏ । ରକ୍ତଚାପ ବୃଦ୍ଧି ହେଲେ ଏହା ମଧ୍ୟ ଅସୁବିଧା ହୋଇଥାଏ । ମେଦବହୁଳତା, ଶାରୀରିକ ପରିଶ୍ରମର ଅଭାବ, ଆପେକ୍ଷିକ ଲବଣ, ଧୂମପାନ, ମାନସିକ ଚାପ, ବିଷାଦ ଓ ଆହୁରି ଅନେକ କାରଣରୁ ହୃଦ୍‌ରୋଗର ଆଶଙ୍କା ଅଧିକ ଥାଏ । ହୃଦ୍‌ଜନିତ ସମସ୍ୟା ଥରେ ଜଣାପଡ଼ିଲେ ଏଥିପାଇଁ ନିୟମିତ ଔଷଧ ସେବନ ଓ ଡାକ୍ତରୀ ପରାମର୍ଶର ଆବଶ୍ୟକତା ପଡ଼ିଥାଏ ।

# ଚାହାଣି ପତ୍ରିକାର ପୂଜାସଂଖ୍ୟା ଉନ୍ମୋଚିତ

କୋରେଇ, ୦୭/୧୦ (ନି.ପ୍ର): ଯାଜପୁର ଜିଲ୍ଲାରୁ ପ୍ରକାଶିତ "ଚାହାଣି" ପତ୍ରିକାର ରୋପ୍ୟଜୟନ୍ତୀ -୨୦୨୫ର ପୂଜାସଂଖ୍ୟା କୋରାଇ ବ୍ଲ ମୂଳାପାଳ ପଂଚାୟତର ଲିଙ୍ଗେଶ୍ୱର ବିହାରର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ସୁନାମଧନ୍ୟ ଗାଳ୍ପିକ ଓ ଲେଖକ ତଥା ଶ୍ରମିକ ନେତା ମାୟାଧର ନାୟକ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ମଂଚର ସଭାପତି ଶିକ୍ଷାବିତ ଅନନ୍ତ ଚରଣ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡ଼େମୀର ବିଶିଷ୍ଟ କବି ଡ଼ଃ ରାଜ କିଶୋର ପାଢ଼ୀ, ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ମନୋରଂଜନ ମହାନ୍ତି ପ୍ରାକ୍ତନ ଅଧକ୍ଷ ଶିବ ଚରଣ ମାଝୀ, ଗୋକର୍ଣ୍ଣିକା ସାହିତ୍ୟ ସଂସଦର ସମ୍ପାଦକ ଡ଼କ୍ଟର ରମାକାନ୍ତ ଜେନା, ଗୀତିକାର ବୃନ୍ଦାବନ ସାହୁ, ଲିଙ୍ଗେଶ୍ୱର ଉନ୍ନୟନ କମିଟିର ସମ୍ପାଦକ ଦୈତାରୀ ଧଳ ,ଶିକ୍ଷାବିତ ବ୍ରଜ କିଶୋର ଦାଶଯୋଗ ଦେଇଥିଲେ । ଏହି ଅବସରରେ ଅତିଥି ମାନେ "ଚାହାଣି" ପତ୍ରିକାର ସମ୍ପାଦକ ଓ ଅଧ୍ୟାପକ ଡ଼କ୍ଟର ଚନ୍ଦ୍ରକାନ୍ତ ମହାନ୍ତିଙ୍କ ଲିଖିତ ପ୍ରବନ୍ଧ ପୁସ୍ତକ "କଥାରେ କଥାରେ "ସଙ୍କଳନକୁ ଉନ୍ମୋଚନ କରିଥିଲେ । ଏଥି ସହିତ ସମ୍ପାଦକ ଡ଼କ୍ଟର ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ । ଅଧ୍ୟାପିକା ସାଗରିକ ରଥ ,ଅଧ୍ୟାପକ ରମାକାନ୍ତ ବରାଳ,ଗଣେଶ୍ୱର ବେହେରା, ରିଶିକା ପଣ୍ଡ. ସାଇଶଙ୍କର ବାରିକ, ମାନପତ୍ର ପାଠ କରିଥିଲେ । ଏହି ଅବସରରେ ଚାହାଣୀ ପୁରସ୍କାର ବିଶିଷ୍ଟ ଗାଳ୍ପିକ ଡ଼କ୍ଟ ସଚ୍ଚିଦାନନ୍ଦ କର,ଶିଶୁ ସାହିତ୍ୟିକ ଡ଼କ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ,ଚାହାଣି ସମ୍ମାନବରିଷ୍ଟ ସାମ୍ବାଦିକ ମାନସ ରଞ୍ଜନ ଧଳଙ୍କୁ ପ୍ରଦାନ କରାଯାଇଥିଲା ।

ପ୍ରଥମ ଅଧିବେଶନରେ ଅଧ୍ୟପକ ଦାମୋଦର ବେହେରାଙ୍କ ସଭାପତିତ୍ୱ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା ମୁଖ୍ୟ ଅତିଥି ଭାବେ ଡ଼କ୍ଟର ସଚ୍ଚିଦାନନ୍ଦ କର ଏବଂ ବକ୍ତା ଭାବେ ଡ଼କ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ ଯୋଗ ଦେଇଥିଲେ । ଅତିଥି ଭାବେ ଶିକ୍ଷାବିତ ବଟକୃଷ୍ଣ ସ୍ୱାଇଁ,ବୃନ୍ଦାବନ ସାହୁ,ଦିଲ୍ଲୀପ କୁମାର ଧଳ,ବନମାଳୀ ଦାସ ଯୋଗ ଦେଇଥିଲେ । ଶେଷରେ ଅଧ୍ୟାପିକା ସାଗରିକା ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

## ପଂଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଓ ସଚେତନତା ଶିବିର

ଜୟପୁର, ୦୭/୧୦ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ଏକମ୍ବା ଠାରେ ପଂଚାୟତ ସ୍ତରିୟ ଅଭିଯୋଗ ଶୁଣାଣି ଓ ସଚେତନତା ଶିବିର ଆଜି ଅନୁଷ୍ଠିତ ହୋଇଛି । ଏଠାରେ ସହକାରି ନିର୍ବାହୀ ଯନ୍ତ୍ରୀ ବିଜୟ ନନ୍ଦ ସହ ବ୍ଲକ ସ୍ତରିୟ ଅଧିକାରି ମାନେ ଉପସ୍ଥିତ ଥିଲେ । ଏଠାରେ ପଂଚାୟତର ରାସ୍ତା ଓ ପାନିୟ ଜଳ ସମସ୍ୟା ରହିଥିବା ନେଇ ଗ୍ରାମବାସୀ ମାନେ ଅଭିଯୋଗ କରିଥିଲେ । ମୋଟ ୮ଟି ଅଭିଯୋଗ ହୋଇଥିଲା ।

# ଇନଫ୍ଲୁଏଞ୍ଜା ରୋଗ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ବ୍ରହ୍ମପୁର, ୦୭/୧୦ (ନି.ପ୍ର): ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ପ୍ରତିଶ୍ୟାୟ ରୋଗ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଭରଦ୍ୱାଜ ପ୍ରତିଷ୍ଠାନର ଅଧକ୍ଷ ଡା. ନକୁଳ ସାହୁ କହିଲେ ଋତୁ ସନ୍ଧିରେ ଥଣ୍ଡାରେ ବୁଲିଲେ, ଥଣ୍ଡା ଖାଦ୍ୟ ପାନୀୟ, ଖଟା ଖାଇଲେ, ଦୂଷିତ ଧୂଳିକଣା ନାସାରେ ପଶିଲେ କଫ ବାତ ବଢ଼ି, ଭୂତାଣୁ ଦ୍ୱାରା ନାସା ପଥ ସଂକ୍ରମିତ ହୋଇ ଆଖି ନାକରୁ ପାଣି ବାହାରେ ସାଧାରଣ ଜ୍ୱର ରହେ, ସ୍ୱାଦ, ଗନ୍ଧ ଜଣାଯାଏ ନାହିଁ, ଅଗ୍ନିମାନ୍ଦ୍ୟ, ଅରୁଚି ରହେ,ନାସା ଗଳାକଣ୍ଟୁ ହୁଏ । କାରଣ ଗୁଡିକୁ ଛାଡି ଆବଦ୍ଧ ଗୃହରେ ବିଶ୍ରାମ ନେବେ, ଧାରଉଷ୍ମ ଜଳପାନ ସହ ତୁଳସୀ ପତ୍ର ସିଝା ପାଣି, ଶୁଣ୍ଠି, ଗୋଲମରିଚ, ଗୁଜୁରାତି, ସିଝାଇ ପାନକଲେ ଭଲ ହୋଇଯାଏ । କଳାଜିରା ମନ୍ଥି ଶୁଙ୍ଘିଲେ ଆରାମ ମିଳେ । ଏହି ଅବସରରେ ରୋଗୀଙ୍କ ନାଡୀ, ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ,ସ୍ନାୟୁ ରୋଗ ଅମ୍ଳପିତ, ସ୍ତ୍ରୀରୋଗଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା । ଶିବିରରେ ପରିଚାଳନାରେ ସହଯୋଗ କରିଥିଲେ ଡି. ଶ୍ରୀନିବାସ ରାଓ । ଏହି ଶିବିର ପ୍ରତି ସୋମବାରେ ଅନୁଷ୍ଠିତ ହୁଏ ।

# ପୂର୍ବଛାତ୍ର ଏକତ୍ରୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ

କେନ୍ଦୁଝର, ୦୭/୧୦ (ନି.ପ୍ର): ସ୍ଥାନୀୟ ଜେଲରୋଡ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କେନ୍ଦୁଝରଗଡ଼ଠାରେ ପୂର୍ବ ଛାତ୍ର ଏକତ୍ରୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଏକତ୍ରୀକରଣରେ ବିଦ୍ୟାଳୟର ପରିଚାଳନା ସମିତିର ସମ୍ପାଦକ ସୁଧାଂଶୁ ଶେଖର ପଣ୍ଡା, ଉପସଭାପତି ପ୍ରିୟବ୍ରତ ସାମଲ, ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ, ସମ୍ଭାଗ ସଂଯୋଜକ ଦୟାନିଧି ମହାନ୍ତ, ସହ ସଂଯୋଜକ ସନ୍ତୋଷ ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ । ସମ୍ପାଦକ ଶ୍ରୀ ପଣ୍ଡା ପିଲାମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ବିଦ୍ୟାଳୟ ପ୍ରତି ଭଲ ପାଇବା ଅତୁଟ ରଖିବା ପାଇଁ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ପ୍ରଧାନାଚାର୍ଯ୍ୟ ସମ୍ମିଳନୀରେ ପଂଚ ପରିବର୍ତ୍ତନ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ବୈଠକକୁ ସଂଭାଗ ସହ ସଂଯୋଜକ ସନ୍ତୋଷ ମହାପାତ୍ର ପରିଚାଳନା କରିଥିବା ବେଳେ ଆଗାମୀ ଦିନରେ ପୂର୍ବ ଛାତ୍ର ପଞ୍ଜୀକରଣ କିପରି କରାଯିବା ସହ ପୂର୍ବ ଛାତ୍ରଛାତ୍ରୀଙ୍କ ଆଗାମୀ ଦିନରେ କିପରି ସହଭାଗିତା ରହିବ ସେନେଇ ବିଶଦ ଆଲୋଚନା କରିଥିଲେ । ପରେ ଛାତ୍ରଛାତ୍ରୀ ମାନେ ନିଜ ନିଜର ମତାମତ ପ୍ରଦାନ କରିଥିଲା ବେଳେ ବିଦ୍ୟାଳୟର ପୂର୍ବଛାତ୍ର ଟୋଲି ଗଠନ କରାଯାଇଥିଲା । ଏହି ଏକତ୍ରିକରଣରେ ବିଦ୍ୟାମନ୍ଦିର ବିଭାଗର ପର୍ଯ୍ୟାୟ ପ୍ରମୁଖ ଦେବାଶିଷ ସାମଲ, ସତ୍ୟପ୍ରିୟ ମହାନ୍ତି, ପ୍ରଫୁଲ୍ଲ ଦାସ, ଗୁରୁମା ସସ୍ମିତା ପତି, ଶ୍ରଦ୍ଧାଞ୍ଜଳି ମହାନ୍ତ, ସୁଜାତା ମିଶ୍ର, ଜ୍ୟୋସ୍ନାରାଣୀ ବେହେରା ଓ ସସ୍ମିତା ଦୋରା ଜଗନ୍ନାଥ ମହାନ୍ତ, ବରିଷ୍ଠ ଆଚାର୍ଯ୍ୟ ଚନ୍ଦ୍ରକାନ୍ତ ସାମନ୍ତ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସମ୍ଭାଗ ସଂଯୋଜକ ତଥା ଆଚାର୍ଯ୍ୟ ଦୟାନିଧି ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ପୂର୍ବ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।

# ବାରାହା ଆକ୍ରମଣରେ ପୋଲିସ କର୍ମଚାରୀ ମୃତ : ୩ ଗୁରୁତର

ଖୋର୍ଦ୍ଧା, ୦୭/୧୦ (ନି.ପ୍ର): ବରୁଣେଇ ପାହାଡ଼ରେ ବାରାହା ଆକ୍ରମଣରେ ଜଣେ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି । ମୃତକ ହେଲେ ପ୍ରଦୀପ କୁମାର ପେରେଇ । ସେ ବରୁଣେଇ ବିଟ୍ ହାଉସ୍ ରେ କାର୍ଯ୍ୟରତ ଥିଲେ ବୋଲି ଜଣାପଡ଼ିଛି । ଗୁରୁତରଙ୍କ ପରିଚୟ ମିଳିପାରି ନଥିବା ବେଳେ ସେମାନଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଛି । ଏପରିକି ବାରାହା ଆକ୍ରମଣରୁ ଜୀବନ ବଂଚାଇବା ପାଇଁ ବିଏସଏନଏଲ୍ ଟାୱାର ଏବଂ ଗଛରେ ଚଢି ଯାଇଥିଲେ କିଛି ଯୁବକ । ପୋଲିସ, ଅଗ୍ନିଶମ, ବନ ବିଭାଗର କର୍ମଚାରୀ ୩୦ ଜଣଙ୍କୁ ଗତକାଲି ବିଳମ୍ବିତ ରାତିରେ ଉଦ୍ଧାର କରିଥିଲେ । ଏହି ଉଦ୍ଧାର କାର୍ଯ୍ୟ ବେଳେ ଜଣେ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଛି । ତେବେ ବାରାହାଟି ଛୁଆ ଜନ୍ମ କରିଥିବାରୁ ପ୍ରତିହିଂସା ପରାୟଣ ହୋଇ ଏପରି କାଣ୍ଡ ଘଟାଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି ।ସୂଚନା ମୁତାବକ, କେତେଜଣ ଯୁବକ ବରୁଣେଇ ପାଦଦେଶରେ ଭୋଜି କରିବା ପରେ ପାହାଡ଼ ଉପରକୁ ବୁଲିବାକୁ ଯାଇଥିଲେ । ସେଠାରେ ବାରାହା ଆକ୍ରମଣ କରିବାରୁ ଯୁବକମାନେ ଜୀବନ ବଂଚାଇବାକୁ ଯାଇ ଟାୱାର ଏବଂ ଗଛରେ ଚଢ଼ିଯାଇଥିଲେ । ସେମାନଙ୍କ ମଧ୍ୟରୁ ଜଣେ ଯୁବକ ବରୁଣେଇ ବିଟ୍ ହାଉସ୍ ରେ ଡ୍ୟୁଟି କରୁଥିବା ଜଣେ ଓଏସ୍ଏପି କନଷ୍ଟେବଲଙ୍କୁ ଘଟଣା ସମ୍ପର୍କରେ କହିଥିଲେ । ସେଠାରେ କାର୍ଯ୍ୟ କରୁଥିବା ଅନ୍ୟ ୨ ଜଣ ଓଏସ୍ଏପି କନଷ୍ଟେବଲ ଓ ମୁକୁଦପ୍ରସାଦ ପୋଢ଼ାସାହିର ଦୁଇ ଜଣକୁ ସାଙ୍ଗରେ ଧରି ପାହାଡ଼ ଉପରକୁ ଯାଇଥିଲେ । ତେବେ ସେଠାରେ ବାରାହା ଜଣେ ପୋଲିସ କର୍ମଚାରୀଙ୍କୁ ଆକ୍ରମଣ କରିଥିଲା । ସେଠାରେ ସେ ଗୁରୁତର ଆହତ ହୋଇ ଅଚେତ ହୋଇପଡ଼ିଥିଲେ । ଅନ୍ୟଜଣେ କୌଶଳକ୍ରମେ ଖସିଆସିଥିଲେ । ତେବେ ସାଙ୍ଗରେ ଯାଇଥିବା ଦୁଇ ଜଣ ସ୍ଥାନୀୟ ଯୁବକ ଟାୱର ଉପରକୁ ଚଢ଼ିଯାଇଥିଲେ । ଏହି ସମୟରେ ପାହାଡ଼ ଉପରକୁ ବୁଲିବାକୁ ଯାଇଥିବା ଯୁବକମାନଙ୍କ ମଧ୍ୟରୁ ଜଣେ ଆହତ ଅବସ୍ଥାରେ ତଳକୁ ଆସିଥିଲେ । ବାରାହା ଟାୱର ତଳେ ଜଗି ରହିବାରୁ କୌଣସି ଉପାୟ ନପାଇ ସାଗର ଏବଂ ସୁନୀଲ ସମ୍ପର୍କୀୟ ଓ ପୋଲିସକୁ ଖବର ଦେଇଥିଲେ । ଖବରପାଇ ବନ ବିଭାଗ ଟିମ୍ ଏବଂ ଶିଳ୍ପାଂଚଳ ପୋଲିସ ପହଂଚି ଥିଲା । ପରେ ପୋଲିସ, ଅଗ୍ନିଶମ ଏବଂ ବନ ବିଭାଗକୁ ନେଇ ୩ଟି ଟିମ୍ ଉପରକୁ ଯାଇଥିଲେ । ସାଙ୍ଗରେ ନିଆଁହୁଳା ଏବଂ ଲାଇଟ ନେଇ ଘଟଣାସ୍ଥଳରେ ପହଂଚି ଘଉଡ଼ାଇବା ବେଳେ ବାରାହାଟି ପ୍ରତିଶୋଧପରାୟଣ ହୋଇପଡ଼ିଥିଲା । ଫଳରେ ସମସ୍ତେ ଜୀବନ ବଂଚାଇବାକୁ ଟାୱର ଏବଂ ଗଛ ଉପରକୁ ଚଢ଼ିଯାଇଥିଲେ । ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ଲାଡୋ ଗଜାନନ ଦୟାନନ୍ଦ, ଏସପି ବିବେକାନନ୍ଦ ଶର୍ମା, ରେଞ୍ଜର ଜୟକୃଷ୍ଣ ପଣ୍ଡା, ଶିଳ୍ପାଂଚଳ ଥାନାଧିକାରୀ ଉମେଶ ସାହୁ, ଏସଆଇ ବାସୁଦେବ ଜୟସିଂ ପ୍ରମୁଖ ବରୁଣେଇ ମନ୍ଦିରରେ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରିଥିଲେ ।

# ଅସହାୟ ପରିବାରକୁ ସହାୟତାର ହାତ ବଢାଇଲା ଭରସା ପରିବାର ଟ୍ରଷ୍ଟ

କେନ୍ଦୁଝର, ୦୭/୧୦ (ନି.ପ୍ର): ଶୁଦ୍ଧିକ୍ରିୟା ପାଇଁ ଅସହାୟ ପରିବାରକୁ ସହାୟତାର ହାତ ବଢାଇଲା ଭରସା ପରିବାର ଟ୍ରଷ୍ଟ, କେନ୍ଦୁଝର । ଚମ୍ପୁଆ ବ୍ଲକ୍ ସୁନାପଶି ପଂଚାୟତ ଅନ୍ତର୍ଗତ ବାଙ୍କ ଗ୍ରାମର ଲଳିତ ଲୋହାର ଗ୍ୟାସରେ ରୋଷେଇ କରୁଥିବା ସମୟରେ ଅତ୍ୟଧିକ ଗ୍ୟାସ ଛାଡିବା ଫଳରେ ହାତ, ଗୋଡ଼, ମୁହଁ, ପିଠି ଆଦି ପୋଡି ଯାଇଥିଲା । ତାଙ୍କୁ ଉଦ୍ଧାର କରି ପଡୋଶୀ ସୁରେଶ ଚନ୍ଦ୍ର ଲୋହାର ୧୦୮ ଆମ୍ବୁଲାନ୍ସ ଯୋଗେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଛଅ ଦିନ ଧରି ଡାକ୍ତରଖାନାରେ ଚିକିତ୍ସା ହେବା ପରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ତେବେ ଲଳିତଙ୍କର ପରିବାରରେ ନିଜର କେହି ନ ଥିବାବେଳେ ପଡୋଶୀ ସୁରେଶଙ୍କ ମଧ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ ସେ ଲଳିତଙ୍କ ମୃତ୍ୟୁ ପରେ ଶୁଦ୍ଧିକ୍ରିୟା କରିବାକୁ ଅସମର୍ଥ ହୋଇପଡିଥିଲେ । ଫଳରେ ଲଳିତଙ୍କର ଶୁଦ୍ଧିକ୍ରିୟା ପାଇଁ ସୁରେଶ ଭରସା ପରିବାର ଟ୍ରଷ୍ଟ ପକ୍ଷରୁ ସହାୟତା ଯୋଗାଇ ଦେବାକୁ ଅନୁରୋଧ କରିଥିଲେ । ତାଙ୍କ ଅନୁରାଧ ରକ୍ଷା କରି ଭରସା ପରିବାରର ଉପଦେଷ୍ଟା ଦୁଷ୍ମନ୍ତ କୁମାର ବେହେରାଙ୍କ ସହିତ ସଦସ୍ୟ ଶରତ ଖୋଲାର ତାଙ୍କ ବାସଭବନରେ ଯାଇ ଶୁଦ୍ଧିକ୍ରିୟା ପାଇଁ ଆବଶ୍ୟକ ସାମଗ୍ରୀ ସହାୟତା ପ୍ରଦାନ କରିଛନ୍ତି । ଭରସା ପରିବାରର ଏତାଦୃଶ୍ୟ କାର୍ଯ୍ୟ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ତାଙ୍କୁ ସାଧୁବାଦ ଜ୍ଞାପନ କରାଯାଇଛି ।

## ବସ ଧକ୍କାରେ ଜଣେ ମୃତ

ଜୟପୁର, ୦୭/୧୦ (ନି.ପ୍ର): ରାୟଗଡ଼ା ୩୨୬ ନମ୍ବର ଜାତୀୟ ରାଜପଥର ପଂଚଡା ନିକଟ ଦସମନ୍ତପୂର୍ ଛକ ନିକଟରେ ବସ ସହ ବାଇକ ଆରୋହି ମୁହାମୁହିଁ ଧକା । ଘଟଣା ସ୍ଥଳ ବାଇକ୍ ରେ ଥିବା ଝିଅ ର ମୃତ୍ୟୁ । ଅନ୍ୟ ତିନି ବାଇକ ରେ ବାପା ମାଆ ଏବଂ ଅନ୍ୟ ଗୋଟିଏ ଝିଅ ଗୁରୁତର । ଗୁରୁତର ଙ୍କୁ କୋରାପୁଟ ବଡ ମେଡ଼ିକାଲ୍ ରେ ଭର୍ତ୍ତି । ଜଗା କାଳିଆ ନାମକ ଘୋରଇ ବସ ଟି ଗୁଣୁପୁର ରୁ ଉମରକୋଟ ଯାଉଥିଲା । ଏବଂ ବାଇକ ଆରୋହି ନିଜର ଝିଅ ମାନକୁ ଧରି ଡି ପଂଚଡା ରୁ ଦଶମନ୍ତପୁର କୋଟାଆମ୍ବ କୁ ଯାଉଥିଲେ । ଘଟଣା ସ୍ଥଳରୁ ବସ ଡ୍ରାଇଭର ଫେରାର । ବର୍ତମାନ ଘଟଣା ସ୍ଥଳକୁ କାକରିଗୁମା ପୁଲିସ ସହ ଅଗ୍ନିଶମ ବିଭାଗ ପୋହଁଚୀ ଉଦ୍ଧାର କରିଥିଲେ ।

# ବଲାଙ୍ଗିର ପୌରାଂଚଳ ଯାଦବ ମହାସଭାର ଆୟୋଜନରେ ନୂଆଁଖାଇ ଭେଟ- ୨୦୨୫ ଅନୁଷ୍ଠିତ

ବଲାଙ୍ଗିର, ୦୭/୧୦ (ନି.ପ୍ର): ବଲାଙ୍ଗିର ସରକାରୀ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ବଲାଙ୍ଗିର ପୌରାଂଚଳ ଯାଦବ ମହାସଭାର ଆୟୋଜରେ ନୂଆଁଖାଇ ଭେଟ- ୨୦୨୫ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ପୂଜକ ଟିକେ ଜାଲ ମା' ଚଣ୍ଡୀ ସମଲେଇ ଓ ଭଗବାନ ଶ୍ରୀକୃଷ୍ଣଙ୍କ ଠାରେ ପୂଜାର୍ଚ୍ଚନା କରିଥିଲେ । ପରେ ପୌରାଂଚଳ ଯାଦବ ମହାସଭାର ସଭାପତି ସନ୍ଦୀପ କୁମାର ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଯାଦବ ମହାସଭାର ଜିଲ୍ଲା ସଭାପତି ତଥା କଂଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଓ ସମ୍ମାନିତ ଅତିଥି ଭାବରେ ପଦ୍ମଶ୍ରୀ ହଳଧର ନାଗ ଯୋଗଦେଇ ମା' ଚଣ୍ଡୀ ସମଲେଇ ଓ ଭଗବାନ ଶ୍ରୀକୃଷ୍ଣଙ୍କ ଫଟୋଚିତ୍ରରେ ଧୂପଦୀପ ଓ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ମୁଖ୍ୟ ଅତିଥି ଜିଲ୍ଲା ଯାଦବ ମହାସଭାର ଜିଲ୍ଲା ସଭାପତି ତଥା କଂଟାବାଞ୍ଜି ବିଧାୟକ ଶ୍ରୀ ବାଗ କହିଥିଲେ ଯେ, ଶିକ୍ଷା, ସ୍ୱାସ୍ଥ୍ୟ, ସମାଜର ଯୁବ ସଙ୍ଗଠନକୁ ମଜବୁତ, ଆର୍ଥିକ ଅଭିବୃଦ୍ଧି, ପଶୁପାଳନ ଉପରେ ସମାଜର ଭାଇମାନେ ସବୁବେଳେ ଧ୍ୟାନ ହେବାକୁ ଆହ୍ୱାନ ଦେଇଥିଲେ । ଅନ୍ୟତମ ଅତିଥି ଭାବରେ ବଲାଙ୍ଗିର ଜିଲ୍ଲା ଯାଦବ ମହାସଭାର ମୁଖ୍ୟ ଉପଦେଷ୍ଟା ସତ୍ୟ ନାରାୟଣ ବାଗ, ଜିଲ୍ଲା ଉପସଭାପତି ପ୍ରଦୀପ କୁମାର ସେଲମା, ଜିଲ୍ଲା ସଂପାଦକ ଖୁସିରାମ ଦୀପ, ଜିଲ୍ଲା ସହ ସଂପାଦକ ଦେବେନ୍ଦ୍ର ହାତୀ, ମୁନିରାମ ନାଗ, ଜିଲ୍ଲା ସଭାନେତ୍ରୀ ମୃଣ୍ମୟୀ ଭୋଇ, ପୌରାଂଚଳ ଉପ ସଭାପତି ସରୋଜ କୁମାର ଗହୀର, ପୌରାଂଚଳ କୋଷାଧକ୍ଷ ବାସୁଦେବ ନାଗ, ବଲାଙ୍ଗିର ସଦର ବ୍ଲକ ସଭାପତି ଗୋଲାପ ବାଗ, ବେଲପଡା ବ୍ଲକ ସଭାପତି ଗୋକୁଳ ଖର୍ସେଲ, ମୁରିବାହାଲ ବ୍ଲକ ସଭାପତି ଗଙ୍ଗାଧର ହେର୍ଣ୍ଣା, ପୁଇଁନ୍ତଲା ବ୍ଲକ ସଭାପତି ଅନିରୁଦ୍ଧ ବଗର୍ତ୍ତୀ, ସଇଁନ୍ତଲା ବ୍ଲକ ସଭାପତି ମନୋହର ବାଗ, ବଲାଙ୍ଗିର ସଦର ବ୍ଲକ ଅଧକ୍ଷା ସରିତା ବାଗ ପ୍ରମୁଖ ମଂଚାସୀନ ଥିଲେ । ଏହି ଅବସରରେ ସାମ୍ବାଦିକତା କ୍ଷେତ୍ରରେ ସଚିତା ନନ୍ଦ ବଗର୍ତ୍ତୀ, ମୁନା ଗୌଡ, କ୍ରୀଡା କ୍ଷେତ୍ରରେ ଶ୍ୱେତା ଠେଲା, ଦୟାସାଗର କଠାର, କଳା କ୍ଷେତ୍ରରେ ବ୍ରହ୍ମାନନ୍ଦ ବନଛୋର, ଚୈତନ୍ୟ ମଟାରୀ, କିଶୋର ଜାଲ, ବ୍ୟବସାୟୀ କ୍ଷେତ୍ରରେ ଧ୍ରୁବ ଯୁଏଡ, ମୁରଲୀ ବେହେରା, ସମାଜସେବା କ୍ଷେତ୍ରରେ ଜନ୍ମେଜୟ ଚନ୍ଦନ, ପିତାମ୍ବର ବନଛୋର, ସମାଜର ବରିଷ୍ଠ ସଦସ୍ୟ ଘାସିରାମ ଯୁଏଡ, ସନ୍ୟାସୀ ବଘାର ଏବଂ ପୌରାଂଚଳର ସମସ୍ତ ୱାର୍ଡର ଯାଦବ ସଙ୍ଗଠନକୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିବା ସହ ସମାଜର ବରିଷ୍ଠ ସଦସ୍ୟ ସ୍ୱର୍ଗତ ଅନାଦି ପୋଢଙ୍କ ପରିବାର ବର୍ଗଙ୍କୁ ମରଣତ୍ତୋର ସମ୍ମାନ ପ୍ରଦାନ କରାଯାଇଥିଲା

# ପୁନର୍ବାସ ପକ୍ଷରୁ ବିଶ୍ୱ ମସ୍ତିଷ୍କ ପକ୍ଷାଘାତ ଦିବସ ପାଳିତ

କେନ୍ଦ୍ରାପଡା, ୦୭/୧୦ (ନି.ପ୍ର): କେନ୍ଦ୍ରାପଡା ସହର ର ମାଧପୁର ସ୍ଥିତ ଭିନ୍ନକ୍ଷମ ପୁନ ସଂସ୍ଥାପଡନ ସଂଗଠନ ପକ୍ଷରୁ ବିଶ୍ୱ ମସ୍ତିଷ୍କ ପକ୍ଷାଘାତ ସଚେତନତା ଦିବସ ପାଳନ କରାଯାଇଛି । ଶିଶୁର ଜନ୍ମ ଏବଂ ଜନ୍ମ ପରବର୍ତୀ ସମୟରେ କୌଣସି କାରଣ ବଶତଃ ସ୍ନାୟବିକ ବିକାଶ ବାଧକ ହେତୁ ମସ୍ତିଷ୍କ ପକ୍ଷାଘତ ସ୍ଥିତି ସୃଷ୍ଟି ହୋଇଥାଏ । ଏହାର ଗୁରୁତରତାକୁ ଜନସାଧାରଣରେ ସୂଚାଇବା ନିମନ୍ତେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପୁନର୍ବାସ ପକ୍ଷରୁ ପ୍ରତିବର୍ଷ ପରି ଏକ ସଚେତନତା ସଭା ଆୟୋଜିତ ହୋଇଯାଇଛି । ମାଧପୁରସ୍ଥିତ ପୁନର୍ବାସ ଥେରାପି କେନ୍ଦ୍ରରେ ଥେରାପି ଗ୍ରହଣ କରୁଥିବା ମସ୍ତିଷ୍କ ପକ୍ଷାଘାତ ଶିଶୁଙ୍କ ଅଭିଭାବକ ଉପସ୍ଥିତ ରହି ସେମାନଙ୍କ ଅଭିଜ୍ଞତା ବ୍ୟକ୍ତ କରିଥିଲେ । ଅତିଥି ରୂପେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ଦିଲୀପ କୁମାର ନାୟକ ଏବଂ ଅର୍ଥ ଅଧିକାରୀ ଆଶୁତୋଷ ତ୍ରିପାଠୀ ପ୍ରମୁଖ ଯୋଗ ଦେଇ ଭିନ୍ନକ୍ଷମ ଶିଶୁଙ୍କ ପ୍ରତି ସାମାଜିକ ଉତ୍ତର ଦାୟିତ୍ୱ ଓ ପାରିବାରିକ ସ୍ନେହକୁ ଗୁରୁତ୍ୱାରୋପ କରିଥିଲେ । ପ୍ରାରମ୍ଭରେ ଏହି ସଚେତନତା ଦିବସର ଆଭିମୁଖ୍ୟ ଓ ତାତ୍ପର୍ଯ୍ୟକୁ ଅକ୍ୟୁପେଶନାଲ ଥେରାପିଷ୍ଟ ଗୁଞ୍ଜନସ୍ମିତା ବେହେରା ଓ ଫିଜିଓଥେରାପିଷ୍ଟ ସାଇଶ୍ରୀତା ମେକାପ ସଂକ୍ଷେପରେ ଉପସ୍ଥାପନା କରିଥିଲେ ।

## ସଡ଼କ ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର

କୋରେଇ, ୦୭/୧୦ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ବ୍ରଜନଗର ନିକଟରେ ରବିବାର ବିଳମ୍ବିତ ରାତ୍ରୀରେ ଏକ ବାଇକ୍ ଆରୋହୀ ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହୋଇ ଗୁରୁତର ଭାବେ ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ, ଭଦ୍ରକରୁ ଭୁବନେଶ୍ୱର ଅଭିମୁଖେ ବାଇକ୍ ରେ ଜଣେ ଯୁବକ ଯାଉଥିଲେ । ହେଲେ ବ୍ରଜନଗର ନିକଟରେ କୌଣସି କାରଣରୁ ଭାରସାମ୍ୟ ହରାଇ ଡିଭାଇଡରେ ପିଟି ହୋଇଥିଲେ । ଘଟଣାସ୍ଥଳରେ ରାଜପଥ ପେଟ୍ରୋଲିଂ ଗାଡି ପହଂଚି ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାୟକୁ ପଠାଇଥିଲେ ।

# ସୁବର୍ଣ୍ଣପୁର ଜିଲ୍ଲାରେ ସୋନପୁର ବ୍ଲକ ସ୍ତରୀୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର, ୬ ଅକ୍ଟୋବର (ହି.ସ.)ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ସୋନପୁର ପଂଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ. ନୃପରାଜ ସାହୁ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀ ନାରାୟଣ ନାଏକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ସର୍ବମୋଟ ୩୫ ( ପଇଁତିରିଶ) ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରୁ ୨୫ ( ପଚିଶ ) ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୧୦ ( ଦଶ) ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଥିଲା । ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ବିଡ଼ିଓ, ସୋନପୁର, ଶ୍ରୀ ସଂଜୀବ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣିରେ ସୋନପୁର ପଂଚାୟତ ସମିତି ଅଧକ୍ଷ ଶ୍ରୀ ପ୍ରହଲ୍ଲାଦ ନାୟକ. ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ସୁବର୍ଣ୍ଣପୁର, ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୁବର୍ଣ୍ଣପୁର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର, ଶ୍ରୀ ଅଶ୍ୱିନୀ କୁମାର ମେହେର, ଉପ - ଜିଲ୍ଲାପାଳ, ସୋନପୁର ଶ୍ରୀମତି ସୌମ୍ୟାରୂପା ରଥଙ୍କ ସମେତ ତହସିଲଦାର, ସୋନପୁର, ଶ୍ରୀମତି ଜି ରଶ୍ମିରେଖା, ତଥା ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ,କର୍ମଚାରୀ,ଜିଲ୍ଲା ପଂଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର ଶ୍ରୀ ଅର୍ଜୁନ ମାଝୀଙ୍କ ସମେତ ବିଭିନ୍ନ ସମ୍ବାଦ ପତ୍ରର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗଦାନ କରିଥିଲେ ।

# ସଂରକ୍ଷିତ ଜଙ୍ଗଲରୁ ହରିଲୁଟ୍ ହେଉଛି : ବୈତରଣୀ ବାଲି ପ୍ରଭାବିତ, ପରିବେଶ ନଷ୍ଟ, ବନ୍ୟଜନ୍ତୁ ଆତଙ୍କିତ, ବଢୁଛି ଦୁର୍ଘଟଣା

କେନ୍ଦୁଝର, ୦୭/୧୦ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ବ୍ୟାପକ ପରିମାଣରେ ବାଲି ହରିଲୁଟ୍ ହେଉଥିବାରୁ, ପରିବେଶ ଉପରେ ତା'ର କୁପ୍ରଭାବ ପଡିବା, ବନ୍ୟଯନ୍ତୁ ମାନେ ଭୟଭୀତ ଅବସ୍ଥାରେ ରହିବା ସହ ଏହି କିଛିଦିନ ଭିତରେ ବହୁ ଦୁର୍ଘଟଣା ଘଟିବାରେ ଲାଗିଛି । କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଆନନ୍ଦପୁର ତହସିଲର ଘସିପୁରା ଥାନା ଅଧୀନ କୋଲିମାଟି ପଂଚାୟତ ହେଉଛି ଏକ ଆଦିବାସୀ ଅଂଚଳ, ଏହି ପଂଚାୟତ ଦେଇ ବୈତରଣୀ ନଦୀ ପ୍ରବାହିତ, ତେବେ ଏହି ଅଂଚଳଟି ସଂରକ୍ଷିତ ଜଙ୍ଗଲ ମଧ୍ୟରେ ରହିଛି । ଏହା ହାତୀଙ୍କର ଏବଂ ସଂରକ୍ଷିତ ଜଙ୍ଗଲ ହୋଇଥିବାରୁ ଏଠାରେ କୌଣସି ବାଲିଘାଟ ନିଲାମ ଦିଆଯାଇନାହିଁ । ତେବେ କିଛି ବାଲି ମାଫିଆ ଦୀର୍ଘ ଦିନ ହେବ ଏଠାରେ ବଡ଼ ବଡ଼ ମେସିନ ଲଗାଇ ହାଇୱା ଯୋଗେ ବାଲି ଉତ୍ତୋଳନ ଓ ପରିବହନ କରୁଛନ୍ତି । ତାହା ଦ୍ୱାରା ରାସ୍ତା ଗୁଡିକ ବହୁ ଶୀଘ୍ର ନଷ୍ଟ ହେବାର ପରିଲକ୍ଷିତ ହେଉଛି । ଅନ୍ୟପକ୍ଷରେ ବନ୍ୟଯନ୍ତୁ ସୁରକ୍ଷା ଆଇନ ମଧ୍ୟ ବାଟବଣା ହୋଇଯାଇଛି । ବନ ବିଭାଗ ପକ୍ଷରୁ ଠିକ ଭାବରେ ପେଟ୍ରୋଲିଙ୍ଗ କରାଯାଉନାହିଁ । ଅପର୍ଯ୍ୟାପ୍ତ ବାଲି ଲୁଟ ହେଉଥିଲେ ମଧ୍ୟ ଖଣି ବିଭାଗ ନିରବଦ୍ରଷ୍ଟା ପାଲଟିଛି । ଏହି ବାଲି ଲୁଟ ସମ୍ପର୍କରେ ବାରମ୍ବାର ଅଭିଯୋଗ ହେଲେ ପୋଲିସ ବିଭାଗ ଚୁପ ରହିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସଂରକ୍ଷିତ ଜଙ୍ଗଲ ଓ ହାତୀ ଚଳପ୍ରଚଳ ଲାଗି ଥିବା ବନ ସଂରକ୍ଷଣ ଆଇନ ୧୯୮୦ ଅନୁଯାଇ ମାଫିଆଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଲାଗି ଦାବି ହେଉଛି । ପରିବେଶ କ୍ଷୟକ୍ଷତି ଲାଗି ପରିବେଶ ସୁରକ୍ଷା ଆଇନ ୧୯୮୬ ଆଧାରରେ କଡା ପଦକ୍ଷେପ ନେବା ଲାଗି ଦାବି ହେଉଛି । ବେଆଇନ ଭାବେ ସଂରକ୍ଷିତ ଜଙ୍ଗଲରୁ ଗଛ ହାଣି, ବାଲି ହରିଲୁଟ ଲାଗି ରାସ୍ତା ନିର୍ମାଣ କରିଥିବାରୁ ଜଙ୍ଗଲ ଆଇନ ୧୯୨୭ ଓ ଜଙ୍ଗଲ ଅଧିକାର ଆଇନ ୨୦୦୬ ଅନୁସାରେ ଇକୋସିଷ୍ଟମକୁ ନଷ୍ଟ କରିଥିବାରୁ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି । ହାତୀ ଚଳପ୍ରଚଳ କରୁଥିବା ରାସ୍ତାରେ ବାଲି ଗାଡି ନେବା ଲାଗି ହାତୀ ଉପରକୁ ଫାଙ୍କା ଗୁଳିଚାଳନା କରି ହାତୀ ମାନଙ୍କୁ ଭୟଭୀତ କରୁଥିବାରୁ ବନ୍ୟଯନ୍ତୁ ସୁରକ୍ଷା ଆଇନ ୧୯୭୨ ଲାଗୁ କରିବା ପାଇଁ ମଧ୍ୟ ଦୃଢ ଦାବି ହେଉଛି । ଯେହେତୁ ହାତୀ ଭଳି ବନ୍ୟଜନ୍ତୁ ସଂଖ୍ୟା ଦିନକୁ ଦିନ ରାଜ୍ୟରେ କମିବାରେ ଲାଗିଛି, ତେଣୁ ମାଫିଆଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି । ମାଫିଆଙ୍କ ଦ୍ୱାରା ନଷ୍ଟ ହୋଇଥିବା ପରିବେଶ ବନ୍ୟଜନ୍ତୁ ଏବଂ ରାସ୍ତା ନିର୍ମାଣ ପାଇଁ ମାଫିଆଙ୍କ ଠୁ ଅର୍ଥ ଆଦାୟ ପାଇଁ ବୁଦ୍ଧିଜୀବୀ ମହଲରେ ଜୋରଦାର ଦାବି ହେଉଛି ।

# ଗଣପର୍ବରେ ବିଭିନ୍ନ ମଣ୍ଡପରେ ପୂଜା ପାଇଲେ ମା' ଗଜଲକ୍ଷ୍ମୀଙ୍କ ସମେତ ଅନ୍ୟ ଦେବଦେବୀ

କେନ୍ଦ୍ରାପଡା, ୦୭/୧୦ (ନି.ପ୍ର): କେନ୍ଦ୍ରାପଡାର ପ୍ରସିଦ୍ଧ ଗଣପର୍ବ ଗଜଲକ୍ଷ୍ମୀ ପୂଜା ୯୯ ବର୍ଷରେ ପଦାର୍ପଣ କରିଛି । ସହର ର ଦୁହୁରିଆ ଠାରୁ ଆରମ୍ଭ କରି ଇଛାପୁର ପର୍ଯ୍ୟନ୍ତ ବିଭିନ୍ନ ସାହିବସ୍ତି ଓ ବଜାର କମଟି ପକ୍ଷରୁ ବିଭିନ୍ନ ମଣ୍ଡପରେ ମା' ଗଜଲକ୍ଷ୍ମୀ ଙ୍କ ସମେତ ବିଭିନ୍ନ ଦେବଦେବୀଙ୍କ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ କରାଯାଇ ସୋମବାର ବିଳମ୍ବିତ ରାତି ସୁଦ୍ଧା ଜଳ କଳସ ଯାତ୍ରା ଓ ଆବାହନ ତଥା ଅନ୍ୟାନ୍ୟ ପୂଜାକ୍ରମ ସବୁ ସମ୍ପନ୍ନ ହୋଇ ସାରିଛି । ଚଳିତ ବର୍ଷ କୁମାର ପୂର୍ଣ୍ଣିମା ଓ ମା' ଗଜଲକ୍ଷ୍ମୀଙ୍କ ପୂଜାକୁ ନେଇ ତିଥିଗତ ଦ୍ୱନ୍ଦ ଥିଲେ ମଧ୍ୟ ସୋମବାର ମଧ୍ୟାହ୍ନ ୧୨ଟା ପରଠାରୁ ପୂର୍ଣ୍ଣିମା ତିଥି ଆସୁଥିବାରୁ ପ୍ରତ୍ୟେକ ମଣ୍ଡପରେ ମା' ଗଜଲକ୍ଷ୍ମୀଙ୍କ ପୂଜାପାଇଁ ବ୍ୟବସ୍ଥା ଆରମ୍ଭ କରାଯାଇ ଥିଲା । ସହରର ବିଭିନ୍ନ ସ୍ଥାନରେ ଛୋଟବଡ ପ୍ରାୟ ୭୦ରୁ ଅଧିକ ପ୍ରତିମୂର୍ତ୍ତି ପୂଜା ପାଉଥିବା ବେଳେ ମେଲଣ ଓ ଭସାଣୀ ଉତ୍ସବରେ ୪୮ଟି ମୂର୍ତ୍ତି ଓ ମେଢ ଯୋଗ ଦେବାପାଇଁ ପ୍ରଶାସନ ପକ୍ଷରୁ ଅନୁମତି ହାସଲ କରିଥିବା ଜଣାପଡିଛି । ପ୍ରମୁଖ ମଣ୍ଡପ ମାନଙ୍କରେ ଉଜ୍ଜ୍ୱଳ ଆଲୋକ ସଜ୍ଜା, ସୁସଜ୍ଜିତ ତୋରଣ ସମେତ ରଙ୍ଗ ବେରଙ୍ଗ ସାଜସଜ୍ଜା ରେ ସଜ୍ଜିତ ହୋଇଥିବା ବେଳେ ସହର ସାରା ଆଲୋକ ର ବର୍ଣ୍ଣାଢ୍ୟ ଶୋଭା ସହରକୁ ସଜେଇ ଦେଇଥିବା ଦେଖିବାକୁ ମିଳୁଛି । ସପ୍ତାହ ବ୍ୟାପି ପାଳନ କରାଯିବାକୁ ଥିବା ଏହି ଗଣପର୍ବ ର ବିଭିନ୍ନ ଦିବସରେ ବିଭିନ୍ନ ପୂଜା ମଣ୍ଡପ ମାନେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଉପସ୍ଥାପନ କରିବାର ଯୋଜନା କରିଥିବା ଜଣାପଡିଛି । ମେଲୋଡ଼ି, ଭଜନ ସଂନ୍ଧ୍ୟା, ସଙ୍ଗୀତ ଆସର ସମେତ ବିଭିନ୍ନ ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ କରାଯିବ ବୋଲି ସୂଚନା ମିଳିଛି । ଏହା ସହ ପ୍ରତି ମଣ୍ଡପରେ ପ୍ରତ୍ୟେହ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇ ଆତ୍ମୀୟ ସ୍ୱଜନ ମାନଙ୍କୁ ଏଥିରେ ଯୋଗ ଦେବାପାଇଁ ନିମନ୍ତ୍ରଣ କରାଯାଇ ଥାଏ । ଚଳିତ ବର୍ଷ ପାଗ ପ୍ରତିକୂଳ ଥିଲେ ମଧ ସାଜସଜ୍ଜା ଓ ଆଡମ୍ବର ରେ କୌଣସି ମଣ୍ଡପ କାହାଠାରୁ ଊଣା ବୋଲି ଜଣା ପଡୁନାହିଁ । ଏହି ଗଣପର୍ବକୁ ପାଳନ କରିବା ଓ ପରିଚାଳନା କରିବା ପାଇଁ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ତରଫରୁ ସ୍ୱତନ୍ତ୍ର ଭାବେ ବ୍ୟବସ୍ଥା କରାଯାଇ ଥିବା ଓ ମେଲଣ ପରିଚାଳନା ପାଇଁ ଲଟେରୀ ବ୍ୟବସ୍ଥା ଅନୁଯାଇ ମେଢମାନଙ୍କର ପ୍ରସ୍ଥାନ ମାର୍ଗ ନିର୍ଦ୍ଦିଷ୍ଟ କରାଯାଇଛି । ଶାନ୍ତି ଶୃଙ୍ଖଳା ରକ୍ଷାପାଇଁ ପୁରୁଣା ବସଷ୍ଟାଣ୍ଡ, କେଶପୁର ବଜାର, ନୂଆ ବସଷ୍ଟାଣ୍ଡ ଓ ତିନିମୁହାଣୀ ଠାରେ ପୋଲିସ ପ୍ରଶାସନ ପକ୍ଷରୁ ଅସ୍ଥାୟୀ ନିୟନ୍ତ୍ରଣ କକ୍ଷ ଖୋଲାଯାଇ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ବ୍ୟବସ୍ଥା କରାଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ନୂଆପଡ଼ା ଉପନିର୍ବାଚନ ...

ଚର୍ଚ୍ଚା ଆଲୋଚନା ଭିତରେ ବିଜେପିର ଓଡ଼ିଶା ସହ ପ୍ରଭାରୀ ଲତା ଉସେଣ୍ଡି କହିଛନ୍ତି, ପ୍ରାର୍ଥୀ ଚୟନରେ ସ୍ଥାନୀୟ ଲୋକଙ୍କ ଭାବନାକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନିଆଯିବ । ତେଣୁ ପୁରୁଣା, ନୂଆ ନା ସରପ୍ରାଇଜ ମୁହଁ ସାମ୍ନାକୁ ଆଣିବ ଦଳ ତାହା ଏବେ ସବୁଠୁ ବଡ଼ ସସପେନ୍ସ ।

### ଚଳନ୍ତା ବସ୍‌ରେ ଆତଙ୍କରାଜ...

୬ ଜଣ ଯାତ୍ରୀଙ୍କୁ ହାଣି ଗୁରୁତର କରିଛି ଏହି ସଇତାନ। ଯାତ୍ରୀଙ୍କୁ ହାଣିବା ପରେ ବି ଥମିନଥିଲା ତୋଫାନ । ବସ୍‌କୁ ସମ୍ପୂର୍ଣ୍ଣ ଭାବେ ନିଜ କବଜାକୁ ନେଇଥିଲା । ପୁଲିସ ଘଟଣାସ୍ଥଳରେ ପହଞ୍ଚି ତୋଫାନକୁ କାବୁ କରିବାକୁ ଚେଷ୍ଟା କରିଥିଲେ ମଧ ପ୍ରଥମରୁ ବିଫଳ ହୋଇଥିଲା । ବସ୍ ଭିତରକୁ ପୁଲିସ ପଶିବାକୁ ଚେଷ୍ଟା କରିବାରୁ କଟୁରିରେ ହାଣିଥିଲା ତୋଫାନ । ବସ୍ ଭିତରକୁ ଇଟା ପଥର ମାଡ଼ କରିଥିଲେ ସ୍ଥାନୀୟ ବାସିନ୍ଦା । ବସ୍‌ର ଚାରିପାଖ କାଚକୁ ସମ୍ପୂର୍ଣ୍ଣ ଭାଙ୍ଗିବା ପରେ ଅଭିଯୁକ୍ତ ତୋଫାନକୁ ନିର୍ଦ୍ଦୁମ ପିଟି କାବୁ କରିଥିଲେ ଲୋକେ । ଗୁରୁତର ଅବସ୍ଥାରେ ତୋଫାନକୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ବସ୍‌କୁ ଜବତ କରିବା ସହ କଣାସ ପୁଲିସ ତଦନ୍ତ ଆରମ୍ଭ କରିଛି । ହେଲେ ପ୍ରଶ୍ନ ଉଠୁଛି, କାହିଁକି ଚଳନ୍ତା ବସ୍‌ରେ ଯାତ୍ରୀଙ୍କୁ ଆକ୍ରମଣ କଲା ତୋଫାନ? ବ୍ୟକ୍ତିଗତ ଶତ୍ରୁତା ନା ଆଉ କିଛି ?

### ବିଜେପି ନେତାଙ୍କୁ ଗୁଳିମାଡ...

ବୈକୁଣ୍ଠନଗର ପ୍ରଥମ ଗଳିରେ ଘଟିଛି ଗୁଳିକାଣ୍ଡ । ଯେଉଁଠି ଗୁଳିମାଡ଼ ହୋଇଛି, ସେହି ସ୍ଥାନରେ କୌଣସି ସିସିଟିଭି କ୍ୟାମେରା ନାହିଁ । କିନ୍ତୁ ପାଖରେ ଥିବା ଏକ ହୋଟେଲ, ପୀତବାସଙ୍କ ଘର ଓ ଆଖପାଖରେ କିଛି ସିସିଟିଭି କ୍ୟାମେରା ଲାଗିଛି । ଅଭିଯୁକ୍ତମାନେ କେଉଁ ରାସ୍ତାରେ ଗଲେ ଓ ଗାଡ଼ି ନମ୍ବର ଆଦି ଏସବୁ ସିସିଟିଭିରେ କଏଦ ହୋଇଥିବ ବୋଲି ଅନୁମାନ କରାଯାଉଛି । କିନ୍ତୁ ଏହି ହତ୍ୟାକାଣ୍ଡ ସାଧାରଣରେ ଅନେକ ପ୍ରଶ୍ନବାଚୀ ଛିଡ଼ା କରିଛି । ଆଇନଜୀବୀଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି । ଖୁବ୍ ଶୀଘ୍ର ଦୋଷୀଙ୍କୁ ଖୋଜି ବାହାର କରାଯିବ ଓ ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ।

### ସ୍ୱାଭାବିକ ହେଲା ...

କଟକ ସହର ସ୍ୱାଭାବିକ ହେଉଥିଲେ ବି ସ୍ପର୍ଶକାତର ଅଞ୍ଚଳରେ ପୁଲିସ ମୁତୟନ ହୋଇଛନ୍ତି । ହାତୀପୋଖରୀ ଓ ଦରଘାବଜାର ଅଞ୍ଚଳ ଉପରେ ଖାସ୍ ନଜର ରଖାଯାଇଛି । ଅନ୍ୟପଟେ ଶାନ୍ତି ଫେରାଇ ଆଣିବା ପାଇଁ ଅପିଲ କରିଛନ୍ତି ତିନି ପ୍ରମୁଖ ଦଳର ନେତା । କର୍ଫ୍ୟୁ ହଟିବା ପରେ କଟକ ସ୍ୱାଭାବିକ ହୋଇଛି । କିନ୍ତୁ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି । ପ୍ରଶ୍ନ ଉଠୁଛି, ପୂର୍ବରୁ କାହିଁକି ସତର୍କ ହୋଇନଥିଲା ପୁଲିସ ? ଲୋକେ ହଇରାଣ ହେବା ପାଇଁ ଦାୟୀ କିଏ ? ଐତିହାସିକ କଟକ ସହରରେ ଆଜି ସନ୍ଧ୍ୟାରେ ଇଣ୍ଟରନେଟ୍ ସେବା ଉପରେ ଲାଗିଥିବା କଟକଣା ଉଠିଛି। କଟକ ସହରରୁ ଇଣ୍ଟରନେଟ୍? କଟକଣା ଉଠିବା ପରେ ମୋବାଇଲ ଓ ଅନ୍‌ଲାଇନ୍ ଉପରେ ନିର୍ଭରକରୁଥିବା ଲୋକେ ଖୁସି ଦେଖାଯାଉଛନ୍ତି। କଟକରେ ଇଣ୍ଟରନେଟ୍ ସେବାକୁ ସ୍ୱାଭାବିକ କରିଦିଆଯାଇଛି। ୪୮ ଘଣ୍ଟା ପରେ ଇଣ୍ଟରନେଟ୍ ଉପରେ ଲାଗିଥିବା କଟକଣା ହଟାଇ ଦିଆଯାଇଛି। ଇଣ୍ଟରନେଟ୍ ଉପରେ କଟକଣା ଉଠିବା ନେଇ ପ୍ରଶାସନ ପକ୍ଷରୁ ଗଣମାଧମକୁ ସୂଚନା ଦିଆଯାଇଛି।

### ପୁଣି ଟାର୍ଗେଟରେ...

ବି.ଆର.ଜି କହିଛି, ଟ୍ରେନରେ ପାକିସ୍ତାନୀ ସେନା କର୍ମଚାରୀ ଯାତ୍ରା କରୁଥିବାରୁ ଏହାକୁ ଟାର୍ଗେଟ୍ କରାଯାଇଥିଲା । ବି.ଆର.ଜି ପୂର୍ବରୁ ମଧ ପାକିସ୍ତାନୀ ସୈନ୍ୟ ଯାଉଥିବା ଜାଫର ଏକପ୍ରେସକୁ ଟାର୍ଗେଟ୍ କରିଥିଲା । ବହୁ ଯବାନ ପ୍ରାଣ ହରାଇଥିଲେ ଓ ଆହତ ହୋଇଥିଲେ । ବହୁ କ୍ଷୟକ୍ଷତି ହୋଇଥିଲା । ବଲୁଚିସ୍ତାନରେ ପାକିସ୍ତାନୀ ସେନା ଦମନଲୀଳା ଚଳାଇଛି । ଏହାର ପ୍ରତିଶୋଧ ନେବାକୁ ଯାଇ ପାକିସ୍ତାନୀ ସେନା ଉପରେ ବଲୁଚି ବିଦ୍ରୋହୀ ବାରମ୍ବାର ଆକ୍ରମଣ କରୁଛନ୍ତି । ବଲୁଚ୍ ରିପବ୍ଲିକ୍ ଗାର୍ଡସ୍- ବି.ଆର.ଜି ଏକ ବିବୃତିରେ କହିଛି ଯେ ବଲୁଚିସ୍ତାନକୁ ସ୍ୱାଧୀନତା ମିଳିବା ପର୍ଯ୍ୟନ୍ତ ଏପରି କାର୍ଯ୍ୟ ଜାରି ରହିବ ।

### ଗ୍ରାନାଇଟ୍ ଖଣିରେ ...

ରଖି ସେଠାରୁ ଚାଲି ଯାଇଥିଲେ । କିନ୍ତୁ ସେହି ସମୟରେ ବଜ୍ରାଘାତ ହେବାରୁ ବିସ୍ଫୋରଣ ହୋଇ ଦୁର୍ଘଟଣା ଘଟି ଥିବା କୁହାଯାଉଛି। ତେବେ ଅସାବଧନତା କାରଣରୁ ଏଭଳି ଦୁର୍ଘଟଣା ଘଟିଥିବା ଅନୁମାନ କରଯାଉଛି । ବିସ୍ଫୋରଣର ପ୍ରକୋପ ଏତେ ଭୟଙ୍କର ଥିଲା ଯେ ଶ୍ରମିକମାନଙ୍କର ଶରୀରର ଅଧିକାଂଶ ଅଂଶ ଖଣ୍ଡ ବିଖଣ୍ଡିତ ହେବ ସହ ଜଳି ଯାଇଛି। ଖବର ପାଇ ଆନ୍ଧ୍ରପ୍ରଦେଶର ମିଳିଆପୁଟି ପୁଲିସ, ପୁରୁଣାପାଟଣା ତହସିଲଦାର ଓ ଅଗ୍ନିଶମ କର୍ମଚାରୀ ଘଟଣା ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି।

### ୬୦ କୋଟି ଟଙ୍କା ...

ଉଭୟ ସେହି କମ୍ପାନୀର ନିର୍ଦ୍ଦେଶକ ଥିଲେ ଯାହା ମାଧମରେ ଏହି ସମ୍ପୂର୍ଣ୍ଣ କାରବାର ହୋଇଥିଲା। ଏଜେନ୍ସୀ ଏହି କମ୍ପାନୀ ସହିତ ଜଡ଼ିତ ଆର୍ଥିକ କାର୍ଯ୍ୟକଳାପ ଏବଂ ନିବେଶ ଚୁକ୍ତିଗୁଡ଼ିକର ଯାଂଚ୍ କରୁଛି। ପୂର୍ବରୁ, ବ୍ୟବସାୟୀ ଦୀପକ କୋଠାରୀ ଏହି ଦମ୍ପତିଙ୍କୁ ଲୋନ- କମ୍- ଇନଭେଷ୍ଟ ଡିଲ୍ ନାମରେ ୬୦ କୋଟି ଠକେଇ କରିଥିବା ଅଭିଯୋଗ କରିଥିଲେ।

### ବିକାନେରରେ ମାଲବାହୀ ...

ଦ୍ରୁତ ଗତି ଯୋଗୁଁ କିଛି ୱାଗନ ଟ୍ରାକରୁ ଖସି ପଡ଼ିଥିଲା। ଉତର ପଶ୍ଚିମ ରେଳବାଇର ମୁଖ୍ୟ ଲୋକସମ୍ପର୍କ ଅଧିକାରୀ ଶଶି କିରଣ କହିଛନ୍ତି ଯେ, ରେଳ ପ୍ରଶାସନ ଘଟଣାସ୍ଥଳରେ ପହଂଚିଛି। ୱାଗନଗୁଡ଼ିକୁ ହଟାଇ ଦିଆଯାଇଛି ଏବଂ ରୁଟରେ ଯାତାୟାତ ପୁନର୍ବାର ଆରମ୍ଭ ହୋଇଛି।

# ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ଆମ ସଂସ୍କୃତି ଆମ ଗର୍ବ ଉତ୍ସବ ପାଳିତ



ଲଙ୍ଗଳେଶ୍ୱର , ୦୭/୧୦ (ନି.ପ୍ର): ଟାଟା ଷ୍ଟିଲ ଫାଉଣ୍ଡେସନ ଓ ସୁବର୍ଣ୍ଣ ରେଖା ପୋର୍ଟ ପ୍ରା ଲିଃ ପକ୍ଷରୁ ସୋମବାର ଜାମଶୂଳୀ ସ୍ଥିତ ଲକ୍ଷ୍ମୀ ନାରାୟଣ କଲେଜ ସମ୍ମିଳନୀ କକ୍ଷରେ ଆମ ସଂସ୍କୃତି ଆମ ଗର୍ବ ଉତ୍ସବ ପାଳିତ ହୋଇ ଯାଇଛି। ଓଡିଶା ସାହିତ୍ୟ ଏକାଡେମୀ ସମ୍ବର୍ଦ୍ଧିତ ବର୍ଷୀୟାନ କବି ବ୍ରଜେନ୍ଦ୍ର ନାଥ ଗିରିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବାଲେଶ୍ୱର ପ୍ରତିଭାଶ୍ରୀର କବି ପ୍ରଶାନ୍ତ ଦାସ ମୁଖ୍ୟ ଅତିଥି, କଲେଜ ଅଧକ୍ଷ ପ୍ରାଧାପକ ଦିବ୍ୟେନ୍ଦୁ ଗିରି ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ଭାବରେ ବରିଷ୍ଠ ଅଧାପକ ଡ଼ଃ ସୁକାନ୍ତ ଗିରି, ଜଗାଇ କେ ସି ପି କଲେଜ ଓଡିଆ ବିଭାଗ ମୁଖ୍ୟ ଅଧାପକ ଦୟାନିଧି ସାହୁ, ଶିଶୁ ସାହିତ୍ୟିକ ଡ଼ଃ କାଳି କିଙ୍କର ଦାଶ, ସାହିତ୍ୟିକ ଭାଗବତ ସାହୁ ପ୍ରମୁଖ ଯୋଗଦେଇ ଆମ ସଂସ୍କୃତି ଓ ପରମ୍ପରା ବିଶ୍ୱ ବନ୍ଦ୍ୟ ବୋଲି କହିଥିଲେ। ଓଡ଼ିଆ ସଂସ୍କୃତି ଜଗନ୍ନାଥ ସଂସ୍କୃତି ହୋଇ ଥିବାବେଳେ ଜଗନ୍ନାଥ ସାରା ବିଶ୍ୱର ବୋଲି କହିଥିଲେ। ସଂସ୍କୃତି ବିନା ଆମର ଅସ୍ତିତ୍ୱ କିଛି ନାହିଁ। ସଂସ୍କୃତିର ଅବକ୍ଷୟ ଜାତି ଓ ସମାଜର ଅବକ୍ଷୟ। ତାର ସୁରକ୍ଷା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ। ଟାଟା କମ୍ପାନୀର ଏହି ପ୍ରୟାସ ଆମ ପାଇଁ ଏକ ମାଇଲ ଖୁଣ୍ଟ ବୋଲି ଅତିଥି ମାନେ କହିଥିଲେ। ଅନ୍ୟମାନଙ୍କ ମଧରେ ଅଧାପକ ପ୍ରଭାତ ରଞ୍ଜନ ଦାସ,ନିରଞ୍ଜନ ବେହେରା, ରମେଶ ଚନ୍ଦ୍ର ନାୟକ, ଲକ୍ଷ୍ମୀପ୍ରିୟା ମିଶ୍ର, ହରେକୃଷ୍ଣ ତ୍ରିପାଠୀ, କବିତା ଗିରି, ବୀରମାଧବ ଦାସ, ମାହେଶ୍ୱରୀ ଗିରି, ବିଷ୍ଣୁ ପ୍ରିୟା ମହାପାତ୍ର, ବଂଶୀଧର ନାୟକ, ରବୀନ୍ଦ୍ର କୁମାର ଜେନା, ଗୋପୀ କୃଷ୍ଣ ମହାନ୍ତି, ସୁଜାତା ଦାଶ, ସୁଧାଂଶୁ ବିଶ୍ୱାଳ,ଜୟନ୍ତୀ ବେହେରା, ନଳିନୀକାନ୍ତ ପାଢ଼ୀ, ସନ୍ୟାସୀ ବେହେରା, ଶ୍ରୀହରି ମଣ୍ଡଳ, ବ୍ରଜମୋହନ ମିଶ୍ର, ମନ୍ମଥ କୁମାର ସାହୁ, ବିଜୟ କୁମାର ପାତ୍ର, ସବିତା ରାଣୀ ଦାସ, ବିଜୟ କୁମାର ପରିଡା ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। କମ୍ପାନୀ ପକ୍ଷରୁ ପୋର୍ଟ କାର୍ଯ୍ୟ ନିର୍ବାହୀ ପ୍ରମୋଦ କୁମାର ପାତ୍ର ମଞ୍ଚ ଆହ୍ୱାନ, ଇ ଡି ସୁଶାନ୍ତ କୁମାର ମିଶ୍ର ସ୍ୱାଗତ ଭାଷଣ ଓ ବିରଜା ଶଙ୍କର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଶାଣିତ ହେବ ସ୍ୱେଚ୍ଛାସେବୀଙ୍କ ଶକ୍ତି: ଆଶିଷ ରାଜହଂସ

ଉଦଳା, ୦୭/୧୦ (ନି.ପ୍ର): ଦେଶ ଗଠନରେ ସ୍ୱେଚ୍ଛାସେବୀଙ୍କ ଅବଦାନକୁ କେବେ ଭୁଲିହେବ ନାହିଁ । ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ନେତୃତ୍ୱରେ ଗଢ଼ି ଉଠିଥିବା ଆଜାଦହିନ୍ଦ ଫୌଜର ସୈନିକ ମାନଙ୍କ ଠାରୁ ଆରମ୍ଭ କରି ମହାତ୍ମାଗାନ୍ଧୀଙ୍କ ଡ଼ାକରାରେ ଲବଣ ସତ୍ୟାଗ୍ରହ ଓ ଭାରତ ଛାଡ଼ ଆନ୍ଦୋଳନ ପର୍ଯ୍ୟନ୍ତ ଯେଉଁସବୁ ବ୍ୟକ୍ତି ବିଶେଷ ନିଜକୁ ସାମିଲ କରିଥିଲେ, ସେମାନେ ସମସ୍ତେ ଜଣେ ଜଣେ ସ୍ୱେଚ୍ଛାସେବୀ ଥିଲେ । କାରଣ ରାଜକୋଷରୁ ଦରମା ନେଇ ଏମାନେ ଦେଶ ସେବା କରୁନଥିଲେ । ମୋଟାମୋଟି ଭାବରେ ଦେଶକୁ ସ୍ୱାଧିନ କରିବା ପାଇଁ ଯେତେ ସଂଗ୍ରାମୀ ନିଜକୁ ସାମିଲ କରିଥିଲେ ସେମାନେ ସମସ୍ତେ ଜଣେ ଜଣେ ସ୍ୱେଚ୍ଛାସେବୀ ଥିଲେ କହିଲେ ଭୁଲ ହେବ ନାହିଁ । ସେହିପରି ସ୍ୱାଧିନତା ପରେ ଦେଶକୁ ଯେତେବେଳେ ଯେଉଁପ୍ରକାର ବିପଦ ଆସିଛି ଏହାର ମୁକାବିଲା ପାଇଁ ସ୍ୱେଚ୍ଛାସେବୀ ମାନେ ଆପ୍ରାଣ ଉଦ୍ୟମ ଚଳାଇଛନ୍ତି । ବନ୍ୟା, ବାତ୍ୟା, ମରୁଡ଼ି, ଭୂମିକମ୍ପ, ବସନ୍ତ, ହଇଜା ଠାରୁ ଆରମ୍ଭ କରି କରୋନା ପର୍ଯ୍ୟନ୍ତ ସବୁକିଛିର ମୁକାବିଲା ପାଇଁ ସ୍ୱେଚ୍ଛାସେବୀ ମାନେ ପଛଘୁଂଚା ଦେଇନାହାଁନ୍ତି । ତେବେ ସ୍ୱେଚ୍ଛାସେବୀ ମାନଙ୍କର ଶକ୍ତିକୁ ଅଧିକ ଶାଣିତ କରିବା ପାଇଁ ତାଲିମର ଆବଶ୍ୟକତା ରହିଛି ବୋଲି ପ୍ରଶିକ୍ଷକ ଆଶିଷ ରାଜହଂସ କହିଛନ୍ତି । ଜଣେ ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀ ଯେଉଁଭଳି ଦକ୍ଷତା ପ୍ରଦର୍ଶନ କରିପାରିବେ ତାହା ତାଲିମ ନେଇନଥିବା ସ୍ୱେଚ୍ଛାସେବୀଙ୍କ ଠାରୁ ଆଶା କରାଯାଇପାରିବ ନାହିଁ ବୋଲି ଆଶିଷ ଜଣାଇଛନ୍ତି । ବର୍ତମାନ ଓଡ଼ିଶା ସାରା ବିଭିନ୍ନ ଅଂଚଳ ଗସ୍ତ କରି ସ୍ୱେଚ୍ଛାସେବୀ ମାନଙ୍କୁ ଆଶିଷ



ରାଜହଂସ ତାଲିମ ପ୍ରଦାନ କରୁଛନ୍ତି । ଜଣେ ଭଲ ତାଲିମଦାତା ଭାବରେ ତାଙ୍କର ସୁନାମ ସମଗ୍ର ରାଜ୍ୟରେ ବିଭିନ୍ନ ପ୍ରାନ୍ତରେ ଶୁଣିବାକୁ ମିଳୁଛି । ସୂଚନା ଅଧିକାର ଆଇନ ଠାରୁ ଆରମ୍ଭ କରି ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ତାଲିମ ପର୍ଯ୍ୟନ୍ତ ଅନେକ ଗୁଡ଼ିଏ ବିଷୟରେ ଆଶିଷ ତାଲିମ ପ୍ରଦାନ କରୁଛନ୍ତି । ନିକଟରେ ସେ ମୟୂରଭଂଜ ଜିଲ୍ଲା ଆସି ଉଦଳା ଠାରେ କିଛି ସ୍ୱେଚ୍ଛାସେବୀଙ୍କୁ ତାଲିମ ପ୍ରଦାନ କରିଛନ୍ତି । ଏହାସହିତ ଏଠାରେ ଥିବା ରେଡ଼ିଓ ବାଘାଯତିନକୁ ତାଙ୍କର ସାକ୍ଷାତକାର ମଧ ଦେଇଛନ୍ତି । ଏହା ପୂର୍ବରୁ ବଲାଙ୍ଗିର, କଳାହାଣ୍ଡି, ବୌଦ୍ଧ, କୋରାପୁଟ, ମାଲକାନାଗିରି, ରାୟଗଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ନୂଆପଡ଼ା, କନ୍ଧମାଳ ପ୍ରଭୃତି ଜିଲ୍ଲାରେ ସେ ତାଲିମ ପ୍ରଦାନ କରିଛନ୍ତି । ଦେଶଗଠନ ପାଇଁ ଏହିଭଳି ପ୍ରଶିକ୍ଷଣର ଆବଶ୍ୟକତା ରହିଛି ବୋଲି ବହୁ ଜ୍ଞାନିଗୁଣି ଲୋକେ ମତ ଦେଇଛନ୍ତି । ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀ ମାନେ ଦେଶ ଗଠନରେ ପ୍ରମୁଖ ଭୂମିକା ନେବା ସହ ସାହାସର ସହିତ ସବୁପ୍ରକାର ପ୍ରତିକୂଳ ପରିସ୍ଥିତିର ମୁକାବିଲା କରିପାରିବେ ବୋଲି ଆଶିଷ ଜଣାଇଛନ୍ତି । ଆଶିଷ ଭାଇଙ୍କ ମୋବାଇଲ ନମ୍ବର- ୯୪୩୭୯୩୩୪୬୮ ସହିତ ଯିଏ ଯେତେବେଳେ ଯୋଗାଯୋଗ କରି ପରାମର୍ଶ କରିବାକୁ ଚାହିଁଥାନ୍ତି, ସେ ସହଯୋଗ କରିବାକୁ ପଛାଇନଥାନ୍ତି । ଏଥିପାଇଁ ସମଗ୍ର ଓଡ଼ିଶାରେ ଆଶିଷ ଭାଇଙ୍କର ରହିଛି ସ୍ୱତନ୍ତ୍ର ସମ୍ମାନ । ସେ କୁହନ୍ତି ମୋର ପରାମର୍ଶରେ ଯଦି ଗୋଟିଏ ଲୋକର ଉପକୃତ ହୋଇପାରିଛି , ଶେଷରେ ସେ ଫୋନ କରି କୃତଜ୍ଞତା ଜଣାଇଲେ ଯେଉଁ ମାନସିକ ଶାନ୍ତି ମିଳିଥାଏ ତାହା ଅନ୍ୟ କେଉଁଠୁ ମିଳେ ନାହିଁ । ସେହିପରି ଦେଶ ଦେଶ ମଧରେ ଯୁଦ୍ଧ ଲାଗିଲେ, ଆହତ ସୈନିକ ମାନଙ୍କର ସେବା କରିବା ଓ ତାଙ୍କୁ ଆଶ୍ୱାସନାର ବାଣି ଶୁଣାଇ ମାନସିକସ୍ତରରେ ଶକ୍ତି ପ୍ରଦାନ କରିବା ଜରୁରି ହୋଇପଡ଼ିଥାଏ । ଏହିକାମ କେବଳ ସ୍ୱେଚ୍ଛାସେବୀ ମାନେ କରି ନିଜକୁ ଗୌରବାନ୍ୱିତ ମନେ କରିଥାନ୍ତି । ଏହିପରି ଦେଶ ଗଠନରେ ସ୍ୱେଚ୍ଛାସେବୀ ମାନଙ୍କର ଭୂମିକା ପ୍ରଶଂସନୀୟ ବୋଲି ବହୁ ଲୋକ ମତ ଦେଉଥିବାର ଶୁଣିବାକୁ ମିଳୁଛି ।

## ପାଣିରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

ବେତନଟୀ, ୦୭/୧୦ (ନି.ପ୍ର): ବେତନଟୀ ଥାନା ଅଧୀନ ପୁରିନ୍ଦା ଉପକଣ୍ଠ ରାଉତରାସ୍ଥିତ ଏକ ଜଳାଶୟରେ ବୁଡି ଜନୈକା ବୃଦ୍ଧାଙ୍କର ମୃତ୍ୟୁ ଘଟିଛି। ମୃତା ବୃଦ୍ଧା ଜଣକ ହେଉଛନ୍ତି ମୋରଡା ଥାନା ଅଧୀନ ମସଦା ଗ୍ରାମର ସ୍ୱର୍ଗତ ଝାଡେଶ୍ୱର କାଳନ୍ଦୀଙ୍କ ସ୍ତ୍ରୀ ଭାରତୀ କାଳନ୍ଦୀ(୬୧) । ପରିବାରବର୍ଗଙ୍କ ସୂଚନା ମୁତାବକ ଭାରତୀ ମଙ୍ଗଳବାର ଅପରାହ୍ନରେ ଗାଧୋଇବାକୁ ଆସିଥିବା ବେଳେ କୌଣସି କାରଣରୁ ପୋଖରୀର ଗଭୀର ପାଣିରେ ବୁଡିଯାଇଥିଲେ। ଦୀର୍ଘସମୟ ଧରି ଘରକୁ ନଫେରିବାରୁ ପରିବାରଲୋକେ ଖୋଜାଖୋଜି କରିବାପରେ ପାଣିରେ ଭାସୁଥିବାର ଦେଖି ଉଦ୍ଧାରକରି ବେତନଟୀ ପୁଲିସକୁ ଖବର ଦେଇଥିଲେ । ବେତନଟୀ ଥାନା ଏଏସଆଇ ମିନତୀ ମହାକୁଡ ଘଟନାସ୍ଥଳରେ ପହଞ୍ଚି ସରଜମିନ ତଦନ୍ତ କରିବା ସହିତ ମୃତଦେହର ପଞ୍ଚନାମା କରିଛନ୍ତି। ମୃତା ବୃଦ୍ଧା ଭାରତୀଙ୍କ ସମ୍ପର୍କୀୟ ପୁତୁରା ରାମଚନ୍ଦ୍ର କାଳନ୍ଦୀଙ୍କ ଏତଲାମୂଳେ ବେତନଟୀ ପୁଲିସ ୪୮ନମ୍ବରରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ବେଳେ ବୁଧବାର ଶବବ୍ୟବଛେଦ ହେବାନେଇ ତଦନ୍ତକାରୀ ଅଧିକାରୀଣୀ ଏଏସଆଇ ମିନତୀ ମହାକୁଡ ସୂଚନା ଦେଇଛନ୍ତି।

## ସୁଆଣ୍ଡୋରୁ ବିଜେଡି ପଦଯାତ୍ରା ଆରମ୍ଭ କରିବ: ପ୍ରମିଳା ମଲ୍ଲିକ

ଭୁବନେଶ୍ୱର, ୦୭/୧୦ (ନି.ପ୍ର): ୯ ତାରିଖରୁ ବିଜେଡି ସୁଆଣ୍ଡୋରୁ ପଦଯାତ୍ରା ଆରମ୍ଭ କରିବ। ଦଳୀୟ ସଭାପତି ନବୀନ ପଟ୍ଟନାୟକ ପଦଯାତ୍ରାରେ ସାମିଲ ହେବେ। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏହି ସୂଚନା ଦେଇଛନ୍ତି ।

ସେ କହିଛନ୍ତି ଯେ ପଦଯାତ୍ରାରେ ବିଜେଡି ସରକାରଂକ ବିଫଳତା ବିରୁଦ୍ଧରେ ଜନ ସଚେତନତା ସୃଷ୍ଟି କରିବ ଦଳ। ଦେଢ଼ ବର୍ଷ ଭିତରେ ବିଜେପି ସରକାର ବିଫଳତାକୁ ସାମ୍ନା କୁ ଆଣିବୁ ବୋଲି ସେ ପ୍ରକାଶ କରିଛନ୍ତି ।

# ହାତିଆଡିହା ଶିବମୁନି ଯୋଗାଶ୍ରମରେ ଶିବମୁନିଜୀଙ୍କର୧୪୨ତମ ଜନ୍ମଜୟନ୍ତୀ ପାଳନ

ରୂପସା , ୦୭/୧୦ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମରେ ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜର ପ୍ରତିଷ୍ଠାତ। ଆଦିମୁନିଶ୍ୱର ଯୋଗେଶ୍ୱର ଶିବମୁନିଙ୍କର ୧୪୨ତମ ଜନ୍ମଜୟନ୍ତୀ, ଆଜିର ମୁଖ୍ୟ ଅତିଥି, ଜିଲ୍ଲା ଅଧକ୍ଷ ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ, ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତ ମୁନିଜୀଙ୍କ କରକମଳରେ ସତ୍ୟପତାକା ଉତ୍ତୋଳନ କରାଯାଇ, ପ୍ରାନ୍ତୀୟ ସହ ସମ୍ପାଦକ ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନିଜୀଙ୍କ ସଭାପତିତ୍ୱରେ ମହାସମାରୋହରେ ପାଳିତ ହୋଇଯାଇଛି ।ସମ୍ମାନୀତ ଅତିଥି ହିସାବରେ ଯୋଗଦାନ କରିଥିଲେ ଆଶ୍ରମର ବରିଷ୍ଠ ଯୋଗସାଧକ ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନି ଜୀ ମହୋଦୟ । ପଞ୍ଚ ପରିଚାଳନା କରିଥିଲେ ଆଶ୍ରମର କୋଷାଧକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରୀଚରଣ ମୁନି ଜୀ



ମହୋଦୟ ଓ ସମ୍ମାନୀତ ଅତିଥି ହିସାବରେ ଯୋଗଦାନ କରିଥିଲେ ମୁନିରାଜ ଅମୂଲ୍ୟ ମୁନିଜୀ ମହୋଦୟ ଏବଂ ଆତ୍ମଜ୍ଞାନୀ ଯୋଗଶିକ୍ଷୟତ୍ରୀ କଲ୍ପନା ମିସ୍ତ୍ରୀ ମହୋଦୟା । ଗୁରୁ ବନ୍ଦନା ସଙ୍ଗୀତ ଗାନ କରିଥିଲେ ମୁନିମତୀ ଶକୁନ୍ତଳା ପରିଡା ଏବଂ ଯମୁନା ପାତ୍ର । ଉପସ୍ଥିତ ଥିଲେ- ଉପାଧ୍ୟକ୍ଷା ମୁନିରାଜ୍ଞୀ କନକଲତା ମହାପାତ୍ର, ସନ୍ଧ୍ୟାରାଣୀ ପାଳ, ବିମଳାଲେଙ୍କା, ମୁନିମତୀ ବାସନ୍ତୀ ମହାଳିକ, ସରସ୍ୱତୀ ନନ୍ଦ, ଗୌରୀ ସାହୁ, ମମତା ମହାପାତ୍ର, କାଞ୍ଚନ ସାହୁ, କୁନି ମାଝି, ନୟନା ବେହେରା, ମିନତୀ ବର, ସୀତା ବେହେରା, ଆରତୀ ଗିରି, ମମତା ରାଉତ, ସୁଷମା ପରିଡା, କୈକେଇଜେନା,ସିବାନୀ ଜେନା, ଜାହ୍ନବୀ ଗିରି, ମୁନି କୁମାରୀ ମିନତୀ ଦଳାଇ ଏବଂ ମୁନିରାଜ ଗୌରହରି ବାରିକ, ମୁନି ରଘୁନାଥ ବେହେରା, ଜଗଦୀଶ ପରିଡା, ସିନ୍ଧୁସିଂ, ଗଜେନ୍ଦ୍ର ପରିଡା, ଅନାମ ମୁର୍ମୁ, ଶିବ ସିଂ, ହୃଷିକେଶ ପରିଡ଼ା, ସୁଦର୍ଶନ ବର, ଭଗବାନ ଜେନା, ନାରାୟଣ ସରେନ୍,ଜନ୍ମେଞ୍ଜୟ ପରିଡା, ଯୋଗେନ୍ଦ୍ରେ ବେହେରା, ଶାନ୍ତନୁ କୁମାର ମିସ୍ତ୍ରୀ ଏବଂ ମୁନିକୁମାର ତ୍ରିଶାନ୍ ମିସ୍ତ୍ରୀ ପ୍ରମୁଖ ।ଶିବ ମୁନିଜୀଙ୍କର ଜୀବନୀ, ଦର୍ଶନ ଏବଂ ସିଦ୍ଧାନ୍ତ ଉପରେ ଆଲୋକପାତ କରାଯାଇଥିଲା । ଶେଷରେ ଆଶ୍ରମର କୋଷାଧ୍ୟକ୍ଷ ଯୋଗୀ ଭିକାରୀ ଚରଣ ମୁନି ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

# ଯୁବପରିବେଶବିତ୍ ମନୋରଞ୍ଜନ ଦାସ 'ମୁଖ୍ୟମନ୍ତ୍ରୀ ବନ୍ୟଜୀବ' ସମ୍ମାନରେ ସମ୍ମାନିତ

ନୀଳଗିରି, ୦୭/୧୦ (ନି.ପ୍ର): ଓଡ଼ିଶା ସରକାରଙ୍କ ଜଙ୍ଗଲ , ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ୨୦୨୫ମସିହା ୭୧ତମ ଜିଲ୍ଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ କୁରୁଡ଼ା ସ୍ଥିତ ବାଲେଶ୍ୱର ବନ୍ୟପ୍ରାଣୀ ବନଖଣ୍ଡ ମୁଖ୍ୟକାର୍ଯ୍ୟାଳୟରେ ୭ତାରିଖ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୀଳଗିରିର ଯୁବ ଉଦ୍ୟୋଗୀ,ପରିବେଶବିତ ତଥା ଫରେଷ୍ଟଗାଇଡ ମନୋରଞ୍ଜନ ଦାସଙ୍କୁ ପରିବେଶ, ବନ୍ୟଜୀବ ସୁରକ୍ଷା ସହିତ ପ୍ରଜାସଚେତନତା ଏବଂ ପରିବେଶ ସମ୍ବନ୍ଧୀୟ ତାଙ୍କର ଦୃଢ଼ ପଦକ୍ଷେପ ପାଇଁ ଆଜି ଜିଲ୍ଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏବଂ ଜିଲ୍ଲା ବନଖଣ୍ଡ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକ



ସମ୍ମାନିତ କରିଛନ୍ତି ।କୁଳଡିହା ଅଭୟାରଣ୍ୟ ଏବଂ ଆଖପାଖ ଅଞ୍ଚଳରେ ବନ୍ୟଜୀବ ସୁରକ୍ଷା ପ୍ରଜାସଚେତନତା ଏବଂ ପରିବେଶ ସମ୍ବନ୍ଧୀୟ ଅତୁଳନୀୟ ଅବଦାନପାଇଁ ଶ୍ରୀଯୁକ୍ତ ଦାସଙ୍କୁ'ମୁଖ୍ୟମନ୍ତ୍ରୀ ବନ୍ୟଜୀବ ସମ୍ମାନ'ରେ ସମ୍ମାନୀତ କରାଯାଇଛି ।ତେବେ ଆଜିର ଅସନ୍ତୁଳିତ ପରିବେଶକୁ ସୁଧାରପାଇଁ ଯେଉଁମାନେ ପ୍ରକୃତି, ବନ୍ୟଜୀବ ସହ ସମନ୍ୱୟ ସୃଷ୍ଟିକରି ସୁସ୍ଥ ଏବଂ ସୁନ୍ଦରପରିବେଶ ପାଇଁ ସର୍ବଦା ଚେଷ୍ଟିତ ଅଛନ୍ତି ସେମାନଙ୍କୁ ଏଭଳି ସମ୍ମାନ ମିଳିବାପରେ ଅଧିକ ଉତ୍ସାହିତ କରିବବୋଲି ଶ୍ରୀଯୁକ୍ତ ଦାସ ନିଜ ପ୍ରତିକ୍ରିୟାରେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବନ୍ୟଜୀବ ସୁରକ୍ଷା, ଜୀବ ବିବିଧତା, ସଂରକ୍ଷଣ ଓ ମାନବ ପ୍ରକୃତି ସମନ୍ୱୟ ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିବା ବେଳେ ଜିଲ୍ଲାପାଳଙ୍କ ସମେତ ଜିଲ୍ଲା ବନଖଣ୍ଡ ଅଧିକାରୀ, ଅତିରିକ୍ତ ପୋଲିସ ସୁପରିଟେଣ୍ଡେଣ୍ଟ, ମତ୍ସ୍ୟବିଭାଗର ଅଧିକାରୀଙ୍କ ସହ ବହୁ ପରିବେଶପ୍ରେମୀ, ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

## ୧୩ରେ ଦିଲ୍ଲୀରେ ହେବ ମହାନଦୀ ପାର୍ଲିଆମେଂଟ

ଭୁବନେଶ୍ୱର, ୦୭/୧୦ (ନି.ପ୍ର): ଆସନ୍ତା ୧୩ ରେ ଦିଲ୍ଲୀ ରେ ହେବ ମହାନଦୀ ପାର୍ଲିଆମେଣ୍ଟ। ମହାନଦୀ ବଂଚାଅ ଆନ୍ଦୋଳନ ପକ୍ଷରୁ ନୂଆ ଦିଲ୍ଲୀରେ ମହାନଦୀ ଜଳ ବିବାଦ ସମାଧାନ ସୂତ୍ର ନେଇ ହେବ ମାନସ ମନ୍ଥନ। ଏଥିରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପୂର୍ବତନ ମୁଖ୍ୟ ବିଚାରପତି ଭି ଗୋପାଳ ଗୌଡ ସଭାପତିତ୍ୱ କରିବେ। ମହାନଦୀ ପାର୍ଲିଆମେଂଟ ରେ ଜଳ ମାନବ ରାଜେନ୍ଦ୍ର ସିଂ, ଙ୍କ ସହ ସୁପ୍ରିମ କୋର୍ଟର ବହୁ ଆଇନଜୀବୀ, ବିଜେପି, ବିଜେଡ଼ି, ବାମପନ୍ଥୀ ଏ ବହୁ ସାଂସଦଙ୍କ ସହ ଦେଶ ର ବିଭିନ୍ନ ନଦୀ ଜଳ ସୁରକ୍ଷା ସଂଗଠନର କର୍ମକର୍ତ୍ତା ଯୋଗ ଦେବେ। ଓଡ଼ିଶା ଓ ଛତିଶଗଡ ମଧରେ ମହାନଦୀ ଜଳ ବିବାଦ ନେଇ ଆପୋଷ ସମାଧାନ ପାଇଁ ପ୍ରୟାସ କରାଯାଉଛି। ସାରା ଭାରତ ରେ ନଦୀ ଜଳ ବିବାଦ ନେଇ ୯ ଟି ଟ୍ରିବୁନାଲ ହୋଇଛି।

# ଡାକ୍ତରଖାନା ଶୌଚାଳୟରେ ଯୁକ୍ତଦୁଇ ଛାତ୍ରୀଙ୍କ ପ୍ରସବ: ମା' ଓ ନବଜାତକଙ୍କୁ ଏସଏନସିୟୁ ସ୍ଥାନାନ୍ତର

ବେତନଟୀ, ୭/୧୦(ନି.ପ୍ର) : ବୈଶିଙ୍ଗା ଥାନା ଇଲାକାର ଜନୈକା ନାବାଳିକା ଛାତ୍ରୀ ବେତନଟୀ ଡାକ୍ତରଖାନାରେ ସୋମବାର ଅପରାହ୍ନରେ କନ୍ୟାସନ୍ତାନ ପ୍ରସବ କରିଥିବା ବେଳେ ଗୁରୁତର ନବଜାତକଙ୍କ ସମେତ କୁଆଁରୀ ମା'କୁ ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନାସ୍ଥିତି ଏସଏନସିୟୁକୁ ସଙ୍ଗେସଙ୍ଗେ ସ୍ଥାନାନ୍ତରିତ କରାଯାଇଛି। ସୂଚନା ମୁତାବକ ବୈଶିଙ୍ଗା ଥାନା ଇଲାକାର ଜନୈକା ନାବାଳିକା ଛାତ୍ରୀ ବେତନଟୀର ଏକ ଘରୋଇ ଛାତ୍ରୀନିବାସରେ ରହି ଯୁକ୍ତଦୁଇ ପାଠ ପଢୁଥିଲେ । ତେବେ ସୋମବାର ପୀଡିତାଙ୍କୁ ଭୀଷଣ ଜ୍ୱର ସାଙ୍ଗକୁ ଅସହ୍ୟ ପେଟଯନ୍ତ୍ରଣା ହୋଇଥିଲା। ତାଙ୍କୁ ସଙ୍ଗେସଙ୍ଗେ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଯିବା ସହିତ ଘରଲୋକଙ୍କୁ ଖବର ଦିଆଯାଇଥିଲା। ଗୁରୁତର ନାବାଳିକାଙ୍କ ସ୍ୱାସ୍ଥ୍ୟପରୀକ୍ଷାକରି ସଙ୍ଗେ ସଙ୍ଗେ ଡାକ୍ତରଖାନା ପକ୍ଷରୁ ଆବଶ୍ୟକ ଔଷଧ ମଧ ଦିଆଯାଇଥିଲା । ଏହାପରେ ପୀଡିତା ଜଣକ ବେତନଟୀ ଡାକ୍ତରଖାନା ଶୌଚାଳୟକୁ ପରିସ୍ରା କରିବାକୁ ଯାଇଥିବା ବେଳେ ସେଠାରେ କନ୍ୟାସନ୍ତାନ ପ୍ରସବ କରିଥିଲେ। ନବଜାତକର ଓଜନ ଏକ କିଲୋଗ୍ରାମ ଅଢେଇଶହ ଗ୍ରାମ ହୋଇଥିବା ବେଳେ ପୀଡିତା ୬ମାସର ଗର୍ଭବତୀ ହୋଇଥିବା ନେଇ ଡାକ୍ତରଖାନା କର୍ତ୍ତୃପକ୍ଷ ଅନୁମାନ କରୁଛନ୍ତି। ଖବରପାଇ ଘରଲୋକେ ବେତନଟୀ ଡାକ୍ତରଖାନାରେ ପହଞ୍ଚିଥିଲେ । ତେବେ ନବଜାତକ ଲୋ ବାର୍ଥ ୱେଟ(ଏଲବିଡବ୍ଲ୍ୟୁ) ବା ସ୍ୱାଭାବିକ ଠାରୁ ଯଥେଷ୍ଟ କମ ଓଜନର ଏବଂ ପ୍ରସବ ପାଇଁ ଧାର୍ଯ୍ୟ ସ୍ୱାଭାବିକ ସମୟର ଯଥେଷ୍ଟ ପୂର୍ବରୁ ପ୍ରସବ ହୋଇଥିବାରୁ ଗୁରୁତର ନବଜାତକଙ୍କ ସମେତ ନାବାଳିକା ମା'କୁ ସଙ୍ଗେସଙ୍ଗେ ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଗୁରୁତର ନବଜାତ ଶିଶୁକନ୍ୟାକୁ ଏସଏନସିୟୁରେ ରଖାଯାଇଥିବା ବେଳେ ନାବାଳିକା ମା' ମଧ ସେଠାରେ ଚିକିତ୍ସାଧୀନ ରହିଛନ୍ତି। ଏନେଇ ବେତନଟୀ ଡାକ୍ତରଖାନା ପକ୍ଷରୁ ଡ. ବର୍ଷା ପ୍ରିୟଦର୍ଶିନୀ ଜେନ ବେତନଟୀ ଥାନାକୁ ଲିଖି ଭାବରେ ଅବଗତ କରାଇଥିବା ବେଳେ ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ନେଇ ବେତନଟୀ ଥାନା ଆଇଆଇସି ସସ୍ମିତା ମହାନ୍ତ ଅତ୍ୟନ୍ତ ସତର୍କତାର ସହିତ ତଦନ୍ତ ଆରମ୍ଭ କରିଛନ୍ତି ।

# ଅମର୍ଦ୍ଦାରୋଡ ଲକ୍ଷ୍ମୀ ମାର୍କେଟର ଗଜଲକ୍ଷ୍ମୀ ପୂଜାର ରଜତ ଜୟନ୍ତୀ ପାଳିତ

ବସ୍ତା ୭/୧୦(ନିପ୍ର):ବସ୍ତା ବ୍ଲକ ଅଞ୍ଚଳରେ ମା' ଗଜ ଲକ୍ଷ୍ମୀପୂଜା ଉତ୍ସବ ମୁଖର ହୋଇଉଠିଛି। ଅମର୍ଦ୍ଦାରୋଡ ନଟାକଟା ପଞ୍ଚାୟତର ଗେଟ ବଜାରର ଲକ୍ଷ୍ମୀପୂଜା, ଅମର୍ଦ୍ଦାରୋଡ ସାର୍ବଜନୀନ ଲକ୍ଷ୍ମୀ ପୂଜା ଓ ଲକ୍ଷ୍ମୀ ମାର୍କେଟରେ ଲକ୍ଷ୍ମୀ ପୂଜା କମିଟି ଆନୁକୂଲ୍ୟରେ ରଜତ ଜୟନ୍ତୀ ମହାସମାରୋହରେ ପାଳିତ ହେଉଛି।ଚଳିତ ବର୍ଷ ଲକ୍ଷ୍ମୀ ମାର୍କେଟର ଗଜଲକ୍ଷ୍ମୀ ପୂଜା ୨୫ ବର୍ଷ ପଦାର୍ପଣ ହୋଇଛି।ପ୍ରଥମେ କମିଟିର ସଦସ୍ୟ ମାନେ କେଣ୍ଡେଲ ଜାଳି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ।ତେବେ ଲକ୍ଷ୍ମୀ ମାର୍କେଟ କମିଟିର ରଜତ ଜୟନ୍ତୀ ଉପଲକ୍ଷେ ୬ ତାରିଖ ଠାରୁ ୧୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ବନ୍ଧୁମିଳନ କାର୍ଯ୍ୟ କ୍ରମ ଅନୁଷ୍ଠିତ ହେବାର ଅଛି ବୋଲି କମିଟି ପ୍ରକାଶ କରିଛନ୍ତି।ପ୍ରତି ବର୍ଷ ପରି ଚଳିତ ବର୍ଷ ଦେବୀ ଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତିକୁ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜା ଅର୍ଚ୍ଚନା କରାଯାଇଥିଲା।ବସ୍ତା ବ୍ଲକ ବିଭିନ୍ନ ଅଞ୍ଚଳ ସମେତ ଅମର୍ଦ୍ଦାରୋଡର ବିଭିନ୍ନ ମଣ୍ଡପ କର୍ତ୍ତୃପକ୍ଷଙ୍କ ପକ୍ଷରୁ ମା'ଙ୍କ ପୁଜା ମଣ୍ଡପକୁ ରଙ୍ଗକୁ ରଙ୍ଗିନଗିତ କରିବା ସହିତ ଆଲୋକମାଳା ସହ ସୁସଜ୍ଜିତ କରାଯାଇଛି। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୋଲିସ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ବସ୍ତା ଆଇ ଆଇ ସି ରଞ୍ଜିତ ସାହୁ ପ୍ରକାଶ କରିଛନ୍ତି।



# ଅନୁଷ୍ଠିତ ହେଲା ଡ. ରମାକାନ୍ତ ବେହେରା ସାରସ୍ୱତ ଓ ସାଂସ୍କୃତିକ ପରିଷଦର ତୃତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଏବଂ ଡ. ବେହେରାଙ୍କ ୮୪ତମ ଜୟନ୍ତୀ



ବାଲେଶ୍ୱର, ୦୭/୧୦ (ନି.ପ୍ର): ବିଶିଷ୍ଟ ସାହିତ୍ୟିକ ଡ. ରମାକାନ୍ତ ବେହେରାଙ୍କ ୮୪ତମ ଜୟନ୍ତୀ ସମାରୋହ ସମେତ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଡ. ରମାକାନ୍ତ ବେହେରା ସାରସ୍ୱତ ଓ ସାଂସ୍କୃତିକ ପରିଷଦର ତୃତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ ତାଙ୍କର ମହତଦାନରେ ଗଢ଼ିଉଠିଥିବା ବିକାଶ ନଗର ଅଙ୍ଗାରଗଡ଼ିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଫକୀରମୋହନ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌?ଘାଟନ କରି ଡ. ବେହେରାଙ୍କ ଦୀର୍ଘ ସଂଗ୍ରାମଶୀଳ ସାଧନାମୟ ଜୀବନ ଅନ୍ୟମାନଙ୍କ ପାଇଁ କେବଳ ପ୍ରେରଣା ଯୋଗାଏ ନାହିଁ ବରଂ ତାଙ୍କୁ ଅନୁସରଣ କରି ନିର୍ଭୀକ, ଆଦର୍ଶ, ନୀତିନିଷ୍ଠ ବ୍ୟକ୍ତିତ୍ୱ ନିର୍ମାଣ ଦିବସରେ ଆଲୋକସ୍ତମ୍ଭ ଭଳି ସଦା ପ୍ରତୀୟମାନ ହୁଅନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଡ. ବେହେରାଙ୍କ ଲିଖିତ ଏକ ନୂତନ ପୁସ୍ତକ 'ଆଜାଙ୍କ ଜ୍ଞାନ ବିଜ୍ଞାନ ଚର୍ଚ୍ଚା' ଏବଂ କବି ସୁକୁମାର ଦାସଙ୍କ ଲିଖିତ 'ସାଧନାଳୟର ସାଧକ ଡ. ରମାକାନ୍ତ ବେହେରାଙ୍କ ସାଧନାଲେଖ୍ୟ ତଥା ନିତ୍ୟାନନ୍ଦ ପାଣିଗ୍ରାହୀଙ୍କ ରଚିତ ଦେଶାତ୍ମବୋଧକ ସଂଗୀତ ସଂକଳନ 'ସ୍ୱରାଜ୍ୟ ସଂଗୀତ'କୁ ମୁଖ୍ୟ ଅତିଥି ପ୍ରଫେସର ତ୍ରିପାଠୀ ଉନ୍ମୋଚନ କରିଥିଲେ। ବରେଣ୍ୟ ଅତିଥି ଭାବେ ଯୋଗ ଦେଇ କବି ସୁକୁମାର ଦାସ ତାଙ୍କ ଲିଖିତ ଡ. ବେହେରାଙ୍କ କୃତି ଓ କୀର୍ତ୍ତିର ଆଲୋକପାତ କରିଥିଲେ। ଏହି ଅବସରରେ ପୂର୍ବ ବର୍ଷମାନଙ୍କ ଭଳି ତୃତୀୟ ବର୍ଷରେ ପାଞ୍ଚଜଣ ଲବ୍ଧ ପ୍ରତିଷ୍ଠିତ ସାରସ୍ୱତ ସାଧକଙ୍କୁ ପରିଷଦ ପକ୍ଷରୁ ସମ୍ମାନ ଅର୍ପଣ କରାଯାଇଥିଲା। ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ପୁହାଁଣ, ଡକ୍ଟର କୁମାର ଚନ୍ଦ୍ର ମିଶ୍ର, ପ୍ରଫେସର ଡକ୍ଟର ଦେବାଶିଷ ପାତ୍ର, ଡକ୍ଟର ସିନ୍ଧୁ ସେନ୍ ଏବଂ ଚିତ୍ରାରାଣୀ ପାତ୍ରଙ୍କୁ ଉପାୟନ ଓ ପ୍ରଶସ୍ତି ଫଳକ ସହ ସମ୍ମାନ ଅର୍ପଣ କରାଯାଇଥିଲେ। ଟ୍ରଷ୍ଟର ପ୍ରତିଷ୍ଠାତା ଡ. ରମାକାନ୍ତ ବେହେରାଙ୍କୁ ୮୪ତମ ଜୟନ୍ତୀରେ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଉପଢ଼ୌକନ, ଉପାୟନ ଦେଇ ସମ୍ବର୍ଦ୍ଧିତ କରିଥିଲାବେଳେ ଶିଶୁ ମନ୍ଦିରର ଗୁରୁମା ମାନେ ଜନ୍ମ ବାସରୀୟ ଅଭିନନ୍ଦନ ଗୀତିକାଗାନ କରିଥିଲେ। ଟ୍ରଷ୍ଟର ସଂପାଦକ ଡକ୍ଟର କାଳୀପଦ ପଣ୍ଡା ବାର୍ଷିକବିବରଣୀ ପାଠ ସହ ତିନିବର୍ଷ ମଧ୍ୟରେ ଟ୍ରଷ୍ଟ ଦ୍ୱାରା ସଂପାଦିତ ବିବିଧ କାର୍ଯ୍ୟର ସୂଚନା ଦେଇ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ଅଧ୍ୟାପକ ଡକ୍ଟର ପ୍ରଦୀପ୍ତ କୁମାର ମିଶ୍ର ଉତ୍ସବକୁ ସଂଚାଳନା କରିଥିଲା ବେଳେ କୋଷାଧ୍ୟକ୍ଷ ଡକ୍ଟର ମଧୁସୂଦନ ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ମାନପତ୍ର ପାଠ ସହ କାର୍ଯ୍ୟକ୍ରମର ସହାୟତା କରିଥିଲେ ଟ୍ରଷ୍ଟି ଡକ୍ଟର ସୁବର୍ଣ୍ଣ କେଶରୀ ସାମଲ, ଡକ୍ଟର ଅର୍ଚ୍ଚନା ବେହେରା, ନାରାୟଣ ସିଂହ, ଅନସୂୟା ପ୍ରଧାନ, ଅନ୍ନପୂର୍ଣ୍ଣା ଜେନା, ଜଗନ ମୋହନ ପ୍ରଧାନ, ପ୍ରୀତି ସଂଚୟିତା ଦାସ, ଅଂଜଳି ଦାସଙ୍କ ସମେତ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ, ଗୁରୁଜୀ ଓ ଗୁରୁମାବୃନ୍ଦ।

# ହାଇକୋର୍ଟ ନିର୍ଦ୍ଦେଶକୁ ପାଳନ କରିବା, ପୁନଶ୍ଚ ନିଯୁକ୍ତି ବନ୍ଦ ପାଇଁ ଦାବିପତ୍ର ପ୍ରଦାନ

ବାଲିଆପାଳ , ୦୭/୧୦ (ନି.ପ୍ର): ନିଖିଳ ଓଡ଼ିଆ ଜୀବିକା ମିଶନ ଇସି ସଂଘ ବାଲିଆପାଳ ଶାଖା ପକ୍ଷରୁ ସୋମବାର ପୂର୍ବାହ୍ନରେ ବିଭିନ୍ନ ଦାବି ନେଇ ବାଲିଆପାଳ ଡାକବଙ୍ଗଳା ଠାରୁ ଏକ ରାଲି ବାହାରି ବ୍ଲକ କାର୍ଯ୍ୟାଳୟ ରେ ପହଞ୍ଚି ଥିଲା।ମିଶନ ଶକ୍ତିର ସଚିବ ଶାଳୀନି ପଣ୍ଡିତଙ୍କ ଉଦ୍ଦେଶ୍ୟରେ ବାଲିଆପାଳ ବିଡିଓଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ ପ୍ରମୁଖ ଦାବି ଗୁଡିକ ହେଲା ମାନ୍ୟବର ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶକୁ କାର୍ଯ୍ୟକାରି କରିବା ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀ ସଘଂର ଇସି ,ସଭାପତି ଏବଂ ସମ୍ପାଦକ ପଦବୀ ଗୁଡିକରେ ପୁନଶ୍ଚ ନିଯୁକ୍ତି ପ୍ରକ୍ରିୟାକୁ ସ୍ଥଗିତ ରଖିବା। ସୁଚନାରୁ ପ୍ରକାଶ ରାଜ୍ୟରେ ନୂତନ ସରକାର ଆସିବା ପରେ ମିଶନ ଶକ୍ତି ଗ୍ରୁପ ଗୁଡ଼ିକର ପୁର୍ଣ ଗଠନ ପାଇଁ ତତ୍ପରତା ପ୍ରକାଶ ପାଇବା ପରେ କାର୍ଯ୍ୟରତ ଥିବା ଇସି ମେମ୍ବର ମାନଙ୍କୁ ପକ୍ଷରୁ ଦୃଢ଼ ପ୍ରତିବାଦ କରାଯାଇଥିଲା। ମହିଳାଙ୍କ ବିରୋଧକୁ ଖାତିର ନକରି ସରକାର ପୁନଶ୍ଚ ନିଯୁକ୍ତି ତ୍ୱରାନ୍ୱିତ କରିଥିଲେ। ଏହାକୁ ବିରୋଧ କରି ନିଖିଳ ଓଡ଼ିଆ ଜୀବିକା ମିଶନ ଇସି ସଂଘ ପକ୍ଷରୁ ଓଡ଼ିଆ ହାଇକୋର୍ଟରେ ଅପିଲ କରିଥିଲେ। ହାଇକୋର୍ଟ ଏହାକୁ ଗୁରୁତ୍ୱର ସହକାରେ ବିଚାରକୁ ନେଇ ୧୭/୪/୨୦୨୫ ରେ ପୁନଶ୍ଚ ଗଠନ ପ୍ରକ୍ରିୟାକୁ ବନ୍ଦ ପାଇଁ ରହିତାଦେଶ ଜାରି କରିଥିଲେ।ରହିତା ଦେଶ ପାଇବା ପରେ ମିଶନ ଶକ୍ତି ପକ୍ଷରୁ ୧୯/୯/୨୦୨୫ ରିଖ ହାଇକୋର୍ଟ ଙ୍କ ଦ୍ୱାରସ୍ଥ ହୋଇ ପୁନଶ୍ଚ ଗଠନ ପ୍ରକ୍ରିୟାକୁ କାର୍ଯ୍ୟ କାରୀ ନକରିବା ପାଇଁ ବିଭାଗ ପକ୍ଷରୁ ଏକ ଲିଖିତ ଜବାବ ଦିଆଯାଇଥିଲା। ମାତ୍ର ଏବେ ହାଇକୋର୍ଟଙ୍କ ନିର୍ଦ୍ଦେଶ କୁ ନମାନି ପୁନଶ୍ଚ ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ କାର୍ଯ୍ୟରତ ଇସି ସଂଘ ପକ୍ଷରୁ କ୍ଷୋଭ ପ୍ରକାଶ କରିବା ସହିତ ବିଡିଓ ଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ରାଲିରେ ସଂଘ ବ୍ଲକ ସଭାପତି ପ୍ରଭାତି ସାହୁ, ସମ୍ପାଦିକା ସ୍ନେହଲତା ବେହେରା, ତପସ୍ୱିନୀ କର,କାଞ୍ଚନ ବାଳା ବାରିକ, ରେବତୀ ମହାନ୍ତି, ଦେବଯାନୀ ଦାସ, ରେବତୀ ମହାନ୍ତି, ବାସନ୍ତୀ ବାରିକ, ସୁଶାନ୍ତି ବେହେରା, ଜୟନ୍ତୀ ଖମାରି ପ୍ରମୁଖ ନେତୃତ୍ୱ ନେଇଥିଲେ। ଏଥିରେ ବ୍ଲକର ଶତାଧିକ ଇସି ମେମ୍ବର ଯୋଗଦେଇ ଥିଲେ।

## ଜଗନ୍ନାଥଧାମ ପୁରୀରୁ ଫେରିବା ବାଟରେ ବୃଦ୍ଧ ନିଖୋଜ

ନୀଳଗିରି , ୦୭/୧୦ (ନି.ପ୍ର): ସ୍ତ୍ରୀ ପୁଅଙ୍କ ସହିତ କାଳିଆଦର୍ଶନ ପାଇଁ ପୁରୀ ଆସି ଘରକୁ ଫେରିପାରିନାହାନ୍ତି ବରହମପୁର ଥାନା ଧରମପୁର ଅଞ୍ଚଳର ବୃଦ୍ଧ ସନାତନ ବେହେରା। ସୂଚନା ଅନୁଯାୟୀ ସନାତନ(୭୮), ତାଙ୍କ ସ୍ତ୍ରୀ ଏବଂ ପୁଅ ଚିତ୍ତରଞ୍ଜନ ସହିତ ପୁରୀ ଜଗନ୍ନାଥ ଦର୍ଶନରେ ଯାଇଥିଲେ। ୬ତାରିଖ ପୁରୀ ପାଟଣା ଏକ୍ସପ୍ରେସ ଯୋଗେ ବାଲେଶ୍ୱର ଫେରୁଥିବା ବେଳେ ସାକ୍ଷୀଗୋପାଳ ଷ୍ଟେସନ ନିକଟରେ ଟ୍ରେନ ଅଟକିଥିବା ବେଳେ ସନାତନ ଟ୍ରେନରୁ କୌଣସି କାରଣପାଇଁ ଓହ୍ଲାଇ ପଡିଥିଲେ। ହଠାତ୍ ଟ୍ରେନ ଛାଡିଦେବାରୁ ବୃଦ୍ଧଜଣକ ରହିଯାଇଥିଲେ। ପୁଅ ଚିତ୍ତରଞ୍ଜନ ଖୋର୍ଦ୍ଧା ଷ୍ଟେସନରେ ଓହ୍ଲାଇ ସାକ୍ଷୀଗୋପାଳ ଯାଇ ବହୁ ଖୋଜାଖୋଜି କରିଥିଲେ ହେଁ ପାଇନଥିଲେ। ଶେଷରେ ସତ୍ୟବାଦୀ ଥାନାରେ ବାପାଙ୍କ ନିଖୋଜ ନେଇ ଜଣାଇଥିଲେ। ତେବେ ସତ୍ୟବାଦୀ ପୋଲିସଙ୍କୁ ଉଦ୍ଧାର କରିବାପାଇଁ ନିବେଦନ କରିବା ସହିତ ଯଦି କୌଣସି ସହୃଦୟ ବ୍ୟକ୍ତି ତାଙ୍କ ବାପାଙ୍କର ଖବର ପାଆନ୍ତି ତେବେ ୭୫୦୪୨୯୧୧୬ ମୋବାଇଲ ଫୋନରେ ଯୋଗାଯୋଗ କରିବାପାଇଁ ଅନୁରୋଧ ଜଣାଇବା ସହିତ ବାପାଙ୍କର ସାମାନ୍ୟ ମୁଣ୍ଡଦୋଷ ଥିବା କହିଛନ୍ତି।

# "ବୁଡାମରା-ଚାକୁଳିଆ' ନୂତନ ବ୍ରଡ଼ଗେଜ ରେଳ ଲାଇନ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ପାଇଁ ପ୍ରକ୍ରିୟା ଆରମ୍ଭ

ବାରିପଦା, ୦୭/୧୦ (ନି.ପ୍ର): ୧୯୮୯ ମସିହାର ରେଳବାଇ ଆଇନର ଧାରା ୨୦(କ) ଅନୁଯାୟୀ ପ୍ରାଥମିକ ଗେଜେଟ ନୋଟିଫିକେସନ୍ ରେ ସାରସକଣା ଓ ବାଙ୍ଗରିପୋଷୀ ତହସିଲ୍ ଅଧୀନରେ "ବୁଡାମରା-ଚାକୁଳିଆ' ନୂତନ ବ୍ରଡ଼ ଗେଜ ରେଳ ଲାଇନ ସଂଯୋଗୀକରଣ ପ୍ରକଳ୍ପ କାର୍ଯ୍ୟ ଅନ୍ତର୍ଗତ ସମୁଦାୟ ୫୯. ୯୬ କିମି ମଧ୍ୟରୁ ମୟୂରଭଞ୍ଜର ୧୬.୨୦ କି.ମି. ଅଂଶ ଅନ୍ତର୍ଭୁକ୍ତ କରାଯାଇଛି ଯେଉଁଥିରେ ବାଙ୍ଗରିପୋଷୀ ଓ ସାରସକଣାର ୨୩ଟି ଗ୍ରାମର ଜମି ଅଧିଗ୍ରହଣ ଆବଶ୍ୟକତା ରହିଛି। ଉକ୍ତ ପ୍ରକଳ୍ପ ସମ୍ବନ୍ଧିତ ଅଧିଗୃହୀତ ହେବାକୁ ଥିବା ଜମିର କ୍ଷତି ପୂରଣ ବଣ୍ଟନକୁ ସହଜ ଓ ସୁଗମ କରିବା ନିମନ୍ତେ ଗଜେଟ୍ ନୋଟିଫିକେସନ୍ ଅନୁସାରେ ଉକ୍ତ ଦୁଇ ତହସିଲ ଅଧିନସ୍ଥ ଗ୍ରାମଗୁଡିକର ଜମି ଅଧିଗ୍ରହଣ ସମ୍ବନ୍ଧୀୟ **RoR** (ଖତିଆନ)ରେ **Suo Motto** (ନିଜ ଇଛା ମୁତାବକ) **Column**-୨ର ସଂଶୋଧନ ପ୍ରକ୍ରିୟା ରାଜସ୍ୱ ଆଇନ ଓ ନିୟମ ଅନୁପାଳନ ସହ ପ୍ରାଥମିକତା ଭିତ୍ତିରେ ଆରମ୍ଭ କରି, ଏକ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ବାଙ୍ଗରିପୋଷୀ ଓ ସାରସକଣା ତହସିଲଦାରଙ୍କୁ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲ୍ଲାବାସୀଙ୍କ ବୃହତ୍ତର ସ୍ୱାର୍ଥ ସାଧନ ତଥା ଆଗାମୀ ଦିନରେ ଜିଲ୍ଲାରେ ରେଳ ସେବାର ଉନ୍ନତି ନିମନ୍ତେ ଉକ୍ତ ଜମି ଅଧିଗ୍ରହଣ କାର୍ଯ୍ୟରେ ସହଯୋଗ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଉକ୍ତ ଅଂଚଳର ଜନସାଧାରଣଙ୍କୁ ନିବେଦନ କରାଯାଉଛି।

# ନୀଳମଣି କଲେଜର ସ୍ୱେଚ୍ଛାସେବୀ ଦେବେନ୍ଦ୍ର ଆଚାର୍ଯ୍ୟଙ୍କୁ ମୋ ଭାରତ ଜାତୀୟ ସେବା ଯୋଜନା ପୁରସ୍କାର



ବସ୍ତା , ୦୭/୧୦ (ନି.ପ୍ର): ଫକୀର ମୋହନ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ନୀଳମଣି ମହାବିଦ୍ୟାଳୟର ପ୍ରାକ୍ତନ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ଦେବେନ୍ଦ୍ର ଆଚାର୍ଯ୍ୟଙ୍କୁ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରାଳୟ ଅଧୀନ ଜାତୀୟ ସେବା ଯୋଜନାର ମୋ ଭାରତ ଜାତୀୟ ସେବା ଯୋଜନା ପୁରସ୍କାର : ୨୦୨୨-୨୩ ଭାରତର ମହାମହିମ ରାଷ୍ଟ୍ରପତି ମାନନୀୟା ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନର ଗଣତନ୍ତ୍ର ମଣ୍ଡପରେ ଆୟୋଜିତ ଏକ ବର୍ଣ୍ଣାଢ଼୍ୟ ଉତ୍ସବରେ ଅକ୍ଟୋବର ଛ ତାରିଖରେ ପ୍ରଦାନ କରିଛନ୍ତି। ସେହିଦିନ ସନ୍ଧ୍ୟାରେ ନୂଆଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିୟମସ୍ଥିତ ଜୋରା କନଭେନସନ୍ ସେଣ୍ଟରରେ ଭାରତ ସରକାରଙ୍କ ମାନ୍ୟବର ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କ ସହ ଜାତୀୟ ସେବା ଯୋଜନାର ଅଧିକାରୀମାନେ ଏକ ନୈଶ୍ୟ ଭୋଜିରେ ଯୋଗଦାନ କରି ସେଚ୍ଛାସେବୀ ମାନଙ୍କ ସହ ଭାବ ବିନିମୟ କରିବା ସହ ଭାରତର ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱେଚ୍ଛାସେବୀ ଦେବେନ୍ଦ୍ର ଆଚାର୍ଯ୍ୟ ଜାତୀୟ ସେବା ଯୋଜନା ମାଧ୍ୟମରେ ସମାଜ ସେବା ଓ ରାଷ୍ଟ୍ର ନିର୍ମାଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ପୁରସ୍କାର ପ୍ରାପ୍ତ ହୋଇଛନ୍ତି। ଶ୍ରୀମାନ ଆଚାର୍ଯ୍ୟଙ୍କ ସହ ତାଙ୍କର ମାର୍ଗଦର୍ଶକ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଓ ପିତା ଚକ୍ରଧର ଆଚାର୍ଯ୍ୟ ଏହି ପୁରସ୍କାର ବିତରଣ ଉତ୍ସବରେ ଯୋଗ ଦେବା ପାଇଁ ପୁରସ୍କାରପ୍ରାପ୍ତ ସ୍ୱେଚ୍ଛାସେବୀଙ୍କ ଅତିଥି ଭାବେ ନୂଆଦିଲ୍ଲୀ ଯାତ୍ରା କରିଥିଲେ। ସେ ନୀଳମଣି ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ଭାବେ ୨୦୨୦-୨୧ ମସିହାରୁ ୨୦୨୨-୨୩ ମସିହା ପର୍ଯ୍ୟନ୍ତ ସମାଜ ସେବାରେ ନିଜକୁ ସାମିଲ କରି ଦୃଷ୍ଟାନ୍ତ ମୂଳକ ସେବା କାର୍ଯ୍ୟ ସମ୍ପାଦନ କରିଛନ୍ତି। ସେ ୨୦୨୧-୨୨ ମସିହାରେ ଓଡ଼ିଶାର ତତ୍କାଳୀନ ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କଠାରୁ ଫକୀର ମୋହନ ବିଶ୍ୱ ବିଦ୍ୟାଳୟ ଜାତୀୟ ସେବା ଯୋଜନା ପୁରସ୍କାର ପ୍ରାପ୍ତ ହୋଇଛନ୍ତି। ସେ ମଧ୍ୟ ଓଡ଼ିଶା ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରାଳୟ ଅଧୀନ ରାଜ୍ୟ ଜାତୀୟ ସେବା ଯୋଜନା ପୁରସ୍କାର ପ୍ରାପ୍ତ ହେବା ସହ ବିଭିନ୍ନ ସମାଜ ସେବା ମୂଳକ ପୁରସ୍କାର ପ୍ରାପ୍ତ ହୋଇଛନ୍ତି। ସେ ରୂପସା ଅଞ୍ଚଳର ଭଗବାନପୁର ଗ୍ରାମର ଚକ୍ରଧର ଆଚାର୍ଯ୍ୟ ଓ ଗୀତାଞ୍ଜଳି ଆଚାର୍ଯ୍ୟଙ୍କ ପୁତ୍ର ଅଟନ୍ତି। ସେ ହୀରାପୁର ସରକାରୀ ଉଚ୍ଚ ବିଦ୍ୟାଳୟ ସମେତ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟରେ ନିଜର ଅଧ୍ୟୟନ ଜାରି ରଖିଥିଲେ। ସେ ବାଲେଶ୍ୱର ଜିଲ୍ଲା ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡାଙ୍କ ମାର୍ଗଦର୍ଶନରେ ନିଜକୁ ଗଢି ତୋଳିଛନ୍ତି ବୋଲି ସୂଚନା ପ୍ରଦାନ କରିଛନ୍ତି। ଜାତୀୟ ସେବା ଯୋଜନା ମାଧ୍ୟମରେ ରାଷ୍ଟ୍ର ନିର୍ମାଣ, ରକ୍ତଦାନ, ପରିବେଶ ସୁରକ୍ଷା, ନିଶା ନିବାରଣ, ପ୍ଲାଷ୍ଟିକ ପ୍ରଦୂଷଣ ପ୍ରତିହତ, ଦିବ୍ୟାଙ୍ଗ ମାନଙ୍କୁ ସାହାଯ୍ୟ, ଭାରତ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଗ୍ରାମାଞ୍ଚଳ ଲୋକମାନଙ୍କୁ ଅବଗତ କରାଇବା, ବାହାନଗା ଟ୍ରେନ ଦୁର୍ଘଟଣାରେ ଅନନ୍ୟ ସେବା ପ୍ରଦାନ କରି ସମାଜସେବା କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରାଇ ପାରିଛନ୍ତି। ସେ ଜାତୀୟସ୍ତରରେ ନଦିଆସ୍ଥିତ କଲ୍ୟାଣୀ ବିଶ୍ୱବିଦ୍ୟାଳୟରେ ଆୟୋଜିତ ପୂର୍ବ ଜୋନ୍ ପ୍ରାକ୍ ଗଣତନ୍ତ୍ର ଦିବସ ପ୍ୟାରେଡ଼୍ ଶିବିର, ଭୁବନେଶ୍ୱରସ୍ଥିତ ଶିକ୍ଷା ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଜାତୀୟ ସଂହତି ଶିବିରରେ ଅଂଶଗ୍ରହଣ କରିଥିଲେ। ଭୁବନେଶ୍ୱରସ୍ଥିତ ଆୟୋଜିତ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ-୨୦୨୪ରେ ବିଶିଷ୍ଟ ବକ୍ତା ଭାବେ ବକ୍ତବ୍ୟ ପ୍ରଦାନ କରି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଉଚ୍ଚ ଶିକ୍ଷା ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ।

## ଖୁବଶୀଘ୍ର ବିଜେଡି ନୂଆପଡା ପାଇଁ ପ୍ରାର୍ଥୀ ଘୋଷଣା କରିବ: ପ୍ରମିଳା ମଲ୍ଲିକ

ଭୁବନେଶ୍ୱର, ୦୭/୧୦ (ନି.ପ୍ର): ନୂଆପଡ଼ା ଉପ ନିର୍ବାଚନ ପାଇଁ ତାରିଖ ଘୋଷଣା ହେବା ପରେ ଖୁବଶୀଘ୍ର ନୂଆପଡା ପାଇଁ ପ୍ରାର୍ଥୀ ଘୋଷଣା କରା ଯିବ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ସାମ୍ବାଦିକ ମାନଙ୍କ ସହ କଥାବାର୍ତ୍ତା ବେଳେ କହିଛନ୍ତି ଯେ, ବିଜେଡି ସଭାପତି ନବୀନ ପଟ୍ଟନାୟକ ନୂଆପଡ଼ା ପ୍ରାର୍ଥୀ ଘୋଷଣା କରିବେ। ବିଜେଡି ନିଶ୍ଚିତ ଭାବେ ନୂଆପଡାରେ ବିଜୟ ଲାଭ କରିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି। ନୂଆପଡ଼ାରେ ବିଜେଡି ପ୍ରାର୍ଥୀ ଯିଏ ହେବ ସେ ଜିତିବ।

# ଜୀ ସାର୍ଥକର ଓଡିଆ ଫିଲ୍ମ 'ଉଦ୍ଧାର କରିବୁ ସାତ ପୁରୁଷ'ର ଅଡିଓ ରିଲିଜ୍: ଆସନ୍ତା ଅକ୍ଟୋବର ରବିବାର ସନ୍ଧ୍ୟା ୬:୩୦ରେ ପ୍ରସାରଣ

ଭୁବନେଶ୍ୱର, ୦୭/୧୦ (ନି.ପ୍ର): ଜୀ ସାର୍ଥକର ସମସ୍ତ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ଓ ସୁପରହିଟ ଫିଲ୍ମ ସବୁ ଓଡିଆ ଦର୍ଶକଙ୍କ ମନ ଜିତିବାରେ ସବୁବେଳେ ସଫଳ ହୋଇଛି। ସେହିପରି ଆଉ ଏକ ନୂଆ ଫିଲ୍ମ, ଭିନ୍ନ କାହାଣୀ ନେଇ ଆସିଛି ଯାହାର ନାଁ ରହିଛି 'ଉଦ୍ଧାର କରିବୁ ସାତ ପୁରୁଷ'। ଯାହାର ଅଡିଓ ରିଲିଜ୍ କାର୍ଯ୍ୟକ୍ରମ ହୋଇଛି। ଏହି ପର୍ବରେ ଚଳଚ୍ଚିତ୍ରର ନିର୍ଦ୍ଦେଶକ ସଞ୍ଜୟ ନାୟକ, ସଙ୍ଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାଶ, କଣ୍ଠଶିଳ୍ପୀ ଚିରାଗଦୀପ, ବହୁ ଅଭିଜ୍ଞ ନିର୍ଦ୍ଦେଶକ ସଞ୍ଜୟ ନାୟକ ଏହି ଚଳଚ୍ଚିତ୍ର ନିର୍ଦ୍ଦେଶନା ଦେଇଛନ୍ତି ଏବଂ ଅଜୟ ରାଉତ ପ୍ରଯୋଜନା କରିଛନ୍ତି। ଯାହା ସାର୍ଥକରେ ଆସନ୍ତା ୧୨ ଅକ୍ଟୋବର ସନ୍ଧ୍ୟା ୬.୩୦ରେ ଦର୍ଶକ ଦେଖିବାକୁ ପାଇବେ।



ଜଣେ ଅନାଥ ମୁନାର ଜୀବନ ଯାତ୍ରାର ଏକ ରୋଚକ କାହାଣୀକୁ ନେଇ ଏହି ଫିଲ୍ମ, ଯେଉଁଥିରେ ମୃତକ ଓ ଜୀବିତ ମଣିଷର ଏକ ହୃଦୟ ସ୍ପର୍ଶୀ ଓ ଅବିଶ୍ୱସନୀୟ ମିଳନ ହୋଇଛି, ହେଲେ କିପରି ଓ କାହିଁକି ? ଏମିତି ସବୁ ପ୍ରଶ୍ନର ଉତ୍ତର ମିଳିଛି ଫିଲ୍ମର ଶେଷରେ। ଫିଲ୍ମରେ ଜ୍ୟୋତି ପଣ୍ଡା, ହେଲିନା, ପ୍ରଦ୍ୟୁମ୍ନ ଲେଙ୍କା, କେଦାର ମିଶ୍ର, ରାଜଶ୍ରୀ, ଶୁଭ୍ରାଂଶୁ ଓ ବିରେନ ମିଶ୍ରଙ୍କୁ ପ୍ରମୁଖ ବିଭିନ୍ନ ଚରିତ୍ରରେ ଦେଖିବାକୁ ମିଳିବ। ଫିଲ୍ମର କାହାଣୀଟିକୁ ଲେଖିଛନ୍ତି ସଞ୍ଜୟ ନାୟକ ଓ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଓଡ଼ିଶାର ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାଶ। ଜୀ ସାର୍ଥକ ସବୁବେଳେ ଓଡିଆ ଦର୍ଶକଙ୍କ ଚିନ୍ତାଧାରାକୁ ସବୁବେଳେ ଧ୍ୟାନରେ ରଖି ନୂଆ ଓ ଭିନ୍ନ କାହାଣୀ ସହିତ ଫିଲ୍ମ ସବୁ ଆଣିଥାଏ। ସେହିପରି ଏକ ଫିଲ୍ମ ହେଉଛି 'ଉଦ୍ଧାର କରିବୁ ସାତ ପୁରୁଷ'। ତେବେ ଏହା କେବଳ ଏକ ସାଧାରଣ ଫିଲ୍ମ ନୁହେଁ -ଏହା ଆମ ସମାଜରେ ଏକାକୀ ଜୀବନ ଗଢିବାକୁ ଚେଷ୍ଟାରତ ସମସ୍ତ ଯୁବବର୍ଗଙ୍କ ପାଇଁ ଏକ ସୁନ୍ଦର ମନଗଢା କାହାଣୀ ଯାହା ସେମାନଙ୍କୁ ଦେବ ଉତ୍ସାହ। ଆମର ସବୁ ଫିଲ୍ମ ପରି ଏହି ଫିଲ୍ମ ମଧ୍ୟ ଦର୍ଶକଙ୍କ ମନ ଜିତିବ ବୋଲି କହିଛନ୍ତି ଜୀ-ସାର୍ଥକର ଚିଫ୍ ଚ୍ୟାନେଲ୍ ଅଫିସର ରାହୁଲ ରାଓ।

# ରାସ୍ତାଟିଏ ନିର୍ମାଣ ପାଇଁ ବିଡ଼ିଓଙ୍କଠାରେ ଗୁହାରୀ ଜଣାଇଲେ ଗ୍ରାମବାସୀ

ଜଳେଶ୍ୱର , ୦୭/୧୦ (ନି.ପ୍ର): ଦେଶ ସ୍ୱାଧୀନତାର ୭୮ ବର୍ଷ ବିତିଯାଇଥିଲେ ମଧ୍ୟ ଆଜିବି ଜଳେଶ୍ୱର ପଞ୍ଚାୟତ ସମିତିର ଓଲମରା ଗ୍ରାମ ପଞ୍ଚାୟତର ମଙ୍ଗଳ ପୁର ଗ୍ରାମର ହିମାଂଶୁ ବେହେରା ଙ୍କ ଘର ଠାରୁ ଅଜୟ କୁମାର ପାତ୍ର ଘର ପର୍ଯ୍ୟନ୍ତ ୮୦୦ ମିଟର ରାସ୍ତା ଉପରେ ଆଣ୍ଠୁଏ ଲେଖାଏ କାଦୁଅ ପଚପଚ ରାସ୍ତା ଯାହା ଫଳରେ ବଡ଼ ଗାଡ଼ି ଯିବା ତ ଦୂରର କଥା ମଟର ସାଇକେଲ କିମ୍ବା ରାସ୍ତା ଚାଲି ଚାଲି ଯିବାକୁ ମଧ୍ୟ କଷ୍ଟ ସାଧ୍ୟ ହୋଇ ପଡିଛି ଛୋଟ ଛୋଟ ପିଲା ମାନେ ସ୍କୁଲ କଲେଜ ଯିବାକୁ ହେଲେ ଗୋଟାଏ ହାତରେ ବସ୍ତାନୀ ସାଙ୍ଗକୁ ଜୋତା ହାତରେ ମୁଣ୍ଡାଇ ଯିବାକୁ ପଡୁଛି କାହାର ଦେହ ଖରାପ ହେଲେ ଆମ୍ବୁଲାନ୍ସ ମଧ୍ୟ ଗାଁ ମୁଣ୍ଡରେ ଛିଡା ହୋଇ ରହୁଛି ଖଟିଆରେ ବୁହା ହେଉଛି ରୋଗୀ ଏ ନେଇ ଗ୍ରାମ ବାସୀ ମାନେ ବାରମ୍ବାର ନିର୍ବାଚିତ ପ୍ରତିନିଧି ଠାରୁ ଜନ ପ୍ରତିନିଧି ପର୍ଯ୍ୟନ୍ତ ଗୁହାରୀ କରି ସଫଳ ନ ମିଳିବାରୁ ଜଳେଶ୍ୱର ବ୍ଲକ ଉନ୍ନୟନ ଅଧିକାରୀ ଗୌରାଙ୍ଗ ଚରଣ ଘୋଷଙ୍କୁ ଗ୍ରାମର ଗୌତମ କୁମାର ଘୋଷ ଗୌରାଙ୍ଗ ବେହେରା, ତପନ ବେହେରା, ଦୀପକ ମହାନ୍ତି, ଗଜେନ୍ଦ୍ର ବେହେରା, ପ୍ରଶାନ୍ତ ବେହେରା, ପ୍ରମୁଖ ପ୍ରଶାସନକୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି ଓ ଆଗାମୀ ଦିନରେ ପ୍ରଶାସନ ଦାବି ପୂରଣ ନ କଲେ ସାମୁହିକ ଗ୍ରାମବାସୀ ରାଜ ରାସ୍ତାକୁ ଅବରୋଧ କରିବାର ଚେତାବନୀ ଦେଇଛନ୍ତି।



❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida